

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ବୁଧବାର ୧୬ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 16 MARCH 2022

Vol.No. 33 ■ No. 72 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ହିଜାବ ଧର୍ମର ପ୍ରମୁଖ ଅଂଶ ନୁହେଁ: ହାଇକୋର୍ଟ



ନୂଆଦିଲ୍ଲୀ, ୧୫/୦୩ : ହିଜାବ ବିବାଦ ମାମଲାରେ କର୍ଣ୍ଣାଟକ ହାଇକୋର୍ଟଙ୍କ ବଡ ରାୟ। ହିଜାବ ପିନ୍ଧିବା ଧର୍ମର ପ୍ରମୁଖ ଅଂଶ ନୁହେଁ ବୋଲି କହିଛନ୍ତି ହାଇକୋର୍ଟ। ହିଜାବ ବିବାଦ ମାମଲରେ ହୋଇଥିବା ଆବେଦନକୁ ଆଜି ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଶିକ୍ଷାନୁଷ୍ଠାନରେ ହିଜାବ ବ୍ୟାନକୁ ଚାଲେଞ୍ଜ କରି ହୋଇଥିବା ଆବେଦନକୁ ହାଇକୋର୍ଟର ତିନିଜଣିଆ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏଥିସହ ସ୍କୁଲ ୟୁନିଫର୍ମ ପିନ୍ଧିବାକୁ ଛାତ୍ରଛାତ୍ରୀ ମନା କରିପାରବେ ନାହିଁ ବୋଲି କଡା ଭାଷାରେ କହିଛନ୍ତି କୋର୍ଟ। ଉଡୁପିର ଏକ ସ୍କୁଲର କିଛି ଛାତ୍ରଛାତ୍ରୀ କର୍ଣ୍ଣାଟକରେ ହିଜାବ ବ୍ୟାନ୍ ହେବା ପରେ ଏହାକୁ ଚ୍ୟାଲେଞ୍ଜ୍ କରି ହାଇକୋର୍ଟରେ ମାମଲାରେ ଦାଏର କରିଥିଲେ। ଏହାକୁ ନେଇ ଫେବ୍ରୁଆରୀ ୯ ତାରିଖରେ ପ୍ରଧାନ ବିଚାରପତି ରିତୁ ରାଜ ଅବସ୍ତି, ଜଷ୍ଟିସ କୃଷ୍ଣ ଏସ ଦୀକ୍ଷିତ ଏବଂ ଜଷ୍ଟିସ ଜେଏମ ଖାଜିଙ୍କ ଏକ ବେଞ୍ଚ ଗଠନ କରାଯାଇଥିଲା। ଛାତ୍ରୀମାନେ ସେମାନଙ୍କ ଆବେଦନରେ କହିଥିଲେ ଯେ, ସେମାନଙ୍କୁ କ୍ଲାସ ଭିତରେ ମଧ ହିଜାବ ପିନ୍ଧିବାକୁ ଅନୁମତି ଦିଆଯାଉ, କାରଣ ଏହା ସେମାନଙ୍କର ଧର୍ମର ଏକ ଅଂଶ। ତେବେ ଏହି ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟଙ୍କ ଏହି ତିନି ଜଣିଆ ବେଞ୍ଚ ଖାରଜ କରିଦେଇଛନ୍ତି। ଗତ ଜାନୁଆରୀରେ ରାଜ୍ୟରେ ଉଠିଥିବା ଏହି ପ୍ରସଙ୍ଗକୁ ନେଇ ବହୁ ବିବାଦ ଦେଖିବାକୁ ମିଳିଥିଲା। ଏପରିକି କର୍ଣ୍ଣାଟକରୁ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନକୁ ଏ ବିବାଦ ବ୍ୟାପିଥିଲା। ପରେ ମାମଲା ସୁପ୍ରିମକୋର୍ଟକୁ ଯିବା ସହ ସର୍ବୋଚ୍ଚ କୋର୍ଟ ଶୁଣାଣି ପାଇଁ ଅଗ୍ରାହ୍ୟ କରିବା ସହ ଉଚିତ ସମୟରେ ହସ୍ତକ୍ଷେପ କରିବେ ବୋଲି କହିଥିଲେ। ସେପଟେ ହାଇକୋର୍ଟଙ୍କ ରାୟ ଆସିବା ପୂର୍ବରୁ ବେଙ୍ଗାଲୁରୁ ଓ ମାଙ୍ଗାଲୋରରେ ବହୁ ଲୋକ ଏକାଠି ହେବା ଉପରେ ପୁଲିସ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଥିଲା। ଉଡୁପି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଥିଲା। ଏହି ଜିଲ୍ଲାରେ ଗତକାଲି ରାତି ୮ଟାରୁ ୧୯ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଛି।

## ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ

ନୂଆଦିଲ୍ଲୀ, ୧୫/୦୩ : କର୍ଣ୍ଣାଟକାରେ ଦେଖାଯାଇଥିବା ହିଜାବ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଆଜି କର୍ଣ୍ଣାଟକା ହାଇକୋର୍ଟ ସ୍କୁଲରେ ହିଜାବ ପିନ୍ଧିବା ଉପରେ ଲାଗିଥିବା ବ୍ୟାନକୁ କାଏମ ରଖିଥିଲେ। ଏହାପରେ ଉଡୁପିର ୬ ଜଣ ମୁସଲିମ ଶିକ୍ଷାର୍ଥୀ ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁସଲିମ ଛାତ୍ରୀ ନିବା ନାଜଙ୍କ ପକ୍ଷରୁ ମଧ ଗୋଟିଏ ସ୍ପେଶାଲ ଲିଭ ପିଟିସନ ଆଗତ କରାଯାଇଛି। ଆବେଦନକାରୀ କହିଛନ୍ତି, କର୍ଣ୍ଣାଟକା ଶିକ୍ଷା ଆଇନ ଶିକ୍ଷାର୍ଥୀଙ୍କ ପାଇଁ କୌଣସି ଡ୍ରେସ କୋଡ ବାଧ୍ୟତାମୂଳକ କରିନାହିଁ। ସେହିପରି ଗୋନୀୟତାର ଅଧିକାର ମଧ୍ୟରେ ହିଜାବ ଆସୁଛି। ଏହାକୁ ହାଇକୋର୍ଟ ବିଚାରକୁ ନେଇନାହାନ୍ତି। ଧର୍ମର ସ୍ୱାଧୀନତା ଓ ବିବେକର ସ୍ୱାଧୀନତା ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାରେ ହାଇକୋର୍ଟ ତ୍ରୁଟି କରିଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମକୁ ଅନୁସରଣ ▶▶ପୃଷ୍ଠା ୭

# ଲକ୍ଷ୍ମୀସାଗର ଗଣ୍ଡଗୋଳ ଘଟଣାରେ ଶିଖର ଜେନା ଗିରଫ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ଲକ୍ଷ୍ମୀସାଗର ୱାର୍ଡ ନମ୍ବର ୩୩ରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଲକ୍ଷ୍ମୀସାଗର ପୋଲିସ୍ ଅଭିଯୁକ୍ତ ଶିଖର ଜେନାକୁ ଗିରଫ କରିଛି। ଶିଖରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ୍। ଶିଖରଙ୍କ ନାଁରେ ଆର୍ମସ୍ ଆକ୍ଟ ଓ ୩୦୭ ଧାରାରେ ମାମଲା ରୁଜୁ ହୋଇଛି। ଅନ୍ୟପଟରେ ଏହାର ପ୍ରତିବାଦରେ ଶିଖର ଜେନାର ସମର୍ଥକମାନେ ଥାନା ଘେରାଉ କରିଛନ୍ତି। ସୂଚନା ଅନୁସାରେ ଲକ୍ଷ୍ମୀସାଗର ୱାର୍ଡ ନମ୍ବର ୩୩ରେ ପ୍ରାକ୍ ନିର୍ବାଚନୀ ହିଂସା ଘଟଣାରେ ଏପର୍ଯ୍ୟନ୍ତ ବିଜେପିର ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୭ ଜଣ ବିଜେଡି କର୍ମୀ ଗିରଫ ହୋଇଛନ୍ତି। ବିଜେପି ପ୍ରାର୍ଥିନୀ ଧରିତ୍ରୀ ଜେନାଙ୍କ ଦିଅର ରାକେଶ ଜେନାକୁ ଗିରଫ ନେଇ ବିବାଦ ଦେଖାଦେଇଛି। ପ୍ରତିବାଦରେ ବିଜେପି ପକ୍ଷରୁ ସନ୍ଧ୍ୟା ସମୟରେ ଲକ୍ଷ୍ମୀସାଗର ଥାନା ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେପି ପକ୍ଷରୁ କୁହାଯାଇଛି ଯେ, ହିଂସାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ। ଅଥଚ ପୁଲିସ ନିର୍ବାଚନ ପରିଚାଳନା କରୁଥିବା ଧରିତ୍ରୀ ଜେନାଙ୍କ ଦିଅର ରାକେଶଙ୍କୁ ଗିରଫ କରି ଭୋଟରଙ୍କୁ ପ୍ରଭାବିତ କରିଛି। ତାଙ୍କୁ ତୁରନ୍ତ ଛାଡ଼ିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଜେପି ଦୃଢ଼ ଦାବି କରିଛି। ରାକେଶକୁ ଛଡ଼ାନଗଲେ ଥାନା ସମ୍ମୁଖରେ ଧାରଣା ଜାରି ରହିବ। ଦରକାର ପଡ଼ିଲେ ଆଗକୁ ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ବିଜେପି ଜିଲ୍ଲା ସଭାପତି ବାବୁ ସିଂହ ଚେତାବନୀ ଦେଇଛନ୍ତି। ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଥାନା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ମାର୍ଚ୍ଚ ୨୨ ରୁ ୨୬ ମଦ ବିକ୍ରି ଉପରେ କଟକଣା

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟରେ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ୨୨ ତାରିଖ ଠାରୁ ୨୬ ଯାଏଁ ୫ ଦିନ ପାଇଁ ସହରାଂଚଳର ମଦ ଦୋକାନଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତି ହୋଇଛି। ଏହି ପରିପ୍ରେକ୍ଷୀରେ ମଦ ଦୋକାନ, ହୋଟେଲ, ରେଷ୍ଟୁରାଂଟ, କ୍ଲବ ଆଦି ସ୍ଥାନରେ ମଦ ବିକ୍ରି ଓ ପରିବେଷଣ ଉପରେ କଟକଣା ଲାଗୁ ହେବ। ରାଜ୍ୟ ଅବକାରୀ କମିଶନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆସନ୍ତା ୨୨ତାରିଖ ଅପରାହ୍ନ ୫ଟାରୁ ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୦୬ଟି ପୌର ପରିଷଦ ଓ ଏନଏସି ଏବଂ ୩ଟି ମହାନଗର ନିଗମ(କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର)ରେ ଡ୍ରାଏ ଡେ' ଘୋଷଣା କରି ମଦ ବିକ୍ରି ଉପରେ କଟକଣା ଜାରି କରିଛନ୍ତି । ମାର୍ଚ୍ଚ ୨୨ତାରିଖ ଅପରାହ୍ନ ୫ଟାରେ ପୌର ନିର୍ବାଚନ ପ୍ରଚାର ଶେଷ ହେଉଥିବାବେଳେ ମାର୍ଚ୍ଚ ୨୪ତାରିଖରେ ଭୋଟ୍ ଓ ୨୬ତାରିଖରେ ଭୋଟ ଗଣତି ରହିଛି । ତେଣୁ ପ୍ରଚାର ଶେଷଠୁ ୨୬ତାରିଖରେ ଭୋଟ ଫଳାଫଳ ଶେଷ ପର୍ଯ୍ୟନ୍ତ ଏସବୁ ସହରାଂଚଳରେ ମଦ ବିକ୍ରି ହୋଇପାରିବ ନାହିଁ । ମଦ ଦୋକାନଗୁଡ଼ିକ ▶▶ପୃଷ୍ଠା ୭

# ଆଜିଠୁ ୧୨-୧୪ ବର୍ଷ ପିଲାଙ୍କୁ କୋଭିଡ ଟିକା



ନୂଆଦିଲ୍ଲୀ, ୧୫/୦୩ (ନି.ପ୍ର): ଆସନ୍ତାକାଲି ଅର୍ଥାତ୍ ୧୬ ମାର୍ଚ୍ଚ, ୨୦୨୨ ଠାରୁ ୧୨ରୁ ୧୪ ବର୍ଷ ବୟସ୍କ ପିଲାମାନଙ୍କୁ କୋଭିଡ ୧୯ ପ୍ରତିଷେଧକ ଟିକା ମାଗଣାରେ ଦିଆଯିବ । ଏଥିସହିତ ସମସ୍ତ ସରକାରୀ କୋଭିଡ ଟିକାକରଣ କେନ୍ଦ୍ରରେ ଜାତୀୟ ଟିକାକରଣ ଦିବସ ପାଳନ କରାଯିବ । ପିଲାମାନଙ୍କୁ ହାଇଦ୍ରାବାଦସ୍ଥିତ ବାୟୋଲୋଜିକ ଇ ଲିମିଟେଡ ଦ୍ୱାରା ବିକଶିତ କୋର୍ବେଭାକ୍ସ ଟିକା ଦିଆଯିବ । ମାର୍ଚ୍ଚ ୧୬ ତାରିଖ ପୂର୍ବାହ୍ନ ୯ଟାରୁ ଅନଲାଇନ ପଞ୍ଜୀକରଣ ମାଧ୍ୟମରେ କିମ୍ବା ସିଧାସଳଖ ଟିକାକରଣ କେନ୍ଦ୍ରକୁ ଯାଇ ହିତାଧିକାରୀମାନେ ଟିକା ନେଇପାରିବେ । ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ସହିତ ଏକ ଭିଡି କନଫରେନ୍ସ ବୈଠକ ମାଧ୍ୟମରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଶ୍ରୀ ରାଜେଶ ଭୂଷଣ ଏହି ସୂଚନା ଦେଇଛନ୍ତି । ୧୨-୧୩ ବର୍ଷ ଏବଂ ୧୩ରୁ ୧୪ ବର୍ଷ ବୟସ ବର୍ଗ ଅର୍ଥାତ୍ ଯେଉଁମାନେ ୨୦୦୮, ୨୦୦୯ ଏବଂ ୨୦୧୦ରେ ଜନ୍ମ ନେଇଛନ୍ତି ଏବଂ ୧୨ ବର୍ଷରୁ ଅଧିକ ବୟସ ଟପିସାରିଛନ୍ତି ସେମାନଙ୍କୁ ୧୬ ମାର୍ଚ୍ଚ ୨୦୨୨ ଠାରୁ କୋଭିଡ ୧୯ ଟିକା ଦେବା ଲାଗି କେନ୍ଦ୍ର ସରକାର ଗତକାଲି ନିଷ୍ପତି ନେଇଥିଲେ । ଏହା ବ୍ୟତୀତ ସବୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀମାନଙ୍କୁ ବୁଷ୍ଟର ଡୋଜ୍ ଟିକା ଦିଆଯିବାକୁ ନିଷ୍ପତି ନିଆଯାଇଥିଲା। ଏଥିପାଇଁ କୋ-ମୋର୍ବୋଡିଜ୍ ବା ପୂର୍ବ ଦୂରାରୋଗ୍ୟ ବ୍ୟାଧି ସର୍ତାବଳୀକୁ ଉଚ୍ଛେଦ କରାଯାଇଛି । ବୁଷ୍ଟର ଡୋଜ୍ ଟିକାକରଣ ପାଇଁ ସରକାର କେତେକ ନିୟମ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ ହିତାଧିକାରୀ ଯେଉଁ ଟିକାର ଦୁଇଟି ଡୋଜ୍ ନେଇଥିବେ, ଦ୍ୱିତୀୟ ଡୋଜ୍ ଟିକା ନେବାର ୯ ମାସ (୩୬ ସପ୍ତାହ) ▶▶ପୃଷ୍ଠା ୭

# କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ପରୀକ୍ଷା ମୂଲ୍ୟାୟନ ତ୍ରୁଟି ଘଟଣାର ହେଲା ସମାଧାନ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସଇ)ର ଦଶମ ଶ୍ରେଣୀ ଟର୍ମ-୧ ଓଡ଼ିଆ ପରୀକ୍ଷା ମୂଲ୍ୟାୟନ ତ୍ରୁଟି ଅଭିଯୋଗ ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ହସ୍ତକ୍ଷେପ ପରେ ସିବିଏସଇ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରାଯାଇଛି । ଏହା ଦ୍ୱାରା ୨୮ ହଜାର ୩୧୦ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ଗତ ୧୧ ତାରିଖରେ ସିବିଏସ୍ ଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷାର ଓଡ଼ିଆ ବିଷୟରେ ଛାତ୍ରଛାତ୍ରୀଙ୍କୁ କମ୍ ମାର୍କ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । ଓଡିଆ ପରୀକ୍ଷାରେ ପ୍ରଶ୍ନ ଓ ଉତରରେ ସାମଞ୍ଜସ୍ୟ ନ ଥିବା ଅଭିଯୋଗ ହୋଇଥିଲା । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୪ ଘଂଟା ମଧ୍ୟରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସିବିଏସଇ ଏହାକୁ ଗୁରୁତ୍ୱର ସହ ନେଇ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ ଓ ଏହି କମିଟି ପରୀକ୍ଷାର ତ୍ରୁଟିକୁ ଅନୁଧ୍ୟାନ କରିଥିଲେ । ଏହି କମିଟିର ଅନୁଧ୍ୟାନ ରିପୋର୍ଟ ପ୍ରଦାନ କରାଯିବା ପରେ ରିପୋର୍ଟ ଆଧାରରେ ସିବିଏସ୍ଇ ଦଶମ ଶ୍ରେଣୀ ଓଡିଆ ବିଷୟର ଓଏମଆର ଗୁଡ଼ିକୁ ବିଶେଷଜ୍ଞ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ସଠିକ୍ ଉତର ସହ ମୂଲ୍ୟାଙ୍କନ କରିଥିଲେ । ଛାତ୍ରଛାତ୍ରୀଙ୍କ ସଂଶୋଧିତ ମୂଲ୍ୟାଙ୍କନ ମାର୍କକୁ ସଂପୃକ୍ତ ବିଦ୍ୟାଳୟକୁ ପଠାଯାଇଛି । ଏହା ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇଛନ୍ତି ।

# କୋଭିଡ କଟକଣା ମଧ୍ୟରେ ଚାଲିବ ବିଧାନସଭା ଅଧିବେଶନ



ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଓଡିଶା ବିଧାନସଭାର ବଜେଟ ଅଧିବେଶନ କରୋନା କଟକଣା ମଧ୍ୟରେ ଚାଲିବ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଆୟୋଜିତ ହୋଇଛି । ବୈଠକ ପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୂଚନା ଦେଇ କହିଛନ୍ତି ଯେ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ସେ କହିଛନ୍ତି ଯେ, ଆଗାମୀ ଦିନରେ ବସିବାକୁ ଥିବା ବଜେଟ ଅଧିବେଶନ ପୂର୍ବରୁ ଯେଉଁ ୫ ଘଂଟା ଚାଲୁଥିଲା । ଏବେ ସେଇ ୫ ଘଂଟା ଚାଲିବ। କୋଭିଡ୍ କଟକଣାରେ ବିଧାନସଭାର ଚଳିତ ବଜେଟ ଅଧିବେଶନ ଚାଲିବ । ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ, ମନ୍ତ୍ରୀଙ୍କର କୋଭିଡ୍ ଟେଷ୍ଟ କରାଯିବ । ନେଗେଟିଭ୍ ରିପୋର୍ଟ ଥିବା ବ୍ୟକ୍ତିଙ୍କୁ ବିଧାନସଭାରେ ପ୍ରବେଶ ପାଇଁ ଅନୁମତି ମିଳିବ । ସୂଚନାଯୋଗ୍ୟ ଯେ, ଆସନ୍ତା ମାର୍ଚ୍ଚ ୨୫ରୁ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନ। ବଜେଟ ଅଧିବେଶନରେ ମୋଟ ୬ଟି କାର୍ଯ୍ୟ ଦିବସ ରହିବ । ପ୍ରଥମ ଦିନ ଗୃହକୁ ସମ୍ବୋଧନ କରିବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଦୁଇ ଦିନ ଧରି ଆଲୋଚନା ହେବ । ୩୦ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ କାମଚଳା ବଜେଟ ଆଗତ କରିବେ । ୩୧ ତାରିଖରେ ବ୍ୟୟ ମଂଜୁରୀ ବିଲ୍ ପାରିତ ହେବାର କାର୍ଯ୍ୟକ୍ରମ ରହିଛି ।

## ବିଜେଡିର କେନ୍ଦୁଝର ଜିଲ୍ଲା ଉପ ସଭାପତି ଦଳରୁ ନିଲମ୍ବିତ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ବିଜେଡିର କେନ୍ଦୁଝର ଜିଲ୍ଲା ଉପ ସଭାପତି ରବୀନ୍ଦ୍ର କୁମାର ଦାସଙ୍କୁ ଦଳରୁ ନିଲମ୍ବିତ କରା ଯାଇଛି । ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳର ସଭାପତି ନିଲମ୍ବିତ କରିଥିବା ପାର୍ଟୀର ସାଧାରଣ ସମ୍ପାଦକ ( ମିଡିଆ ବ୍ୟାପାର) ମାନସ ମଙ୍ଗରାଜ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

# ଆଜିଠୁ ୩ ଦିନ ଯାଏଁ ପ୍ରବଳ ତାତି

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଆସନ୍ତା କାଲିଠୁ ରାଜ୍ୟରେ ବଢିବ ତାତି । କାଲିଠାରୁ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମଲହର ହେବା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରୀ ନେଇ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୂଚନା ଅନୁଯାୟୀ ଆସନ୍ତା କାଲି ପଶ୍ଚିମ ଓଡ଼ିଶାର ସୋନପୁର, ବୌଦ୍ଧ, ବଲାଙ୍ଗିର, ଅନୁଗୁଳ, ନୟାଗଡ, ଖୋର୍ଦ୍ଧା,ବାଲେଶ୍ୱର ଓ ମୟୁରଭଂଜ ଜିଲ୍ଲାରେ ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ୧୭ ତାରିଖ ପାଇଁ ସୋନପୁର, ବୌଦ୍ଧ,ବଲାଙ୍ଗିର, ଅନୁଗୁଳ, ନୟାଗଡ଼ , ଖୋର୍ଦ୍ଧା , ବାଲେଶ୍ୱର,ମୟୁରଭଂଜ,ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖ ପାଇଁ ସୋନପୁର, ବୌଦ୍ଧ,ବଲାଙ୍ଗିର, ଅନୁଗୁଳ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାକୁ ଗ୍ରୀଷ୍ମ ଲହରୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଛୋଟ ପିଲା , ବୃଦ୍ଧ ଏବଂ ରୋଗୀଙ୍କ ପାଇଁ ଖରା ଅସହ୍ୟ ହୋଇପାରେ। ପ୍ରବଳ ତାତିକୁ ଦୃଷ୍ଟିରେ ରଖି ଦିନ ୧୧ ଟାରୁ ସାଢେ ▶▶ପୃଷ୍ଠା ୭

# ଫିଲ୍ମ 'ଦି କଶ୍ମୀର ଫାଇଲ୍ସ'କୁ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ବଡ଼ ବୟାନ




ନୂଆଦିଲ୍ଲୀ, ୧୫/୦୩ : କଶ୍ମୀର ପଣ୍ଡିତଙ୍କ ପଳାୟନ ପ୍ରସଙ୍ଗକୁ ବେଶ ନାଟକୀୟ ଢଙ୍ଗରେ ଚିତ୍ରଣ କରାଯାଇଥିବା ବଲିଉଡ ଫିଲ୍ମ ଦି କଶ୍ମୀର ଫାଇଲ୍ସକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। କେହି ଏହି ଫିଲ୍ମକୁ ବାସ୍ତବ ଘଟଣା ସହ ଯୋଡୁଥିବା ବେଳେ ଆଉ କେହି ସିନେମା ଦ୍ୱାରା ବିଦ୍ୱେଷ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରିଛନ୍ତି। କଶ୍ମୀର ପଣ୍ଡିତମାନେ ୧୯୯୦ ଦଶକରେ ପାକିସ୍ତାନ ପ୍ରୟୋଜିତ ଆତଙ୍କବାଦୀଙ୍କ ବର୍ବରତା ଯୋଗୁ ନିଜ ବାସସ୍ଥାନ ଛାଡ଼ିଥିଲେ। ଏହି କଳା ଅଧ୍ୟାୟ ଏବେ ବି ଲୋକଙ୍କ ମନରୁ ଲିଭିନାହିଁ। ଏହି ଘଟଣାକୁ ନାଟକୀୟ ଢଙ୍ଗରେ ଦି କଶ୍ମୀର ଫାଇଲ୍ସରେ ଚିତ୍ରଣ କରାଯାଇଛି। ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଏହି ଫିଲ୍ମକୁ ଟିକସ ମୁକ୍ତ କରାଯାଇଛି। ସେହିପରି ଆଇଟି ସେଲ ପକ୍ଷରୁ ସୋଶାଲ ମିଡିଆରେ ଲୋକଙ୍କୁ ଫିଲ୍ମ ▶▶ପୃଷ୍ଠା ୭

# ୨୪ ଘଂଟାରେ ଲଘୁଚାପ, ବାତ୍ୟା ସମ୍ଭାବନା ନାହିଁ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଆଗାମୀ ୨୪ ଘଂଟା ମଧ୍ୟରେ ଭାରତ ମହାସାଗର-ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏହା ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା କିମ୍ବା ବାତ୍ୟା ହେବାର କୌଣସି ସୂଚନା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଏ ଯାଏ ବାତ୍ୟା ସମ୍ପର୍କରେ କୌଣସି ଆକଳନ କରାଯାଇ ନାହିଁ। ସେହିପରି ଭୁବନେଶ୍ୱରସ୍ଥିତ ପାଣିପାଗ କାର୍ଯ୍ୟାଳୟର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ଗତ ୧୦ ତାରିଖରେ କେନ୍ଦ୍ରୀୟ ଦକ୍ଷିଣ ବଙ୍ଗୋପସାଗର ଅଂଚଳ ଓ ଆଖପାଖ ଭାରତ ମହାସାଗର ଅଂଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା। ୧୩ ତାରିଖରୁ ତାହା କେନ୍ଦ୍ରୀୟ ବିଷୁବରେଖା ଆଖପାଖ ଭାରତ ମହାସାଗର ଅଞ୍ଚଳରେ ସକ୍ରିୟ ରହିଥିଲା। ଏହା ପ୍ରଭାବରେ ଆସନ୍ତା ୨୪ ଘଂଟାରେ ଏକ ଲଘୁଚାପ ସୃଷ୍ଟି ହେବ। ହେଲେ ବାତ୍ୟା ନେଇ କୌଣସି ସୂଚନା ଦିଆଯାଇନି। ସାଧାରଣତଃ ମାର୍ଚ୍ଚରେ ଯେଉଁ ଲଘୁଚାପ ସୃଷ୍ଟି ହୋଇଥାଏ, ତାହା ଓଡ଼ିଶା ଆଡ଼କୁ ମୁହାଁଇବାକୁ ଅନୁକୂଳ ହୋଇ ନ ଥାଏ। ତେଣୁ ମାର୍ଚ୍ଚରେ ବାତ୍ୟା ଓଡ଼ିଶା ମୁହାଁ ହେବା କେବେ ପରିଲକ୍ଷିତ ହୋଇନି ବୋଲି ସେ କହିଛନ୍ତି।

# ବାଲିମେଦରେ ଶପଥ ନେଲେ ସଂଯୁକ୍ତା ଦାସ



ବାସୁଦେବପୁର,୧୫/୦୩ (ନି.ପ୍ର): ବାଲିମେଦ ପଂଚାୟତରେ ଭେଡା ବିକାଶ ପରିଷଦ ପକ୍ଷରୁ କଂଗ୍ରେସ ସମର୍ଥିତ ସରପଂଚ ଭାବେ ସଂଯୁକ୍ତା ଦାସ ବିଜୟ ଲାଭ କରିବା ସହିତ ଶପଥ ଗ୍ରହଣ କରିଛନ୍ତି । ଏହି ଶପଥ ପାଠ ଉତ୍ସବ ରେ ପରିଷଦର ମୁଖ୍ୟ ରଶ୍ମିରଞ୍ଜନ ମହାନ୍ତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ସମସ୍ତ ଗ୍ରାମବାସୀ ଓ ଜନ ସାଧାରଣ ଙ୍କୁ ନବ ନିର୍ବାଚିତ ସରପଂଚ ସଂଯୁକ୍ତା ଦାସ ଅଭିନନ୍ଦନ ଜଣାଇଥିଲେ । ବହୁ ବରିଷ୍ଠ ଗୁରୁଜନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଈଶ୍ୱରଙ୍କ ଆଶୀର୍ବାଦ ରୁ ଆଗାମୀ ଦିନରେ ନିଶ୍ଚିତ ପଂଚାୟତର ଉନ୍ନତି କରାଯିବ ବୋଲି ସରପଂଚ ପ୍ରକାଶ କରିଥିଲେ ।

# ଫାଇଲେରିଆ ନିରାକରଣ ନିମନ୍ତେ ଗ୍ରାମାଂଚଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୧୫/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରାଯିବା ଲକ୍ଷ୍ୟରେ ଗତ ମାର୍ଚ୍ଚ ୭ ତାରିଖଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସମୂହ ଔଷଧ ସେବନ ନିମନ୍ତେ ଆହ୍ୱାନ ଦିଆଯିବା ସହ ସମସ୍ତ ପ୍ରସ୍ତୁତି ମଧ ସରିସାରିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଆହ୍ୱାନ କ୍ରମେ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସ୍ୱାତୀ" ଓ "ଜିଲ୍ଲା ସ୍ୱାସ୍ଥ୍ୟ ସମିତି" କନ୍ଧମାଳଙ୍କ ମିଳିତ ସହଯୋଗରେ ଜିଲ୍ଲାର ଅପହଂଚ ଇଲାକା ଫିରିଙ୍ଗିଆ ବ୍ଲକ ଅଂଚଳର ପାହିରାଜୁ, ବାଲନ୍ଦାପଡା, କୁଏରମାଣ୍ଡୁ, ଲୁଇସିଂ ଇତ୍ୟାଦି ଗ୍ରାମପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସମୂହ ଫାଇଲେରିଆ ବଟିକା ସେବନ ନିମନ୍ତେ ବୈଠକ, ମାଇକ୍ ମାଧ୍ୟମରେ ପ୍ରଚାର ଓ ଗୃହ ପରିଦର୍ଶନ ସମୟରେ ଜନସାଧାରଣ ମାନଙ୍କୁ ସଚେତନ କରିବାକୁ ପ୍ରୟାସ ଆରମ୍ଭ କରାଯାଇଛି । ଅନୁଷ୍ଠାନର ସଂପାଦକ ଙ୍ଗ. ହରିଶଙ୍କର ରାଉତଙ୍କ ଅନୁଭୂତି ଅନୁସାରେ କନ୍ଧମାଳ ଜିଲ୍ଲାରେ ମ୍ୟାଲେରିଆର ପ୍ରକୋପ ଆଜି ବି ଅଛି କିନ୍ତୁ ଫାଇଲେରିଆ ମଧ ମ୍ୟାଲେରିଆ ଭଳି ଏକ ମଶାବାହିତ ରୋଗ । ତେଣୁ ଏହାର ଲକ୍ଷଣ ଓ ଉପଚାର ସଂପର୍କରେ ଜନସାଧାରଣଙ୍କୁ ଜଣାଇ ଦେବାର ସମୟ ଆସିଛି ବୋଲି ଅନୁଭବ ହେଉଛି ବୋଲି କହିଥିଲେ । ସ୍ୱେଚ୍ଛାସେବୀ ମାମିନା କହଁର, ପ୍ରଭାସିନି ଦଳବେହେରା, ଅନନ୍ତ ମଲ୍ଲିକ, ମାଣିକ ବେହେରା ଓ ଆଲୋକ ସାମନ୍ତରାୟ ଗାଁ ଗାଁରେ ବୁଲି କିପରି ସମସ୍ତ ୱାର୍ଡମେମ୍ବର, ସମାଜସେବୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସହଯୋଗରେ ଗ୍ରାମର ଶେଷ ବିନ୍ଦୁରେ ରହୁଥିବା ପରିବାରଟି ଏହି କାର୍ଯ୍ୟକ୍ରମର ଲାଭ ପାଇବେ ଓ ୧୦୦ ପ୍ରତିଶତ ବ୍ୟକ୍ତିଙ୍କୁ ଡି.ଇ.ସି. ଓ ଆଲବେଣ୍ଡାଜୋଲ ବଟିକା ଖୁଆଇ କନ୍ଧମାଳ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିହେବ ଅନୁଷ୍ଠାନ ପକ୍ଷରୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି । ଏଥି ସହିତ ଅନୁଷ୍ଠାନ ପରିଚାଳନା କରୁଥିବା ମା'ଗୃହ କାର୍ଯ୍ୟକ୍ରମ ଅଂଚଳରେ ମଧ ସଚେତନତା ସୃଷ୍ଟି କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏଭଳି ସହଯେଗକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜନସାଧାରଣଙ୍କ ତରଫରୁ ପ୍ରଶଂସା କରାଯାଇଛି ।

# ନକଲି ମଦ କାରାଖାନା ଠାବ: ବିପୁଳ ପରିମାଣର ମଦ ପ୍ରସ୍ତୁତି ସାମଗ୍ରୀ ଜବତ, ଜଣେ ଗିରଫ

ଭୁବନ,୧୫/୦୩ (ନି.ପ୍ର): କାମାକ୍ଷା ନଗର ଓ ଢେଙ୍କାନାଳଜିଲ୍ଲା ଅବକାରୀ ବିଭାଗ ଜ୍ଞାତସାରରେ ଭୁବନ ଥାନା ଅନ୍ତର୍ଗତ କନ୍ହେଇପାଳ ଗ୍ରାମରେ ଦୀର୍ଘ ଦିନ ହେଲା ଚୋରାରେ ଚାଲିଥିବା ବେଆଇନ ମଦ କାରଖାନା ଠାବ କରାଯାଇ ମଦ ମାଫିଆକୁ ଗିରଫ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଅଚାନକ କନ୍ହେଇପାଳ ଗ୍ରାମରେ ଚଢାଉ କରିଥିଲେ । ନକଲି ମଦ କାରଖାନାରୁ ବିଭିନ୍ନ ନାମୀ ଦାମୀ ବ୍ରାଣ୍ଡର ନକଲି ବିଦେଶୀ ମଦ ସମେତଏହି ମଦ ପ୍ରସ୍ତୁତି ପାଇଁଠିପି, ଲେବୁଲ, ସ୍ପିରିଟ, ବୋତଲ, ରଙ୍ଗ ଇତ୍ୟାଦି ଜବତ କରିଥିଲେ । ପରେଭୁବନ ଡାକବଙ୍ଗଳାଠାରେ କଟକ ଅବକାରୀ ଏସପି ଦେବାଶିଷ ପଟେଲ ଗଣମାଧମକୁ ଜବତ ସାମଗ୍ରୀ ପ୍ରଦର୍ଶିତ କରିବା ସହ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଚଢାଉରେ ୩୬୦ ଲିସ୍ପିରିଟ ,୬୦ ଲି ନକଲି ବିଦେଶୀ ମଦ ,୪ ହଜାର ନକଲି ଲେବୁଲ ,୨୫୦୦ ଠିପି , ୧୦୦ ଖାଲି ବୋତଲ , ୧ ଲିକାରାମେଲ ରଙ୍ଗ ,୧ ଲିଏସେନ୍ସଫ୍ଲେବର ସହିତ ଓଡି୦୬ ଜେ -୬୮୩୭ ନମ୍ବର ବିଶିଷ୍ଟ ଅଶୋକ ଲେଲାଣ୍ଡ ଭ୍ୟାନ ଜବତ ହେବା ସହ ମାଫିଆ କନ୍ହେଇପାଳ ଗ୍ରାମର ବିଷ୍ଣୁ ଚରଣ ବେହେରାଙ୍କୁ ଗିରଫ କରାଯଇଥିବା ସଂପର୍କରେ ସୂଚନା ଦେଇଥିଲେ । ସୂଚନାଯୋଗ୍ୟ ଯେ , ଗତ ସପ୍ତାହରେ ଢେଙ୍କାନାଳରେ ଏକ କଣ୍ଟେନରରୁ ବିପୁଳ ମଦ ଜବତ ହୋଇଥିଲା ଓ ତାହାକୁଭିତି କରି ଅବକାରୀ ସ୍କ୍ୱାର୍ଡ ଆଜି କନ୍ହେଇପାଳ ଗ୍ରାମରେ ଚଢାଉ କରିଥିଲା । କଟକ ସ୍କ୍ୱାର୍ଡ ର ଚଢାଉ ପରେ କାମାକ୍ଷା ନଗର ଓ ଢେଙ୍କାନାଳ ଅବକାରୀ ବିଭାଗର ପାରିବା ପଣିଆ ଓ ବଟିଖିଆ ନୀତି ଧରାପଡିଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ସିଡ୍ୟୁଲ୍ ବ୍ଲକ୍ ପ୍ରସ୍ତାବ କୁଆଡ଼େ ଗଲା ଉଭୟ କେନ୍ଦ୍ର: ରାଜ୍ୟ ସରକାର ଉଦାସୀନ

ଝାରସୁଗୁଡ଼ା ,୧୫/୦୩ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଲଇକେରା ଓ କିର୍ମିରା ସହ ସମ୍ବଲପୁର ଜିଲ୍ଲାର ଯୁଯୁମୁରାକୁ ସିଡ୍ୟୁଲ ବ୍ଲକ୍‌ର ମାନ୍ୟତା ପ୍ରସ୍ତାବ ସରକାରଙ୍କ ନାଲିଫିତା ତଳେ ଚାପି ହୋଇରହିଛି । ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାର କେହି ବି ଆଗ୍ରହ ଦେଖାଉନାହାନ୍ତି । ବିଭିନ୍ନ ସମୟରେ ଏହି ପ୍ରସ୍ତାବକୁ ନେଇ ଉଭୟ ସରକାର ଆଦିବାସୀମାନଙ୍କୁ ଭ୍ରମିତ କରିଆସୁଛନ୍ତି । ଫଳରେ, ଅଦିବାସୀ ସମାଜ ନିରାଶ ହେବାସହିତ ସେମାନଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳୁଛି ।
ପ୍ରଥମେ, ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗନ୍ତ କିର୍ମିରା ବ୍ଲକ୍‌କୁ ଉଦାହରଣ ଭାବେ ନିଆଯାଉ । ଗତବର୍ଷ ବିଧାନସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ସ୍ପଷ୍ଟ କରି କହିଥିଲେ ଯେ, କିର୍ମିରା ବ୍ଲକ୍‌କୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ) ମାନ୍ୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ପତ୍ର ସଂଖ୍ୟା ୧୯୩୮୭/ ଏସ୍ଏସ୍ଡି ତା. ୬.୧୧.୨୦୧୭ରେ କେନ୍ଦ୍ରସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟଙ୍କୁ ପ୍ରସ୍ତାବ ଦେଇଥିଲେ । ମାତ୍ର, ଏହି ପ୍ରସ୍ତାବ ଅନୁ ମୋଦନ ହୋଇନାହିଁ । ବ୍ରଜରାଜନଗର ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସାରକା ଆହୁରି ମଧ ସ୍ପଷ୍ଟ କରିଥିଲେ, ଝାରସୁଗୁଡ଼ା ଜିଲ୍ଲାର କୌଣସି ବ୍ଲକ୍‌କୁ ଆଇଟିଡିଏ ବ୍ଲକ୍‌ର ମାନ୍ୟତା ଦେବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆନ୍ତରିକତା କେତେ, ମନ୍ତ୍ରୀଙ୍କ ଉତ୍ତରୁ ହିଁ ଜଣାପଡ଼ିଥିଲା । କିର୍ମିରା ସହିତ ଲଇକେରା ଓ ଯୁଯୁମରା ବ୍ଲକ୍‌ରେ ଆଦିବାସୀଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ହେବ । ଫଳରେ, ଏହି ୩ଟି ବ୍ଲକ୍‌କୁ ସିଡ୍ୟୁଲ୍ ମାନ୍ୟତା ଦେବାପାଇଁ ୨୦୧୭ ମସିହାରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଥିଲା । ମାତ୍ର, ବିଭଗୀୟ ମନ୍ତ୍ରୀ କେବଳ କିର୍ମିରା ବ୍ଲକ୍ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ । ଅପରପକ୍ଷେ, ଲଇକେରା ଓ ଯୁଯୁମୁରା ବ୍ଲକ୍ ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦେଇନଥିବା ସ୍ପଷ୍ଟ ହୋଇଥିଲା । ଏଥିରେ ରାଜ୍ୟ ସରକାରଙ୍କ ଆନ୍ତରିକତା ବେଶ୍



ଅନୁମେୟ । ସେହିଭଳି, କେନ୍ଦ୍ର ସରକାର ମଧ ଏହି ପ୍ରସଙ୍ଗକୁ ଆଦୌ ଗୁରୁତ୍ୱ ଦେଇନାହାନ୍ତି । କେବଳ କିର୍ମିରା ହେଉପଛକେ ୨୦୧୭ ମସିହାରେ ରାଜ୍ୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ମଧ, ଏହାଉପରେ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।
ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାରେ ଆଦିବାସୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଆଦିବାସୀ ସଂଗଠନ ପକ୍ଷରୁ କୁହାଯାଇଛି, 'କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସର୍ବାଧିକ ସମୟ ଧରି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରାଳୟରେ ମନ୍ତ୍ରୀ ଥିବା ଜୁଏଲ ଓରାମ ମଧ ଏହି ତିନୋଟି ବ୍ଲକ୍‌କୁ ସିଡ୍ୟୁଲ ବ୍ଲକ୍ ଘୋଷଣା କରିବାରେ ସହଯୋଗ କରିନାହାନ୍ତି । ସେହିଭଳି, ରାଷ୍ଟ୍ରୀୟ ଜନଜାତି ଆୟୋଗ ଅଧକ୍ଷ ମାନେ ମଧ ବିଭିନ୍ନ ସମୟରେ ଏହି ତିନୋଟି ବ୍ଲକ୍‌କୁ ସିଡ୍ୟୁଲ ବ୍ଲକର ମାନ୍ୟତା ପ୍ରସ୍ତାବର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ କିଛି କରି ପାରିନାହାନ୍ତି ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସିଡ୍ୟୁଲ୍ ମାନ୍ୟତା ପାଇଲେ ସେହି ବ୍ଲକ୍‌ରେ ବସବାସ କରୁଥିବା ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ । ଛାତ୍ରଛାତ୍ରୀଙ୍କୁ ପାଇଁ ଷ୍ଟାଇପେଣ୍ଡ ସୁବିଧା ସହିତ ମନରେଗା ଭଳି ଯୋଜନାରେ ସେମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ମାତ୍ର, ସରକାରଙ୍କ ଏଭଳି ଅଭୂତପୂର୍ବ ନିରବତା ଆଦିବାସୀମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ମାଲକାନଗିରି ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ମାଲକାନଗିରି,୧୫/୦୩ (ନି.ପ୍ର): ଆଜି ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଏନସିସି , ଏନଏସଏସ ଓ ଜିଲ୍ଲା ଯୁବ ରେଡକ୍ରସ୍ ର ମିଳିତ ଆନୁକୁଲ୍ୟରେ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସକାଳ ୭ଟା ସମୟରେ ଅଶୋକ କୁମାର ଷଡଙ୍ଗୀ ଅଧକ୍ଷ ମାଲକାନଗିରି ମହାବିଦ୍ୟାଳୟ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବି ଏସ ଏଫ୍ ଡେପୁଟି କମାଣ୍ଡେଣ୍ଟ ସୁଭଞ୍ଜନ ମହାପାତ୍ର ଯୋଗ ଦେଇ ସମସ୍ତ ସ୍ୱେଚ୍ଛାସେବୀ ମାନକୁ ସ୍ୱଚ୍ଛ ମନ ଓ ସ୍ୱଚ୍ଛ ପରିବେଶ ଗଢ଼ିବାକୁ ଉତ୍ସାହିତ କରିଥିଲେ । ଏହା ପରେ କଲେଜ ପରିସରରେ ପଡ଼ିଥିବା ଜରି , ପ୍ଲାଷ୍ଟିକ ବୋତଲ ଅଳିଆ ଶୁଖୁଲା ପତ୍ର ଓ ଆବର୍ଜନା ଆଦି ସଫା କରିଥିଲେ । ଜିଲ୍ଲା ଯୁବ ରେଡକ୍ରସ୍ ସମ୍ପାଦକ ଡଃ ରଞ୍ଜନ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଶ୍ରୀମତୀ ନମିତା ଦଣ୍ଡସେନା ଡିପି ଓ ଏନ୍ ଏସ ଏସ ଓ ପ୍ରମେୟ ମହାନ୍ତି ଯୋଜନା ଅଧିକାରୀ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ସମ୍ବନ୍ଧରେ ଆଲୋଚନା କରିଥିଲେ । ଶେଷରେ ଏନ୍ ସି ସି ର ଲେଫ୍ଟନାଂଟ ସୁଶାନ୍ତ ମାଝୀ ସଫେଇ କାର୍ଯ୍ୟକ୍ରମକୁ ତଦାରଖ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପବ୍ଲିକ, ପୋଲିସ, ପ୍ରଶାସନର ମିଳିତ ବୈଠକ

ଜୟପୁର ,୧୫/୦୩ (ନି.ପ୍ର): ପବ୍ଲିକ, ପୋଲିସ, ପ୍ରଶାସନ ର ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ରଜନି କାନ୍ତ ନାୟକ ଆବାହକରେ ଜୟପୁର ଜୟନଗର ସ୍ଥିତ ସିଓ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଠାରେ ନୂତନ କାଯ୍ୟାକର୍ତ୍ତା ଚୟନ କରାଯାଇଛି । ସଭାପତି ରଜନି କାନ୍ତ ନାୟକ, ଉପ ସଭାପତି ପ୍ରଫୁଲ କୁମାର ପାଢୀ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ସହ ସମ୍ପାଦକ ବରୁଣ ଜୈନ, ଯୁବ ସଂଗଠକ ନିଖିଲ ସାହୁ, ସଙ୍ଗଠନ ସମ୍ପାଦକ ପ୍ରଦିପ୍ତ କୁମାର ସାହୁ ଓ ପ୍ରତାପ ପଟ୍ଟନାୟକ, କୋଷାଧକ୍ଷ ମହେଶ୍ୱର ମିଶ୍ର ଚୟନ ହୋଇଥିଲେ । ୨୦ଟି ସମାଜିକ ସଂଗଠନ କୁ ନେଇ ଏକ କମିଟି ଗଠନ କରାଯାଇଛି । ବୈଠକରେ ଅଜୟ ମିଶ୍ର, ସଚିନ୍ଦ୍ର ନାଥ ସାନ୍ତ୍ରା, ମୟଙ୍କ ଅଗ୍ରଓାଲ, ରଞ୍ଜିତ କୁମାର ନାୟକ, ବିଶ୍ୱ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ ।

# ୧୮ନଂ ୱାର୍ଡରେ ଡ୍ରେନ, ପାନୀୟ ଜଳ ଓ ବିଦ୍ୟୁତ୍ ମୁଖ୍ୟ ସମସ୍ୟା

କେନ୍ଦ୍ରାପଡ଼ା,୧୫/୦୩ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୧୮ନଂ ୱାର୍ଡରେ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ଚୌଧୁରୀ ସୁକୁମାର ଦାସ ନିର୍ବାଚନ ପ୍ରଚାରକୁ ତୀବ୍ର କରିଛନ୍ତି । ସେ ନିଜର ସମର୍ଥକଙ୍କ ସହ ୱାର୍ଡର ବିଭିନ୍ନ ସାହି ବସ୍ତିରେ ରହୁଥିବା ଭୋଟରମାନଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଗାମୀ ଭୋଟରେ ଶଙ୍ଖ ଚିହ୍ନରେ ମୋହର ଦେଇ ଜୟଯୁକ୍ତ କରାଇବା ପାଇଁ ନିବେଦନ କରୁଥିବା ଜଣାପଡିଛି । ଏହି ୱାର୍ଡର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି ଭୋଟରଙ୍କୁ ପ୍ରତିଶୃତି ଦେବା ସହ ପୌରାଂଚଳର ବିକାଶ କାର୍ଯ୍ୟରେ ସହଭାଗୀ ହୋଇ କେନ୍ଦ୍ରାପଡାକୁ ଆଦର୍ଶ ସହରରେ ପରିଣତ କରିବା ପାଇଁ ସହଯୋଗ କରିବେ ବୋଲି କହିଥିଲେ ।

# ଚାନ୍ଦପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା : ଥାନାରେ ମାମଲା, କାର୍ଯ୍ୟାନୁଷ୍ଠାନ ଶୂନ

ଧର୍ମଶାଳା,୧୫/୦୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମରେ ଗତ କାଲି ରାତିରେ ୨ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଥିଲା । ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ମୋଟ ୪ ଜଣ ଆହତ ହୋଇଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଧର୍ମଶାଳା ଥାନାରେ ଉଭୟ ପକ୍ଷରୁ ମାମଲା ହୋଇଥିବା ଜଣାପଡିଛି । ବର୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡିଛି । ତେବେ ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଗୋଟିଏ ପକ୍ଷ ଯାଜପୁର ଜିଲା ଆରକ୍ଷୀଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି । ଏଭଳି ଘଟଣା ଏବେ ସ୍ଥାନୀୟ ଅଂଚଳରେ ଉତେଜନା ଲାଗି ରହିଛି । ପୁଲିସ ଘଟଣାକୁ ଗୁରୁତର ସହ ନେବାକୁ ବୁଦ୍ଧିଜୀବି ମହଲରେ ଦାବି ହୋଇଛି । ପ୍ରମିଳା ଦାସ ଓ ସୁଲୋଚନା ଦାସ ପକ୍ଷରୁ ଧର୍ମଶାଳା ଥାନାରେ ୨ଟି ଅଭିଯୋଗ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ସେଖ ଅବଦୁସ ସଲାମଙ୍କ ପକ୍ଷରୁ ବ୍ରହ୍ମବରଦା ଫାଣ୍ଡିରେ ଏକ ଏତଲା ଦିଆଯାଇଥିବା ଜଣାପଡିଛି । ଅଭିଯୋଗ ମୁତାବକ ପ୍ରମିଳା ଦାସଙ୍କ ପୁଅ ବିକାଶ ଚନ୍ଦପୁର ଗ୍ରାମକୁ ଯାଇଥିବା ବେଳେ ସେଠାରେ ସେକ୍ ଅକ୍ତର ଅଲ୍ଲୀଙ୍କ ପୁଅ ମାଡ ମାରିଥିଲେ । କିଛି ସମୟ ପରେ ସେକ୍ ଅକ୍ତର ଅଲ୍ଲୀଙ୍କ ପରିବାର ଓ ସମର୍ଥକମାନେ ଘରକୁ ଶହଶହ ଲୋକେ ଆସି ମାର ଧର କରିବା ସହ ମାଟର ସାଇକେଲ ଓ ସାଇକେଲକୁ ଭାଙ୍ଗି ଜୀବନରୁ ମାରି ଦେବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଏହି ମାଡ ମାରିବା ଘଟଣାରେ ଉତ୍ସବ ଦାସଙ୍କ ହାତକୁ ଏକ ଭୁଜାଲିରେ ହାଣି ଦେଇଥିଲେ । ଘଟଣା ଘଟିବାର କିଛି ସମୟ ପରେ ଧର୍ମଶାଳା ଥାନାରେ ଏତଲା ଦିଆ ଯିବା ଭୟରେ ସେକ୍ ଅକ୍ତରଙ୍କ ସମର୍ଥକମାନେ ଘର ପୋଡି ଦେବାକୁ ଧମକ ଦେବା ସହ ବ୍ୟାଙ୍କଛକ ନିକଟରେ ରାସ୍ତା ଅବରୋଧ କରିଥିଲେ । ତେବେ ରାଜନୈତିକ ଶତୃତାକୁ ନେଇ ବାରମ୍ବାର ଏଭଳି ଗଣ୍ଡଗୋଳ କରିବା ନେଇ ପ୍ରମିଳା ଓ ସୁଲୋଚନା ଥାନାରେ ଏତଲା ଦେଇଛନ୍ତି । ତେବେ ଧର୍ମଶାଳା ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଏହି ଘଟଣାକୁ ନେଇ ଜିଲା ଆରକ୍ଷୀ ଅଧବକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି ପ୍ରମିଳାଙ୍କ ପରିବାର ଲୋକେ । ଅନ୍ୟ ପକ୍ଷେ ବିକାଶ ଦାସ ସନ୍ଧ୍ୟାରେ ଚାନ୍ଦପୁର ଗ୍ରାମକୁ ଆସିଥିଲା । ଗ୍ରାମର ସେକ୍ ଅବଦୁସ ସଲାମଙ୍କ ପରିବାର ନିକଟରେ ପଂହଚି ପୁଅ ସେକ୍ ମଜ କମରଙ୍କୁ ପାରା ଚୋରୀ କରି ଆଣିଥିବା ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଘଟଣାସ୍ଥଳରୁ ପଳାଇ ଯାଇଥିଲା । ପରେ ବିକାଶ ଗ୍ରାମରୁ କିଛି ସମର୍ଥକଙ୍କୁ ଆଣି ସେକ୍ ଅବଦୁସ ସଲାମଙ୍କ ପରିବାର ଲୋକ ଉପରେ ଆକ୍ରମଣ କରିବା ସହ ସୁନା ଚେନ ଓ ନଗଦ ୪ହଜାର ୫ଶହ ଟଙ୍କା ନେଇ ଯାଇଥିବା ନେଇ ସେକ ଅବଦୁସ ବ୍ରହ୍ମବରଦା ଫାଣ୍ଡିରେ ବିକାଶ,ଦିପା ବୁଢା ,ବିଛା ଦାସ,ଉତ୍ସା ଦାସ,ନଣ୍ଡା ଦାସ,ବାବାଜୀ ଦାସ,ସୁମନ୍ତ ସାହୁ ଓ ନିରଞ୍ଜନଙ୍କ ନାମରେ ଏତଲା ଦେଇଥିବା ଜଣାପଡିଛି । ରିପୋର୍ଟ ଲେଖା ହେବା ଯାଏ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡିଛି । ସୂଚନା ମୁତାବକରବିବାର ପୂର୍ବାହ୍ନରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା ।

# ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବାକୁ ଭକ୍ତଙ୍କ ଦାବି

ପୁରୀ,୧୫/୦୩ (ନି.ପ୍ର): ପ୍ରତିଦିନ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତ ପୁରୀ ଆସୁଛନ୍ତି । ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ବଡ଼ଦାଣ୍ଡରେ ଖରାରେ ଡ଼ହଳବିକଳ ହେଉଛନ୍ତି । ଲମ୍ବା ଲାଇନ ଯୋଗୁଁ ଭକ୍ତମାନେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ପ୍ରଶାସନର ଏଭଳି ଅବବ୍ୟସ୍ଥା ଦେଖି ଭକ୍ତମାନେ ଚାରିଦ୍ୱାର ଖୋଲିବା ପାଇଁ ଦାବି କରିଛନ୍ତି । ପୂର୍ବରୁ ଚାରିଦ୍ୱାର ଖୋଲା ରହୁଥିବାରୁ ହଜାର ହଜାର ଭକ୍ତ ଦର୍ଶନ କରି ଶାନ୍ତିଶୃଙ୍ଖଳାରେ ଫେରୁଥିଲେ । ଏବେ କେବଳ ସିଂହଦ୍ୱାର ପଟେ ପ୍ରବେଶ କରୁଥିବାରୁ ଗହଳି ପରିଲକ୍ଷିତ ହେଉଛି । ଏହା ସହ ଚପଲ, ମୋବାଇଲ, ବ୍ୟାଗ ରଖିବା ପାଇଁ ୩୦ ମିନିଟ୍ ସମୟ ଲାଗୁଛି । ମନ୍ଦିର ବାହାରେ ଘଂଟା ଘଂଟା ଧରି ବାହାରେ ରହୁଥିଲେ ମଧ ମନ୍ଦିର ଭିତରେ ଶୃଙ୍ଖଳିତ ଭାବେ ଦର୍ଶନ ବ୍ୟବସ୍ଥା ନଥିବାରୁ ଅଧିକ ସମୟ ବିଳମ୍ବ ଘଟୁଛି । କରୋନା କଟକଣା ଯୋଗୁଁ ଦୀର୍ଘ ୩ବର୍ଷ ହେଲାଣି ଭକ୍ତମାନେ ଜଗା ଦର୍ଶନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହା ସହ ବୃଦ୍ଧ, ବୃଦ୍ଧା, ଶିଶୁ ଓ ଭିନ୍ନକ୍ଷମମାନେ ବାଇଶି ପାହାଚ ଚଢି ଜଗମୋହନକୁ ଯିବା ସମୟ ସାପେକ୍ଷ ହେଉଛି । ଚାରିଦ୍ୱାରରେ ଚପଲ ଷ୍ଟାଣ୍ଡ ଖୋଲିବା ଓ ଗୋଡ଼ହାତ ଧୋଇବା ପାଇଁ ଭକ୍ତମାନେ ଦାବି କରିଛନ୍ତି ।

# ପ୍ରାଣୀ ସମ୍ପଦ ବିଭାଗ ପାଇଁ ଔଷଧ ଯୋଗାଇବ ରାଜ୍ୟ ଔଷଧ ନିଗମ

କଟକ ,୧୫/୦୩ (ନି.ପ୍ର): କେବଳ ରୋଗୀଙ୍କ ପାଇଁ ନୁହେଁ, ଏବେ ଗାଈ, ଗୋରୁ ତଥା ପ୍ରାଣୀ ସମ୍ପଦ ବିଭାଗ ପାଇଁ ଯାହା ସବୁ ଔଷଧ ଦରକାର ତା ମଧ ଯୋଗାଇବ ରାଜ୍ୟ ଔଷଧ ନିଗମ । ପ୍ରଥମ ଥର ପାଇଁ ଏଭଳି ବ୍ୟବସ୍ଥା ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ।
ଏଠାରେ ସୂଚନାଯୋଗ୍ୟ ଯେ, ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ପ୍ରାଣୀଧନ ସହାୟକ କେନ୍ଦ୍ର, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, କ୍ଷେତ୍ର ଡାକ୍ତରଖାନାକୁ ସବୁକୁ ଔଷଧ, ପ୍ରତିଷେଧକ ଟିକା ଆଦି ଯୋଗାଇ ଦିଆଯାଇଥାଏ । ଏଥିପାଇଁ ବର୍ଷବର୍ଷ ହେଲା ନିର୍ଦ୍ଦେଶାଳୟ ପକ୍ଷରୁ ଇ-ଟେଣ୍ଡର ମାଧ୍ୟମରେ ଏହାକୁ କ୍ରୟ କରାଯାଇ ଯୋଗାଣ କରାଯାଇଥାଏ । ଫଳରେ ବିଭିନ୍ନ ସମୟରେ ଏହାର ଗୁଣବତ୍ତାକୁ ନେଇ ପ୍ରଶ୍ନ ବି ଉଠିଥାଏ । ତେବେ ଇ-ଟେଣ୍ଡର ପ୍ରକ୍ରିୟାରେ କେବଳ ଔଷଧ ଯୋଗାଣକାରୀ ଫାର୍ମମାନେ ଟେଣ୍ଡରରେ ଭାଗ ନେଇଥାନ୍ତି ଓ ଯିଏ ଯୋଗ୍ୟ ହେଲା ସେ ହିଁ କୋଟି କୋଟି ଟଙ୍କାର ଔଷଧ ଯୋଗାଣ କରିଥାଏ । କିନ୍ତୁ ଏବେ ହେବାକୁ ଯାଉଥିବା ନୂତନ ବ୍ୟବସ୍ଥାରେ ଆଉ ସିଧାସଳଖ ଟେଣ୍ଡର ମାଧ୍ୟମରେ ନିର୍ଦ୍ଦେଶାଳୟ ଔଷଧ ଯୋଗାଣ କରିପାରିବନି । ଏଣିକି ଔଷଧ ଯୋଗାଣ ବ୍ୟବସ୍ଥା ରାଜ୍ୟ



ଔଷଧ ନିଗମ ମାଧ୍ୟମରେ ହେବ । ପୂର୍ବରୁ ଫାର୍ମମାନେ ଏଥିରେ ଭାଗ ନେଉଥିଲେ, କିନ୍ତୁ ଏବେ ସିଧାସଳଖ ଔଷଧ ପ୍ରସ୍ତୁତକାରୀ ସଂସ୍ଥାମାନେ ହିଁ ଏଥିରେ ଭାଗନେବେ ଓ ଔଷଧ ଯୋଗାଇବେ । ରାଜ୍ୟରେ ବାର୍ଷିକ ୫ଶହ କୋଟିରୁ ଅଧିକ ଟଙ୍କା ପ୍ରାଣୀ ସମ୍ପଦଙ୍କ ଔଷଧ ଓ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଥିବା ବେଳେ ଏବେ ଔଷଧ ନିଗମ ଔଷଧ ଯୋଗାଣ ପାଇଁ ଦାୟିତ୍ୱ ନେବାସହ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ମଧ ଆରମ୍ଭ ହୋଇଥିବା ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

# ତୁମୁଡ଼ିବନ୍ଧ ପଲ୍ଲିଶ୍ରୀ କ୍ଲବର ଜରୁରୀକାଳୀନ ବୈଠକ ଅନୁଷ୍ଠିତ

କନ୍ଧମାଳ,୧୫/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ସ୍ଥିତ ପଲ୍ଲିଶ୍ରୀ କ୍ଲବର ଏକ ଜରୁରୀ କାଳିନ ବୈଠକ କ୍ଲବର ସଭାପତି ପ୍ରମୋଦ କୁମାର ପଟ୍ଟନାୟକଙ୍କ ସଭାପତୋତ୍ୱରେ ଅନୁଷ୍ଠିତ ହୋଇଯାଇଛି । ତୁମୁଡ଼ିବନ୍ଧର ସର୍ବ ପୁରାତନ ଏହି କ୍ଲବ ଆଜକୁ ୬୦ବର୍ଷହେବ ବିଭିନ୍ନ ସମୟରେ ବିଭିନ୍ନ କ୍ରିଡା, ସାଂସ୍କୃତିକ, ଲୋକ ସଚେତନତା କାର୍ଯ୍ୟକ୍ରମ ଗୁଡିକ କରି ଆସୁଛି । ହେ କ୍ଲବ ଓ ଅପେରେସନ୍ କ୍ଲିନ୍ ହାର୍ଟ ଅଣ ଅନୁଦାନପ୍ରାପ୍ତ ଦୁଇଟି ଅନୁଷ୍ଠାନ ମିଳିତ ଉଦ୍ୟମରେ ଆଜକୁ ଦୁଇବର୍ଷ ହେବ " ଆବଶ୍ୟକ ଥିଲେ ନିଅ ବଳକା ଥିଲେ ଦିଅ " ନାମରେ ବ୍ୟବହାର ଉପଯୋଗୀ ପୁରୁଣା ବସ୍ତ୍ର ଆଣି ଗରୀବ ଅସହାୟ ଲୋକଙ୍କ ପାଖରେ ପହଂଚାଇ ଦିଆଯାଉଛି । କରୋନା ମହାମାରୀ ଯୋଗୁଁ ଗତବର୍ଷ ଠାରୁ ବନ୍ଦ ରହିଥିବା ଏହି କାର୍ଯ୍ୟକ୍ରମ ଆଜି ସୋମବାର ଠାରୁ ପୁନର୍ବାର ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି । ଛୋଟଛୋଟ ପିଲାମାନଙ୍କୁ ନେଇ ଏକ ସଂଗୀତ ବିଦ୍ୟାଳୟ ଆସନ୍ତା ଉତ୍କଳ ଦିବସ ଠାରୁ ଶୁଭାରମ୍ଭ କରିବାକୁ ନିଷ୍ପତି ନିଆଯାଇଥିବା କ୍ଲବ ପକ୍ଷରୁ ସୁଚନା ମଳିଛି । ଆଜିର ଏହି ବୈଠକରେ ଡିଜିଟାଲ୍ ଫୋଟ ଗ୍ରାଫି ତାଲିମ ଶିବିରର ଶୁଭାରମ୍ଭ କରାଯାଇଥିଲା । ଇଚ୍ଛୁକ ପ୍ରାର୍ଥିମାନେ ବିନାଦେୟରେ ଏହି ତାଲିମ ନେଇ ପାରିବେ ବୋଲି କୁହାଯାଇଛି । ତୁମୁଡ଼ିବନ୍ଧ ମାଟିର ସୁଯୋଗ୍ୟ ସନ୍ତାନ ବିଶିଷ୍ଟ ଚିତ୍ର ଶିଳ୍ପୀ ତଥା ଓଡିଶା ଫୋଟ ଗ୍ରାଫି ସଂଘର ସଭାପତି ଶ୍ରୀ ବିରେନ୍ଦ୍ର କୁମାର ପଟ୍ଟନାୟକ ଏହି ତାଲିମ ଦେବାର କାର୍ଯ୍ୟକ୍ରମ ରହିଛି । ଆଜିର ଏହି ବୈଠକରେ ନବନିର୍ବାଚିତ ତୁମୁଡ଼ିବନ୍ଧ ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ବାସନ୍ତି ପାତ୍ର ଓ ତୁମୁଡ଼ିବନ୍ଧ ସରପଂଚ ଶ୍ରୀମତୀ ପ୍ରିୟଙ୍କା ପତ୍ରା ଏବଂ ତୁମୁଡ଼ିବନ୍ଧ ନାଏବ ସରପଂଚ ବିଭୁ ଭୂଷଣ ନାୟକଙ୍କୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ବୈଠକରେ ଡ.କ୍ଷେତ୍ରବାସୀ ମାନସେଠ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦଣ୍ଡସେନା, କ୍ଲବର ସଂପାଦଜ ନେତ୍ର ମାନସେଠ୍, ଉପସଭାପତି ପ୍ରମୋଦ କୁମାର ମାନସେଠ୍, ବରିଷ୍ଟ ସଦସ୍ୟ ଲକ୍ଷ୍ମିଧର ସାହୁ ଓ କ୍ଲବର ସଦସ୍ୟ ଏବଂ ବିଭିନ୍ନ ଗଣମାଧମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଅଜବ ମହିଳା

ଦୁନିଆରେ ଏପରି ଅନେକ ମହିଳା ଅଛନ୍ତି ଯେଉଁମାନଙ୍କ ନାମରେ ଭିନ୍ନ ଭିନ୍ନ ରେକର୍ଡ ରହିଛି । ଦେଖିବାକୁ ଭିନ୍ନ ହେବା ସହ ବେଳେବେଳେ କାର୍ଯ୍ୟ ଏପରି କରନ୍ତି ଯାହା ତାଙ୍କୁ ଲୋକଲୋଚନ ସମ୍ମୁଖକୁ ଟାଣି ଆଣିଥାଏ । ଆଜି ଆମେ ଏପରି କିଛି ଭିନ୍ନ ମହିଳାଙ୍କ ବିଷୟରେ ଜଣାଉଛୁ ଯେଉଁମାନଙ୍କ ନାମରେ ଅଜବ ରେକର୍ଡ ଅନ୍ତର୍ଭୁକ୍ତ ରହିଛି ।

## ଆଶା ମଣ୍ଡେଲା:

ଆଶା ମଣ୍ଡେଲାଙ୍କ ମୁଣ୍ଡକୁ ଦେଖିଲେ ଏପରି ଲାଗେ ଯେପରି ସେ ତାଙ୍କ ମୁଣ୍ଡରେ କୌଣସି କାରୁକାର୍ଯ୍ୟ କରିଛନ୍ତି । ଆଶାଙ୍କ ମୁଣ୍ଡରେ ହୋଇଥିବା କାରୁକାର୍ଯ୍ୟ ବଜାରରେ ମିଳୁଥିବା ମୁକୁଟ କିମ୍ୱା ରୀବନ ନୁହେଁ ବରଂ ଏହା ଆଶାଙ୍କ ଓରିଜିନାଲ କେଶ । ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ଦୁନିଆର ସବୁଠୁ ଲମ୍ୱା କେଶଧାରୀ ମହିଳାଭାବେ ଆଶାଙ୍କର ରେକର୍ଡ ରହିଛି । ଆଶାଙ୍କ କେଶ ଏତେ ଲମ୍ୱା ଯେ, ଯଦି ସେ ଛାତର ଦୁଇ ମହଲାରେ ଠିଆ ହୋଇ କେଶକୁ ଉପରୁ ତଳକୁ ପକାନ୍ତି ତେବେ ତାଙ୍କ କେଶ ତଳେ ପାଇବାକେ । ତାଙ୍କର କେଶର ଲମ୍ୱ ୧୯ଫୁଟରୁ ଅଧିକ ରହିଛି ଯେତେବେଳେ ଆଶା କେଶକୁ ସଫା କରନ୍ତି, କେଶ ଶୁଖାଇବା ପାଇଁ ତାଙ୍କୁ ଦୁଇଦିନର ସମୟ ଲାଗିଥାଏ ।





## ଜୁଲିଆ ଗ୍ନୁସେ:

ଜୁଲିଆ ଗ୍ନୁସେ ନିଜ ଶରୀରର ୯୫ ପ୍ରତିଶତ ଭାଗ ଟାଟୁ କରିଛନ୍ତି । ପାଦଠୁ ନେଇ ମୁଣ୍ଡ ପର୍ଯ୍ୟନ୍ତ ଜୁଲିଆଙ୍କ ଟାଟୁ କରିବାର କାରଣ ହେଉଛି 'ପାରଫିରିୟା' ନାମକ ଏକ ଅଜବ ରୋଗ ଏହି ରୋଗର ଲକ୍ଷଣ ହେଉଛି ସୂର୍ଯ୍ୟଙ୍କ କିରଣ ତ୍ୱଚାରେ ପଡ଼ିଲେ, ତ୍ୱଚାରେ ବିଭିନ୍ନ ପ୍ରକାରର ଦାଗ ଦେଖା ଦେଇଥାଏ । ଜୁଲିଆ ତାଙ୍କ ଶରୀରର ଏହି ଅଜବ ଦାଗରୁ ନିଜକୁ ବଞ୍ଚେଇବା ପାଇଁ ଶରୀରଯାକରେ ଏପରି ଟାଟୁ କରିଛନ୍ତି । ଦେହସାରା ଟାଟୁ କାରଣରୁ ଖୁବ ବିଚିତ୍ର ଦେଖାଯାନ୍ତି ଜୁଲିଆ ।



## ମାରିଆ କ୍ରିଷ୍ଟେନା:

ମାରିଆ ଦେଖିବାକୁ କୌଣସି ପିଶାଚିନୀ ଠାରୁ କମ ନୁହନ୍ତି । ବିବାହ ପରେ ଦୀର୍ଘବର୍ଷ ଧରି ଘରୋଇ ହିଂସାର ଶିକାର ହୋଇ ଆସୁଥିଲେ ମାରିଆ । ଅସଫଳ ବିବାହରୁ ମୁକ୍ତି ପାଇବା ପରେ ମାରିଆ ନିଜକୁ ଭାମ୍ପୋର ପରି ସଜେଇ ଦେଇଛନ୍ତି । ମାରିଆଙ୍କ ଚେହେରା ଏତେ ଭୟାନକ ଯେ, ଦିନ ସମୟରେ ବି ତାଙ୍କୁ ଦେଖିଲେ ଲୋକେ ଡରିଯାନ୍ତି । ମାରିଆ ନିଜର ସମ୍ପୂର୍ଣ୍ଣ ଶରୀରରେ ଟାଟୁ କରିଛନ୍ତି । କେବଳ ସେତିକି ନୁହେଁ ଏକ ହିଂସ୍ରଜନ୍ତୁର ଶିଘଂକୁ କ ବି ନିଜ ମୁଣ୍ଡରେ ଇମ୍ପ୍ଲିମେଣ୍ଟ କରିଛନ୍ତି ମାରିଆ । ଏହା ସବୁ ସତ୍ତ୍ୱେ ବି ମାରିଆଙ୍କ ଭିତରେ ଭଲ କଥା ହେଉଛି, ଘରୋଇ ହିଂସାର ଶିକାର ହେଉଥିବା ମହିଳାଙ୍କୁ ସେ ସାହାଯ୍ୟ କରନ୍ତି ।

## ଏନେଟା ଫ୍ଲୋରଚେକ:





ଜୁନିଆରେ ସବୁଠାରୁ ମଜଭୁତ ଏବଂ ଶକ୍ତିଶାଳୀ ମହିଳାମାନଙ୍କ ମଧ୍ୟରେ ଗଣାଯାନ୍ତି ଏନେଟ । ଫ୍ଲୋରଚେକ । ଏନେଟାଙ୍କ ନାମ ଅନେକଥର ଦୁନିଆର ସବୁଠାରୁ ଶକ୍ତିଶାଳୀ ମହିଳା ତାଲିକାରେ ସାମିଲ ରହିଛି । ଏନେଟା ଏତେ ଶକ୍ତିଶାଳୀ ଯେ ଅତି ସମୟରେ ସୁସ୍ଥ ସେବକ ପୁରୁଷମାନଙ୍କୁ ମଧ୍ୟ ହାତରେ ଉପରକୁ ଟେକି ଦିଅନ୍ତି ।

## ମ୍ୟାଣ୍ଡି ସେଲର୍ସ:



ମ୍ୟାଣ୍ଡି ସେଲର୍ସ ନାମକ ଏହି ମହିଳା ଜରକ ଦୀର୍ଘ ଦିନ ଧରି ଏକ ଗମ୍ଭୀର ରୋଗରେ ପୀଡ଼ିତ ଅଛନ୍ତି । ମ୍ୟାଣ୍ଡିଙ୍କ ଏହି ଅଜବ ରୋଗ କାରଣରୁ ତାଙ୍କ ଗୋଡ଼ ଆବଶ୍ୟକତାଠାରୁ ଅଧିକ ବଢ଼ିବାରେ ଲାଗିଛି । ଗୋଡ଼ଟି ଅସାମାନ୍ୟ ଏବଂ ବେଢ଼ଙ୍ଗ ପ୍ରକ୍ରିୟାରେ ବଢ଼ିବାକୁ ଲାଗଉଛି । ଆପରଙ୍କୁ ଜାଣି ଆଶ୍ଚର୍ଯ୍ୟ ଲାଗିବ ତାଙ୍କ ଡାହାଣ ଗୋଡ଼ଟିର ଓଜନ ୯୫ କିଲୋରୁ ବି ଅଧିକ ରହିଛି । ଗୋଡ଼ର ଏହି ସମସ୍ୟା କାରଣରୁ ମ୍ୟାଣ୍ଡି ଠିକ୍ ଭାବେ ଚଳପ୍ରଚଳ ବି କରିପାରୁ ନାହାନ୍ତି । ଏଥିପାଇଁ ସେ ବାଧ୍ୟ ହୋଇ ୨୦୧୦ରେ ନିଜର ବାମ ଗୋଡ଼କୁ କାଟି ଦେଇଥିଲେ । କାଟିବା ସତ୍ତ୍ୱେ ବି ଗୋଡ଼ ବଢ଼ିବାରେ ଲାଗୁଛି । ଯାହାର ସଠିକ ଚିକିତ୍ସା ବିଷୟରେ ମେଡିକାଲ ସାଇନ୍ସ ପାଖରେ ବି ନାହିଁ ।

# ପିଅନ୍ତୁ ଲବଙ୍ଗ କ୍ଷୀର, ଦୂର ହୋଇଯିବ ଏହି ସବୁ ରୋଗ

ରାତିରେ ଅଧିକାଂଶ ଲୋକ କ୍ଷୀର ପିଇବା ପାଇଁ ପସନ୍ଦ କରନ୍ତି । ବିଶ୍ୱାସ ରହିଛି ଯେ, କ୍ଷୀର ପିଇଲେ କୁଆଡେ ଭଲ ନିଦ ହୁଏ । ଏଥିସହ ହଜମ ଶକ୍ତି ମଧ୍ୟ ଭଲ ରୁହେ । ତେବେ ଏହି କ୍ଷୀର ସହ ଲବଙ୍ଗ ମିଶାଇ ପିଇଲେ ଅଧିକ ଲାଭ ମିଳିଥାଏ । ଏହି ଦୁଇଟି ଜିନିଷକୁ ଏକାଠି ପିଇବା ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ ହୋଇପାରେ । କ୍ଷୀର ଏବଂ ଲବଙ୍ଗ ଅନେକ ପୋଷକ ତତ୍ତ୍ୱରେ ଭରପୂର । କ୍ଷୀରରେ ଫସଫରସ୍, ମ୍ୟାଗ୍ନେସିୟମ୍, ଆୟୋଡିନ୍, ଭିଟାମିନ୍ଏ-, ଡି ଓ କେ ଭରପୂର ମାତ୍ରାରେ ଥିବାବେଳେ ଲବଙ୍ଗରେ କାର୍ବୋହାଇଡ୍ରେଟ୍, ଆଇରନ୍, ସୋଡିୟମ୍ ପ୍ରଚୁର ପରିମାଣରେ ରହିଛି ।



♦ ଶୋଇବା ପୂର୍ବରୁ ପ୍ରତିଦିନ ରାତିରେ କ୍ଷୀରରେ ଲବଙ୍ଗ ମିଶାଇ ପିଅନ୍ତୁ । ଯଦି ଆପଣ ଚାହାଁନ୍ତି, ଆପଣ ଏହାକୁ ଯେକୌଣସି ସମୟରେ ପିଇପାରିବେ, କିନ୍ତୁ ରାତିରେ ଏହାକୁ ପିଇବା ଅଧକ ଭଲ । ଏଥିପାଇଁ, ପ୍ରଥମେ ଲବଙ୍ଗକୁ ଭଲ ଭାବେ ଗୁଣ୍ଡ କରି ପାଉଡର ତିଆରି କରି ରଖିଦିଅନ୍ତୁ । ଏହା ପରେ କ୍ଷୀରକୁ ଭଲ ଭାବରେ ଗରମ କରନ୍ତୁ । ଏବେ ଏକ ଗ୍ଲାସ କ୍ଷୀରରେ ଲବଙ୍ଗ ପାଉଡର ମିଶାନ୍ତୁ । ତା'ପରେ ସେଥିରେ ଟିକେ ଗୁଡ ମିଶାଇ ପୁଅନ୍ତୁ ।

♦ ପ୍ରାୟତଃ ଲୋକଙ୍କ ଗଳାରେ ଯନ୍ତ୍ରଣା, କଫ ଆଦି ସମସ୍ୟା ସୃଷ୍ଟି ହୁଏ । ଏଭଳି ସ୍ଥିତିରେ ରାତିରେ ଶୋଇବା ପୂର୍ବରୁ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ଲାଭଦାୟୀ ହୋଇଥାଏ । ଏଥିରୁ ଗଳା ଯନ୍ତ୍ରଣା ଏବଂ କଫ ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ ।

♦ ଯଦି ଆପଣ ଦୁର୍ବଳ ଅନୁଭବ କରନ୍ତି ତେବେ କ୍ଷୀର ସହ ଲବଙ୍ଗ ମିଶାଇ ପିଇବା ନିହାତି ଆବଶ୍ୟକ । କ୍ଷୀରରେ କ୍ୟାଲସିଅମ୍, ସୋଡିଅମ୍, ପୋଟାସିଆମ ଭରପୂର ମାତ୍ରାରେ ରହିଛି । ଏହା ଶରୀରକୁ ଭରପୁର ଏନର୍ଜି ପ୍ରଦାନ କରିଥାଏ ।

♦ କୋଷ୍ଠ କାଠିନ୍ୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଶୋଇବା ପୂର୍ବରୁ ଲବଙ୍ଗ କ୍ଷୀର ପିଇବା ଉଚିତ । ଏହାଦ୍ୱାରା ଏସିଡିଟି ଏବଂ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ । କେବଳ ସେତିକି ନୁହେଁ ଦାନ୍ତରେ ଯନ୍ତ୍ରଣା ସମସ୍ୟା ଥିଲେ ମଧ ଆପଣ ଏହି କ୍ଷୀରକୁ ପିଇ ପାରିବେ । ଏହା ଦାନ୍ତ ଯନ୍ତ୍ରଣାରୁ ଆରାମ ଦେଇଥାଏ ।

♦ ପ୍ରାୟତଃ କିଛି ଲୋକଙ୍କ ମୁହଁରୁ ବେଳେ ବେଳେ ଦୁର୍ଗନ୍ଧ ବାହାରିବା ଭଳି ସମସ୍ୟା ରହିଥାଏ । ଏପରି ସ୍ଥିତିରେ ଲବଙ୍ଗ କ୍ଷୀର ଏହି ସମସ୍ୟାରୁ ମୁକ୍ତି ଦେଇଥାଏ ।





# ଦିନକରେ କେତୋଟି ଅଣ୍ଡା ଖାଇପାରିବେ ?

ସବୁ ଖାଦ୍ୟ ସାମଗ୍ରୀ ମଧ୍ୟରେ ଅଣ୍ଡା ହେଉଛି ସବୁଠୁ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ । ପିଲାଠାରୁ ଆରମ୍ଭ କରି ବୟସ୍କ, ଅଣ୍ଡା ଖାଇବା ପାଇଁ ସମସ୍ତେ ପସନ୍ଦ କରିଥା'ନ୍ତି । ଏଥିରେ ଥିବା ପୋଷକ ତତ୍ତ୍ୱ ଯୋଗୁଁ ଏହାକୁ ସୁପର ଫୁଡ୍ ବୋଲି ମଧ୍ୟ କୁହାଯାଏ । ପୁରା ଗୋଟା ଚିକେନରେ ଯେତିକି ନ୍ୟୁଟ୍ରିଏନ୍ସ ମିଳେ, ସେତିକି ଗୋଟିଏ ଅଣ୍ଡାରେ ରହିଥାଏ । ଅଣ୍ଡାକୁ ସର୍ବଦା ହାଇକୋଲେଷ୍ଟ୍ରୋଲ ଯୁକ୍ତ ଖାଦ୍ୟ କୁହାଯାଏ । ଏଥିପାଇଁ ଅଣ୍ଡକୁ ଅଧିକ ମାତ୍ରାରେ ଖାଇବା ପାଇଁ ବାରଣ କରାଯାଇଥାଏ । ତେବେ ଦିନକରେ କେତୋଟି ଅଣ୍ଡା ଖାଇବା ଉଚିତ ଆସନ୍ତୁ ଜାଣିବା ।

■ ସାଧାରଣତଃ ଲୋକେ ଦିନକରେ ଅତି କମ ଅଣ୍ଡା ଖାଇବା ପାଇଁ ପରାମର୍ଶ ଦେଇଥା'ନ୍ତି । ବିଶେଷ କରି ଅଣ୍ଡାର ହଳଦିଆ ଅଂଶକୁ ନ ଖାଇବା ପାଇଁ ମଧ୍ୟ କୁହନ୍ତି । କାରଣ ଏଥିରେ କୋଲେଷ୍ଟ୍ରୋଲ ଭରପୁର ମାତ୍ରାରେ ରହିଥାଏ । ସେହିପରି ଅଣ୍ଡାର ଧଳା ଅଂଶରେ ଅଧିକ ପ୍ରୋଟିନ ରହିଛି । ତେଣୁ ଏହାକୁ ଖାଇବା ପାଇଁ ଡାକ୍ତରମାନେ ମଧ୍ୟ ପରାମର୍ଶ ଦେଇଥାନ୍ତି ।

■ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଦିନରେ ଅତି କମରେ ଗୋଟିଏ ଅଣ୍ଡା ବା ସପ୍ତାହରେ ୨ରୁ ୬ଟି ଅଣ୍ଡା ଖାଇବା ପାଇଁ ପରାମର୍ଶ ଦିଅନ୍ତି । ଏହାଦ୍ୱାରା ଶରୀରରେ କୋଲେଷ୍ଟ୍ରୋଲ ସ୍ତର ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ଅଧ୍ୟୟନରେ କୁହାଯାଇଛି ।

■ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦିନରେ ପୁରା ଗୋଟିଏ ଅଣ୍ଡା ଖାଇଲେ, ଏହାର ପ୍ରଭାବ ପ୍ରତିଟି ବ୍ୟକ୍ତିଙ୍କ ଉପରେ ଭିନ୍ନ ଭିନ୍ନ ରହିଥାଏ । ୭୦ ପ୍ରତିଶତ ଲୋକଙ୍କ ଖରାପ କୋଲେଷ୍ଟ୍ରୋଲ ଉପରେ ଏହା କୌଣସି ପ୍ରଭାବ ପକାଏ ନାହିଁ କିନ୍ତୁ ଅନ୍ୟ ୩୦ ପ୍ରତିଶତ ଲୋକଙ୍କ ଉପରେ ଏହା ପ୍ରଭାବ ପକାଇଥାଏ ।

■ ଆମ ଶରୀରର ସଠିକ ଫଙ୍କସନ ପାଇଁ କୋଲେଷ୍ଟ୍ରୋଲ ବେଶ ଜରୁରୀ । ଶରୀରରେ ସେଲ ଗଠନ କରିବାରେ କୋଲେଷ୍ଟ୍ରୋଲର ଭୂମିକା ବେଶ ଗୁରୁତ୍ୱ ରଖେ । ଟେଷ୍ଟୋଷ୍ଟେରୋନ, ଏଷ୍ଟ୍ରୋଜନ ଏଂ କାର୍ଟିସେଲ ଭଳି ଜରୁରୀ ଷ୍ଟେରୟଡ ହର୍ମୋନ ତିଆର କରିବା ପାଇଁ ମଧ୍ୟ କୋଲେଷ୍ଟ୍ରୋଲ ସହାୟତା କରେ ।

■ ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁଯାୟୀ ସୁସ୍ଥ ଥିବା ବ୍ୟକ୍ତି ଦିନକରେ ପୁରା ୩ଟି ଅଣ୍ଡା ଖାଇପାରିବେ । ଏହା ସେମାନଙ୍କ ପାଇଁ ସୁରକ୍ଷିତ । କିନ୍ତୁ ଡାଇବେଟିସ କିମ୍ୱା ହାର୍ଟ ଜନିତ ସମସ୍ୟା ଥିବା ବ୍ୟକ୍ତି ଦିନରେ ଗୋଟିଏ କିମ୍ୱା ଅଧା ଅଣ୍ଡା ଖାଇବା ଉଚିତ ।

# ପାଟି ମୁଣି !

ଇଂରେଜୀରେ ଏକ ଖଣ୍ଡ-ବାକ୍ୟ ଅଛି, ଯାହାର ଓଡ଼ିଆ ଭାଷାନ୍ତର ଏହି ପରି- ଯେଉଁଠି ତୁମର ପାଟି ଅଛି, ସେଇଠି ପଇସା ରଖ । ଏହାକୁ କାର୍ଯ୍ୟରେ ଲଗାଇଛନ୍ତି ଜାପାନିଜ ଶିଳ୍ପୀ ଡୁ । ପଇସା ରଖିବା ପାଁ ସେ ପୁରୁଷ ପାଟି ଭଳି ଦିଶୁଥିବା ମୁଣିଟିଏ ତିଆରିକରିଛନ୍ତି । ମୁଣିଟି ଖୋଲୁଛି, ଠିକ୍ ମଣିଷ ପାଟି ପରି । 'ପାଟି ମୁଣି' ଟି ତାଙ୍କର ଦୁଇ ମାସର ଶ୍ରମର ଫଳ । ସେଥିରେ କେଉଁ କେଉଁ ସାମଗ୍ରୀ ବ୍ୟବହାରର କରିଛନ୍ତି, ସେ ପ୍ରକାଶ କରିନାହାନ୍ତି । 'ଟ୍ୱିଟର' ମାଧ୍ୟମରେ ସେଇଟିକୁ ଦେଖିସାରିଲେଣି ୧.୨ କୋଟି ମଣିଷ ବହୁ ମୂଲ୍ୟ ଦେଇ କିଣି ନେବାକୁ ଅନେକ ପ୍ରସ୍ତାବ ଦେୁଥିଲେ ହେଁ ଏଯାଏ ଗ୍ରହଣ କରିନାହାନ୍ତି ଡୁ ।

# ତମ୍ବା ପାତ୍ରର ଫାଇଦା

ପାଶ୍ଚାତ୍ୟରେ ଲୋକମାନେ ତମ୍ବା, ମାଟି ପାତ୍ରରେ ଖାଇବା ପିଇବାକୁ ପସନ୍ଦ କରୁଥିଲେ । ଯୁଗ ବଦଳିବା ସଙ୍ଗେ ସଙ୍ଗେ ଲୋକଙ୍କ ପସନ୍ଦରେ ବି ପରିବର୍ତ୍ତନ ଆସିବାକୁ ଲାଗିଲା । ତମ୍ବା, ମାଟି ପାତ୍ରର ସ୍ଥାନ ଆଖି ଝଲସାଇ ଦେବା ଭଳି କାଚ ଓ ଫାଇବର ପାତ ମାଡ଼ି ବସିଲା । ଶାସ୍ତ୍ରରେ ବି ତମ୍ବା ପାତ୍ରର ଫାଇଦା ବିଷୟରେ ଉଲ୍ଲେଖ ଅଛି, ନିତିଦିନ ତମ୍ବା ପାତ୍ରରେ ପାଣି ପିଇବା ଦ୍ୱାରା ଆମେ ବହୁ ରୋଗ କବଳରୁ ମୁକ୍ତି ପାଇଥାଉ ।

# ତ୍ୱଚା ଚମକ ବଢ଼ାଇବ ବନ୍ଧାକୋବି





ନିଜ ମୁହଁକୁ ସୁନ୍ଦର କରିବା ପାଇଁ ସମସ୍ତେ ଚାହାନ୍ତି । ଏଥିପାଇଁ ଅନେକ ଫେସ ପ୍ୟାକ୍ ଓ ବିଭିନ୍ନ ବ୍ୟୁଟି କ୍ରିମ ବ୍ୟବହାର କରିଥାନ୍ତି । ସେହିପରି ଅନେକ ଲୋକେ ପ୍ରାକୃତିକ ଉପାୟରେ ମଧ ଚେହେରାର ଚମକ ବଢ଼ାଇବା ପାଇଁ ଚେଷ୍ଟା କରିଥା'ନ୍ତି । ଘରୋଇ ସାମଗ୍ରୀ ତଥା ପରିବାକୁ ବ୍ୟବହାର କରି ଫେସ ମାସ୍କ ତିଆରି କରନ୍ତି । ଏହିପରି ଏକ ଘରୋଇ ପରିବା ହେଉଛି ବନ୍ଧାକୋବି ।

ବନ୍ଧାକୋବି ଖାଇବାକୁ ଯେତିକି ସ୍ୱାଦିଷ୍ଟ ସେତିକି ଲଭାକାରୀ ମଧ । ଏହା ତ୍ୱଚା କୁଞ୍ଚନ ଦୂର କରିବା ସହ ଚେହେରାର ଚମକ ବଢ଼ଇବାରେ ସହାୟକ ହୋଇଥାଏ । ଏଥିରେ ଅନେକ ଭିଟାମିନ, ପୋଟାସିଅମ, ସଲଫର ରହିଛି, ଯାହା ଶରୀର ପାଇଁ ହିତକର ହେବା ସହ ତ୍ୱଚା ପାଇଁ ମଧ ଲାଭଦାୟକ । ତେବ ଆସନ୍ତୁ ଜାଣିବା ଏହାକୁ କିଭଳି ବ୍ୟବହର କରି ଫେସ ପ୍ୟାକ ତିଆରି କରିହେବ ।

ସାମଗ୍ରୀ: ୪ ବଡ ଚାମଚ ବନ୍ଧାକୋବି, ଗୋଟିଏ ଅଣ୍ଡାର ଧଳା ଅଂଶ, ୧ ଚାମଚ ମହୁ, ୨ ଚାମଚ ଚାଉଳ ପାଉଡର, ୪ରୁ ୫ ବୁନ୍ଦା ଲେମ୍ବୁ ରସ ।

ପ୍ରସ୍ତୁତି ପ୍ରଣାଳୀ: ବ୍ଲେଣ୍ଡରରେ ଏ ସବୁ ସାମଗ୍ରୀକୁ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ମୁହଁକୁ ଭଲଭାବେ ଧୋଇବା ପରେ ଏହି ପେଷ୍ଟକୁ ନିଜ ଚେହେରାରେ ଲଗାନ୍ତୁ । ଏହାପରେ ଦୁଇ ମିନିଟ ଯାଏ ସର୍କୁଲାର ମୋଶନରେ ମସାଜ କରନ୍ତୁ । ୨୦ ମିନିଟ ପରେ ମୁହଁକୁ ଧୋଇଦିଅନ୍ତୁ । ଏହାପରେ ମୁହଁରେ ମଶ୍ଚରାଇଜର କ୍ରିମ ଲଗାନ୍ତୁ । ସପ୍ତାହରେ ୨ ଥର ଏହି ଫେସ ପ୍ୟାକକୁ ବ୍ୟବହାର କରନ୍ତୁ । ଏହାଦ୍ୱାରା ତ୍ୱଚାର ଚମକ ବଢ଼ିବା ସହ ଝୁରିଆଁ ତଥା ତ୍ୱଚା କୁଞ୍ଚନ ଦୂର ହୋଇଥାଏ । ଏହି ପ୍ୟାକ କେବଳ ତ୍ୱଚାର ଚମକ ବଢ଼ାଏ ନାହିଁ ବିଭିନ୍ନ ପ୍ରକାରର ସଂକ୍ରମଣକୁ ମଧ ଦୂର କରିଥାଏ ।

# ତ୍ରିଯୁଗୀନାରାୟଣ ମନ୍ଦିର

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲା ଅନ୍ତର୍ଗତ ତ୍ରିଯୁଗୀନାରାୟଣ ଗ୍ରାମରେ ଏହି ନାମରେ ଏକ ପ୍ରସିଦ୍ଧ ମନ୍ଦିର ରହିଛି । ତ୍ରିଯୁଗୀନାରାୟଣ ମନ୍ଦିର ଭଗବାନ ବିଷ୍ଣୁଙ୍କୁ ସମର୍ପିତ । ମନ୍ଦିରରେ ବିଷ୍ଣୁଙ୍କ ସହ ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଉଛନ୍ତି । ଆଦି ଶଙ୍କରାଚାର୍ଯ୍ୟ ମନ୍ଦିର ତୋଳାଇଥିଲେ । ଏହାର ଅନ୍ୟ ନାମ 'ଅଖଣ୍ଡ ଧୁନି ମନ୍ଦିର' । କାରଣ କେଉଁ ପ୍ରାଚୀନ କାଳରୁ ଏଠାରେ ଥିବା ହବନ କୁଣ୍ଡରେ ଅଗ୍ନି ଜଳିଆସିଲାଣି ମନ୍ଦିର ଦର୍ଶନରେ ଆସୁଥିବା ଭକ୍ତ ଗଣ ହବନ କୁଣ୍ଡରେ ଶୁଖିଲା କାଠ ପକାଇବା ବିଧି ପ୍ରଚଳିତ । କିମ୍ୱଦନ୍ତୀ ଅନୁଯାୟୀ ଏଠାରେ ଶିବ ଓ ପାର୍ବତୀଙ୍କ ବିବାହ ହୋଇଥିଲା । ପାର୍ବତୀଙ୍କ ଭାଇ ବନି କନ୍ୟାଦାନ କରିଥିଲେ ବିଷ୍ଣୁ ଏବଂ ପୁରୋହିତ ଦାୟିତ୍ୱ ତୁଲାଇଥିଲେ । ବ୍ରହ୍ମା । 'ସ୍ଥଳ ପୁରାଣ'ରେ ଏହି ସ୍ଥାନର ମହିମା ବର୍ଣ୍ଣିତ ମନ୍ଦିକିନୀ ଓ ସୋନ -ଗଙ୍ଗାର ସଙ୍ଗମ ସ୍ଥଳୀରେ ମନ୍ଦିର ଅବସ୍ଥିତ । ଏଠାରେ ଥିବା ବ୍ରହ୍ମ ଶିଳା, ରୁଦ୍ର କୁଣ୍ଡ, ବିଷ୍ଣୁ, ବ୍ରହ୍ମାକୁଣ୍ଡ ଓ ସରସ୍ୱତୀ କୁଣ୍ଡର ଧାର୍ମିକ ମହତ୍ତ୍ୱ ଅନେକ । ଏହି କୁଣ୍ଡଗୁଡ଼ିକର ପାଣିକୁ ଅତି ପବିତ୍ର ମନେକରାଯାଏ ମନ୍ଦିର ପରିସର, ସରସ୍ୱତୀ ଗଙ୍ଗାନାମକ ଝରଣାର ମୂଳ ଉତ୍ସ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୀନ ଓ ଭାରତର ବିବାଦ...

ଯେତେବେଳେ ବି ୟୁରୋପ୍‌ରକୌଣସି ଦେଶଙ୍କ ଭିତରେ କିଛି ବିବାଦ ଉପୁଜିଛି ବା ଯୁଦ୍ଧ ହୋଇଛି ଏବଂ ସମଗ୍ର ୟୁରୋପୀୟ ସମୁଦାୟଙ୍କ ଦୃଷ୍ଟି ତା' ଉପରେ ନିବଦ୍ଧ ରହିଛି, ଚୀନ୍ ସେତେବେଳେ ଭାରତ ଉପରେ ଆକ୍ରମଣ କରିଛି । ସମ୍ପ୍ରତି ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିବା ପରିପ୍ରେକ୍ଷୀରେ ଭାରତ ଚୀନ୍ ସମ୍ପର୍କରେ ସତର୍କ ରହିବାର ତେଣୁ ଯଥେଷ୍ଟ ଆବଶ୍ୟକତା ରହିଛି । ପ୍ରାୟ ଦୁଇବର୍ଷ ପୂର୍ବେ ମେ' ୨୦୨୦ରେ ଲଦାଖ୍‌ରେ ଚୀନ୍ ସେନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅତିକ୍ରମ କରି ଭାରତ ଆଡ଼କୁ ମାଡ଼ି ଆସିବା ପରଠାରୁ ଏହି ସତର୍କତାର ମାତ୍ର ଅଧିକ ହେବା ଜରୁରୀ ହୋଇ ପଡ଼ିଛି । ଏହା ମଧ୍ୟରେ ଏଲ୍‌ଏସିରୁ ସେନା ପ୍ରତ୍ୟାହାରକୁ ନେଇ ଭାରତ ଓ ଚୀନ୍ ମଧ୍ୟରେ ଚଉଦ ଥର ସାମରିକ ଓ କୂଟନୀତି ସ୍ତରୀୟ ଆଲୋଚନା ହୋଇ ସାରିଥିଲା, ପରନ୍ତୁ ଚୀନ୍ ସେନା ସବୁ ସ୍ଥାନରୁ ପଛକୁ ହଟି ନଥିଲେ । ଗତ ସପ୍ତାହର ଶୁକ୍ରବାର ଦିନ ପଞ୍ଚଦଶ ଥର ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ସାମରିକସ୍ତରୀୟ ଆଲୋଚନା ପୁନର୍ବାର କୌଣସି ପ୍ରକାରର ସଫଳତା ବହନ କରି ଆଣିବାରେ ବିଫଳ ହୋଇଛି, ଯଦିଓ ଉଭୟ ପକ୍ଷର ସେନାଧ୍ୟକ୍ଷ ରାଜି ହୋଇଛନ୍ତି ଯେ ଲଦାଖ୍ ସେକ୍ଟରେ ଏଲ୍‌ଏସିରେ ସଂଘର୍ଷ ସୃଷ୍ଟି ହେବା ଭଳି ପଏଣ୍ଟ୍‌ଗୁଡ଼ିକରେ ପରସ୍ପରଙ୍କ ପାଇଁ ଗ୍ରହଣୀୟ ହେବା ଭଳି ଏକ ସମାଧାନରେ ପହଞ୍ଚିବାକୁ ଉଭୟ ସାମରିକ ଏବଂ କୂଟନୀତିକ ବାର୍ତ୍ତାଳାପ ଚାଲୁ ରହିବ । ସୂଚନାଯୋଗ୍ୟ ଯେ ଉଭୟ ପକ୍ଷ ପୂର୍ବ ଥରର ବାର୍ତ୍ତାଳାପ ଉତ୍ସାହଜନକ ଥିଲା ଏବଂ ଉଭୟଙ୍କ ତରଫରୁ ଏଥିପାଇଁ ସକାରାତ୍ମକ ସଙ୍କେତ ରହିଥିବା ନେଇ ସହମତ ହେବା ପରେ ଏହି ପଞ୍ଚଦଶ ପର୍ଯ୍ୟାୟର ଆଲୋଚନା ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହି ଆଲୋଚନା ମଧ୍ୟ ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣ ବଜାୟ ରହିଥିବା ଯୋଗୁଁ ବିଶ୍ୱ ଶୃଙ୍ଖଳାରେ ଯେତେବେଳେ ଅପ୍ରତ୍ୟାଶିତ ଅସ୍ଥିରତା ସୃଷ୍ଟି ହୋଇଛି, ଠିକ୍ ସେତିକି ବେଳେ ହିଁ ହୋଇଛି । ଦୁଇବର୍ଷ ପୂର୍ବେ ଗଲ୍‌ୱାନ୍ ଉପତ୍ୟକାରେ ଚୀନ୍ ସେନା ଜାଣିଶୁଣି ଆକ୍ରମଣ ଭାବରେ ସୀମାଜନିତ ରାଜିନାମାକୁ ଉଲ୍ଲଙ୍ଘନ କରିଥିଲା ଏବଂ ପରିଣତି ସ୍ୱରୂପ ଦୁଇ ପକ୍ଷର ସେନାଙ୍କ ମଧ୍ୟରେ ସଂଘର୍ଷ ଉପୁଜି ଥିଲା ଯେଉଁଥିରେ ଭାରତର କୋଡ଼ିଏ ଜଣ ଜୈନିକ ସହିଦ ହୋଇଥିଲେ । ଏହାପରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ପରେ ତିନିଗୋଟି ପର୍ଯ୍ୟାୟରେ ଗଲ୍‌ୱାନ୍, ପାଙ୍ଗଙ୍ଗ୍ ସୋ ଏବଂ ଗୋଗ୍ରୋଠାରେ ଚୀନ୍ ସେନା ପଛକୁ ହଟିଛନ୍ତି ଏବଂ ଏହିସବୁ ସ୍ଥାନରେ ସଂଘର୍ଷର ଅବସାନ ଘଟିଛି । ତେବେ ହଟ୍ ସ୍ପ୍ରିଙ୍ଗ୍ ଏବଂ ଦେପ୍‌ସାଙ୍ଗ୍ ଅଞ୍ଚଳରେ ଏବେ ସୁଦ୍ଧା ଚୀନ୍ ସେନା ନିର୍ଦ୍ଧାରିତ ସୀମାରେଖାଠାରୁ ଆଗକୁ ରହିଛନ୍ତି । ପାଶ୍ଚାତ୍ୟ ବିଶ୍ୱ ଏବଂ ଉତ୍ତର ଆଟ୍‌ଲାଣ୍ଟିକ୍ ଚୁକ୍ତି ସଂଗଠନ (ନାଟୋ) ୟୁରୋପ୍‌ରେ ଦେଖା ଦେଇଥିବା ସଂକଟ ଉପରେ ଧ୍ୟାନ କେନ୍ଦ୍ରିତ କରିଥିବା ବେଳେ ଏବଂ ରୁଷିଆର ପ୍ରତିଶୋଧମୂଳକ ଉଚ୍ଚାକାଂକ୍ଷା ଉପରେ ଲଗାମ୍ କଷିବାକୁ ଉଦ୍ୟମ ଚଳାଇ ଥିବା ବେଳେ ଚୀନ୍ ୟୁରୋପୀୟ ସମୁଦାୟ ଏବଂ ଆମେରିକା ଉପରେ ପ୍ରାଥମିକତା ପ୍ରଦାନର ମନୋଭାବରୁ ତ୍ୱରିତ ଗତିରେ ଓହରି ଯାଉଥିବା ମନେହୁଏ । ଲଦାଖ୍ ସୀମାରେ ଚୀନ୍ ସେନା ଭାରତ ପକ୍ଷକୁ ମାଡ଼ି ଆସିବା ଏବଂ ସେଠାରୁ ପଛକୁ ନ ହଟିବା ସହିତ ସମୟ ଯେତେ ଯେତେ ଅତିକ୍ରାନ୍ତ ହୋଇଚାଲିଛି, ଏଲ୍‌ଏସିରେ ଚୀନ୍ ତା'ର ସୀମା ଭିତ୍ତିଭୂମି, ସଡ଼କ, ପୋଲ, ବିମାନ ବନ୍ଦର ଏବଂ କ୍ଷେପଣାସ୍ତ୍ର ଘାଟୀ ଇତ୍ୟାଦି ନିର୍ମାଣ କରିବା କ୍ଷେତ୍ରରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏସବୁ କରି ଏହା ଏକତରଫା ଭାବେ ୧୯୫୯ରେ ନିର୍ଦ୍ଧାରିତ କରିଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ସାବ୍ୟସ୍ତ କରିବାକୁ ଚାହୁଁଥିବା ସ୍ପଷ୍ଟ ହେଉଛି । ସ୍ମରଣ କରାଇ ଦିଆଯାଇପାରେ ଯେ ଚଳିତ ବର୍ଷ ପ୍ରାରମ୍ଭରେ ରଣକୌଶଳ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ପାଙ୍ଗଙ୍ଗ୍ ହ୍ରଦର ଉଭୟ ପାର୍ଶ୍ୱକୁ ଯୋଡ଼ିବା ନିମନ୍ତେ ଚୀନ୍ ପୋଲଟିଏ ତିଆରି କରୁଥିବାର ଏକ ଉପଗ୍ରହ ଚିତ୍ର ପ୍ରକାଶ ପାଇଥିଲା । ଏଥିରୁ ମନେହୁଏ ଯେ ଏଲ୍‌ଏସିରେ ଶାନ୍ତି ଓ ସ୍ଥିରତା ଫେରାଇ ନ ଆଣିବାକୁ ଚୀନ୍ ଚାହୁଁଥିବା ବେଳେ ଆଲୋଚନା ସମୟରେ କୌଣସି ନିଷ୍କର୍ଷରେ ନ ପହଞ୍ଚିବା ହୁଏତ ଚୀନ୍‌ର ଏକ ରଣକୌଶଳ ହୋଇପାରେ । ଏହା ହୁଏତ ଚିନ୍ତା କରୁଥାଇ ପାରେ ଯେ ଏଲ୍‌ଏସିରେ ସ୍ଥିତାବସ୍ଥା ବଜାୟ ରଖିବା ଅପେକ୍ଷା ବେଆଇନ୍ ଭାବରେ ଯେତିକି ହାତକୁ ଆସିଛି, ସେତିକି ହେଉ ପଛେ, ଲାଭ ହିଁ ହେଉ । ଭାରତ ପାଇଁ ତେରୁ ଏଲ୍‌ଏସିରେ ନିଜର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କୌଶଳପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଭୂ-ରାଜନୀତିକ ପଦକ୍ଷେପଗୁଡ଼ିକୁ ନିଆଯିବା ଉଚିତ, ଯାହା ସୁନିଶ୍ଚିତ କରୁଥିବା ଯେ ନିଜର ସୀମା ଅଖଣ୍ଡତା ପ୍ରତି ବିଶ୍ୱ ଶୃଙ୍ଖଳାରେ ଯେକୌଣସି ପ୍ରକାରର ସମ୍ଭାବ୍ୟ ଅଦଳ ବଦଳ ହେଲେ ସୁଦ୍ଧା ବିପଦର ସମ୍ଭାବନା ରହୁ ନଥିବ । ସାମ୍ପ୍ରତିକ ସମୟରେ ବିଶ୍ୱର ପରିସ୍ଥିତି ଅନେକାଂଶରେ ଅସ୍ଥିର ହୋଇ ପଡ଼ିଛି । ଏଭଳି ପ୍ରେକ୍ଷାପଟରେ ଚୀନ୍ ତାର ମନୋକାମନା, ଅର୍ଥାତ୍ ମହାଶକ୍ତି ହେବାର ଅଭିଳାଷକୁ ଚରିତାର୍ଥ କରିବା ନିମନ୍ତେ ଉଦ୍ୟମ କରିବ । ତେଣୁ ଏ ବାବଦରେ ଭାରତ ସତର୍କ ରହିବା ଉଚିତ ।

## ମଧ୍ୟପ୍ରାଚ୍ୟରେ ଭାରତ

**ସୌମେନ୍ଦ୍ର ଜେନା**

ବଦଳୁଥିବା ପୃଥିବୀର ସମୀକରଣ ଭିତରେ ବିଦେଶନୀତିକୁ ସକ୍ରୀୟକରି ବାଣିଜ୍ୟିକ ଲକ୍ଷ୍ୟ ହାସଲ ଲାଗି ସବୁଦେଶ ଆଜି ପୃଥିବୀରେ କାର୍ଯ୍ୟ କରୁଛନ୍ତି । ଭାରତ ମଧ୍ୟ ଠିକ୍ ସେମିତି ପାଞ୍ଚ ଟ୍ରିଲିଅନ୍ ଡଲାରର ଅର୍ଥନୀତିର ଲକ୍ଷ୍ୟ ହାସଲ କରିବାକୁ ନିକଟରେ ବନ୍ଧୁରାଷ୍ଟ୍ରଗୁଡିକୁ ନିଜ ସହ ଅଧିକ ଯୋଡିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଯୋଜନା ନେଇ କାର୍ଯ୍ୟ କରୁଛି । ଗତ ଦିନମାନଙ୍କରେ ମଧ୍ୟପ୍ରାଚ୍ୟରେ ନିଜ ବାଣିଜ୍ୟିକ ସ୍ଥିତିକୁ ସୁଧାରିବା ପାଇଁ ଭାରତ କେତେକ ଭଲ ପଦକ୍ଷେପ ନେଇଛି । ସେଥିରୁ ଗୋଟିଏ ହେଲା ବ୍ୟାପକ ଅର୍ଥନୀତିକ ସହଯୋଗୀ ବୁଝାମଣା ନେଇ ୟୁନାଇଟେଡ ଆରବ ଅମିରାତ (ଏମିରେଟ) ସହ ବୁଝାମଣା ସରିଛି । ଏହା ଗୋଟିଏ ମାସ ଭିତରେ କାର୍ଯ୍ୟକରିବ । ନିକଟରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟମନ୍ତ୍ରୀ ପିୟୂଷ ଗୋୟଲ ଏବଂ ଅମିରାତର ଆର୍ଥିକ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ ଅଲ-ମାରୀଙ୍କ ମଧ୍ୟରେ ନୂଆଦିଲ୍ଲୀଠାରେ ଆଲୋଚନା ହୋଇଥିଲା । ଭାରତର ମର୍ଚ୍ଚାଣ୍ଟ ଚ୍ୟାମ୍ବର୍ସ ଅଫ୍ କମର୍ସଠାରେ ଭାଷଣ ଦେଇ ଅମିରାତର ରାଷ୍ଟ୍ରଦୂତ ଅହମ୍ମଦ ଅବଦୁଲ ରହମନ ଅଲବାନା କହିଛନ୍ତି ଯେ ୧୯୮୦ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୫ ମିଲିଅନ ଡଲାର ଥିଲାବେଳେ ୨୦୨୧ରେ ତାହା ୪୫ ବିଲିଅନରେ ପହଞ୍ଚିଛି । ଆଗାମୀ ଦିନରେ ଏହା ୧୦୦ ବିଲିଅନକୁ ନେବାପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ୧୦ଲକ୍ଷ ରୋଜଗାର ସୃଷ୍ଟି ହେବାସହ ଦ୍ୱିପାକ୍ଷିକ ସଂପର୍କ ମଜଭୁତ ହେବ ବୋଲି କୁହାଯାଇଛି । ୧୮ ଫେବୃଆରୀ ୨୦୨୨ ଦିନ ହୋଇଥିବା ଏହି ବୁଝାମଣା ୧ ଜୁନଠାରୁ କାର୍ଯ୍ୟକାରୀ ହେବ । ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ଆସିବା ପରେ ଏହା କୌଣସି ଦେଶ ସହ ପ୍ରଥମ ମୁକ୍ତ ବାଣିଜ୍ୟ ବୁଝାମଣା । ଏମିତି ବୁଝାମଣା ମାଲେସିଆ ସହ ୨୦୧୧ରେ ହୋଇଥିଲା । ଏହି ବୁଝାମଣା କାର୍ଯ୍ୟକାରୀ ହେଲେ ଭାରତର ଅଧିକ ଲାଭ ହେବ । କାରଣ ଅମିରାତରେ ପାଖାପାଖି ୩୫ଲକ୍ଷ ଭାରତୀୟ ଏବେ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କ ପାଇଁ ଭାରତରେ ପ୍ରସ୍ତୁତ ସାମଗ୍ରୀମାନ ଏମିରେଟର ସବୁ ମଲ୍‌ରେ ବିକ୍ରି ହେବାର ସୁବିଧା ମିଳିବ । ଭାରତ ଆଗାମୀ ଦିନରେ ବ୍ରିଟେନ, ଇଉରୋପୀୟ ସଂଘ, ଅଷ୍ଟ୍ରେଲିଆ, କାନାଡା, ଇସ୍ରାଏଲ ସମେତ ଗଲଫ୍ କୋ ଅପରେସନ କାଉନସିଲ ଅନ୍ତର୍ଗତ (ଜିସିସି) ରାଷ୍ଟ୍ରଗୁଡିକ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଲକ୍ଷ୍ୟ ରଖିଛି । ଏହି ବୁଝାମଣାରେ ଭାରତ ନିଜର ସ୍ୱାର୍ଥ ଦୃଷ୍ଟିରୁ ଅନେକ କୃଷିଜାତ ସାମଗ୍ରୀକୁ ବାହାରେ ରଖିଛି । ଦୁଗ୍‌ଧଜାତ ଦ୍ରବ୍ୟ, ଗହମ, କଫି, ରବର, ମସଲା, ଚିନି, ସିଗାରେଟ ଆଦିକୁ ତାଲିକାରୁ ବାହାରେ ରଖିଛି । ମଧ୍ୟପ୍ରାଚ୍ୟରେ ସାଉଦି ଆରବ, କୁଏତ, ବାହାରିନ୍, ଓମାନ ଜିସିସିର ସଦସ୍ୟ ରାଷ୍ଟ୍ର ରହିଛନ୍ତି । ଏହିସବୁ ଦେଶଗୁଡିକ ସହ ଏମିରେଟର ସଂପର୍କ ଭଲ । ଦୁବାଇ ଏହିସବୁ ରାଷ୍ଟ୍ର ଏବଂ ଆଫ୍ରିକାର ଅନେକ ଦେଶପାଇଁ ବଡ ବଜାର ହୋଇରହିଛି । ଏମିରେଟ ବଜାର ମାଧ୍ୟମରେ ଭାରତର ବସ୍ତୁ ଅନେକ ଦେଶକୁ ଯିବାର ସୁବିଧା ପାଇବ । ଦୁବାଇଠାରେ ଆଇଆଇଟିର ଏକ ଶାଖା ଖୋଲାଯିବା ଲାଗି ସ୍ଥିର ହୋଇଛି । ପ୍ରଥମଥର ଲାଗି ଭାରତର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଶାଖା ବିଦେଶରେ ଖୋଲାଗଲେ ମଧ୍ୟପ୍ରାଚ୍ୟର ଛାତ୍ରଛାତ୍ରୀ ତାର ସୁଯୋଗ ନେଇପାରିବେ । ଭାରତରେ ଆଇଆଇଟିର ୨୩ଟି ଶାଖା ରହିଛି । ଦୁବାଇଶାଖା ୨୪ତମ ଏବଂ ଆନ୍ତର୍ଜାତିକ ଶାଖା ହେବ । ଏହାବାଦ ପ୍ରତିବର୍ଷ ମଧ୍ୟପ୍ରାଚ୍ୟରୁ ଭାରତକୁ ଚୋରାରେ ସୁନା ଏବଂ ଗହଣା ଆସୁଛି । ଦୁଇ ଦେଶ ମଧ୍ୟରେ ବୁଝାମଣା ପରେ ସୁନା ଚୋରା କାରାବାର କମ୍ ହେବ । ଦୁବାଇଠାରେ ଶସ୍ତାରେ ସୁନା ମିଳୁଥିବା ହେତୁ ଅନେକ ପର୍ଯ୍ୟଟକ ଦୁବାଇରୁ ସୁନା କିଣିବାକୁ ପସନ୍ଦ କରୁଥିଲେ । ଏମିରେଟ୍ (ଅମିରାତ) କର୍ତ୍ତୃପକ୍ଷ ନିଜର ତୈଳ ଆଧାରିତ ଅର୍ଥନୀତିକୁ କେନ୍ଦ୍ରରେ ନରଖି ଏବେ ଅଣତୈଳ ବାଣିଜ୍ୟ ଉପରେ ଜୋର ଦେବାରେ ଲାଗିଛନ୍ତି । ଆଗାମୀ ବର୍ଷଗୁଡିକରେ ଶକ୍ତିସ୍ରୋତକୁ ପ୍ରଦୂଷଣରୁ ମୁକ୍ତ କରିବାକୁ ଲକ୍ଷ୍ୟଥିବାରୁ ତୈଳର ବ୍ୟବହାର ପ୍ରତିବର୍ଷ ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଏବେଠାରୁ ନିଜର ଅର୍ଥନୀତି, ବାଣିଜ୍ୟ ଆଦିକୁ ସଜାଡିବା ଲାଗି ଅମିରାତ ପ୍ରୟାସ କରୁଛି ।

ମଧ୍ୟପ୍ରାଚ୍ୟର ଅନ୍ୟତମ ପ୍ରମୁଖ ରାଷ୍ଟ୍ର ସାଉଦି ଆରବର ସ୍ଥଳସେନା ପ୍ରମୁଖ ଲେଫ୍ଟନାଣ୍ଟ ଜେନେରାଲ ଅଲ୍‌ମୁତାହିର ଫେବୃଆରୀ ମାସରେ ଭାରତ ଗସ୍ତରେ ଆସିଥିଲେ । ଗତ ଡିସେମ୍ବର ମାସରେ ଭାରତୀୟ ସ୍ଥଳସେନା ପ୍ରମୁଖ ଜେନେରାଲ ନରବଣେ ସାଉଦି ଗସ୍ତରେ ଯାଇଥିଲେ । ଗତ ୨୦୨୧ ଅଗଷ୍ଟ ମାସରେ ଦୁଇଦେଶ ମଧ୍ୟରେ ପ୍ରଥମ ନୌସେନା ସମରାଭ୍ୟାସ ହୋଇଥିଲା । ସାଉଦି ସ୍ଥଳସେନା ମୁଖ୍ୟଙ୍କ ଭାରତ ଗସ୍ତକାଳରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି, ପ୍ରତିରକ୍ଷା ଉତ୍ପାଦନରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ନେଇ ଆଲୋଚନା ହୋଇଥିଲା । ମଧ୍ୟ ପ୍ରାଚ୍ୟରେ ଆମେରିକାର ଭୂମିକା ସଂକୁଚିତ ହୋଇ ଆସୁଥିବା ବେଳେ ସେହି ସ୍ଥାନ ପୂରଣ କରିବାକୁ ଚୀନ ଜୋରସୋର ଉଦ୍ୟମ ଚଳାଇଛି । ମଧ୍ୟପ୍ରାଚ୍ୟର ସବୁବେଳେ ଆଶଙ୍କା ବଳବତ୍ତର ରହୁଥିବାରୁ ସାଉଦି ଆରବ ନିଜର ସୁରକ୍ଷାକୁ ମଜଭୁତ କରିବାକୁ ଚାହୁଁଛି । ସେହି ଯୋଜନାରେ ପୂର୍ବରୁ ପ୍ରଶିକ୍ଷଣ ଓ ସୁରକ୍ଷା ପାଇଁ ସାଉଦି ଆରବରେ ଥିବା ପାକିସ୍ତାନର ପ୍ରାୟ ୧୮ ଶହ ଯବାନଙ୍କୁ ଫେରାଇ ଦିଆଯାଇଛି । ଏବେ ଭାରତୀୟ ସେନା ସେହି ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି । ମଧ୍ୟ ପ୍ରାଚ୍ୟରେ ଆଞ୍ଚଳିକ ସୁରକ୍ଷା ପାଇଁ ଭାରତ ଅଧିକ ଚିନ୍ତିତ । କାରଣ ଏହି କ୍ଷେତ୍ରରେ ସର୍ବାଧିକ ପ୍ରବାସୀ ଭାରତୀୟ କାର୍ଯ୍ୟରତ । କୌଣସି ପ୍ରକାର ଅସ୍ଥିରତା ଏଠାରେ ସୃଷ୍ଟିହେଲେ ତାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିବ । କାରଣ ସାଉଦି ଆରବ, ଅମିରାତ, ବାହାରିନ, କାତାର ଆଦି ରାଷ୍ଟ୍ରରେ ଭାରତୀୟମାନେ ପ୍ରାୟତଃ ସବୁ ପ୍ରମୁଖ ବ୍ୟବସ୍ଥାର ଦାୟିତ୍ୱରେ ରହିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପ୍ରଶାସନ, ବ୍ୟାଙ୍କିଂ ଆଦି ଅନେକ କ୍ଷେତ୍ରରେ ଭାରତୀୟଙ୍କ ଭାଗିଦାରୀ ଅନ୍ୟମାନଙ୍କଠାରୁ ଅଧିକ । ଆମେରିକା-ଇରାନ ଦ୍ୱନ୍ଦ୍ୱ ଯୋଗୁ ୨୦୨୧ରେ ଭାରତ ପକ୍ଷରୁ ଭାରତୀୟ ବାଣିଜ୍ୟିକ ପରିବହନର ସାମୁଦ୍ରିକ ସୁରକ୍ଷା ପାଇଁ ଅପରେସନ ସଂକଳ୍ପ ନାମରେ ନୌସେନା ପକ୍ଷରୁ ସୁରକ୍ଷା ପ୍ରଦାନ ଅଭିଯାନ ଚାଲିଥିଲା । ଯେଉଁଥିରେ ୧୬ଟି ଜାହାଜକୁ ଭାରତର ଯୁଦ୍ଧପୋତଗୁଡିକ ସୁରକ୍ଷା ପ୍ରଦାନ କରି ପାରସ୍ୟ ଉପକୂଳରୁ ଭାରତୀୟ ମହାସାଗରକୁ ଆଣୁଥିଲେ । ଚୀନ ଏବଂ ଦକ୍ଷିଣ କୋରିଆ ଏହିପରି ସୁରକ୍ଷା ବ୍ୟବସ୍ଥା ନିଜ ନିଜର ବାଣିଜ୍ୟିକ ପୋତ ପାଇଁ କରିଛନ୍ତି । ସାଉଦି ଆରବ ହୁଥୀ ବିଦ୍ରୋହୀ ଏବଂ ଇରାନପଟୁ ସବୁବେଳେ ଆଶଙ୍କା କରୁଥିବା ହେତୁ ନିଜର ସୁରକ୍ଷାକୁ ଅଧିକ ସୁଦୃଢ କରିବାକୁ ଚାହୁଁଛି ।

ସେହିପରି ମଧ୍ୟପ୍ରାଚ୍ୟର ଅନ୍ୟ ଏକ ରାଷ୍ଟ୍ର ଓମାନ ସହ ଭାରତର ସଂପର୍କ ସୁଦୃଢ ହେବାରେ ଲାଗିଛି । ଡୁକମ ବନ୍ଦରକୁ ଓମାନ ଭାରତର ନୌସେନା ବ୍ୟବହାର ପାଇଁ ଅନୁମତି ଦେଇଛି । ଦୁଇଦେଶର ନୌସେନା ମଧ୍ୟରେ ଉତ୍ତମ ସଂପର୍କ ରହିଆସିଛି । ଫେବୃଆରୀ ମାସ୧୪ରୁ ୧୭ପର୍ଯ୍ୟନ୍ତ ଓମାନ ନୌସେନା ମୁଖ୍ୟ ରିଅର ଆଡମିରାଲ ସୈଫ୍ ଅଲ ରହବୀ ଭାରତ ଗସ୍ତରେ ଆସି ସେନାମୁଖ୍ୟ ଏବଂ ବିଦେଶ ସଚିବଙ୍କ ସହ ସାକ୍ଷାତ କରିଥିଲେ । ଭାରତରୁ ନୌସେନା ଉପକରଣ ସଂଗ୍ରହ ଏବଂ ପ୍ରଶିକ୍ଷଣ ପାଇଁ ସ୍ଥାନ ବୃଦ୍ଧି କରିବା ତାଙ୍କର ଲକ୍ଷ୍ୟ ରହିଥିଲା । ବର୍ତ୍ତମାନର ଓମାନ ନୌସେନା ମୁଖ୍ୟ ଗତ ୨୧ ଜାନୁଆରୀ ଦିନ ଦାୟିତ୍ୱ ଗ୍ରହଣ କରିଥିଲେ । ଉଭୟ ଦେଶରେ ନୌସେନା ମଧ୍ୟରେ ତଥ୍ୟ ଆଦାନପ୍ରଦାନ ପାଇଁ ଗତ ସେପ୍ଟେମ୍ବର ମାସରେ ହ୍ୱାଇଟ୍ ସିପିଙ୍ଗ୍ ଏକ୍ସଚେଞ୍ଜ ଏଗ୍ରିମେଣ୍ଟ ହୋଇଥିଲା । ଏବେ ସାମୁଦ୍ରିକ ସୁରକ୍ଷା ପାଇଁ ଓମାନ ସରକାର ଅଧିକ ଚିନ୍ତିତ । ତେଣୁ ଓମାନ୍ ନୌସେନା ମୁଖ୍ୟ ଭାରତର ପଶ୍ଚିମ ନୌସେନା କମାଣ୍ଡ, ମୁମ୍ବାଇସ୍ଥିତ ପୋତ ନିର୍ମାଣସ୍ଥଳୀ ଏବଂ ପୋତ ସଜଡାସ୍ଥଳୀକୁ ଗସ୍ତ କରିଥିଲେ । ଏହାଛଡା ଇଣ୍ଡିଆନ ଫ୍ୟୁଜନ ସେଣ୍ଟର ଫର ଇଣ୍ଡିଆନ ଓସେନ ରିଜନକୁ ସେ ଗସ୍ତ କରିଥିଲେ । ଫେବୃଆରୀ ମାସର ଆରମ୍ଭରେ ଓମାନର ପ୍ରତିରକ୍ଷା ମନ୍ତ୍ରଣାଳୟର ସାଧାରଣ ସଚିବ ମହମ୍ମଦ ନାସେର ଅଲ ଜାବିଙ୍କ ଭାରତଗସ୍ତ ହୋଇଥିଲା । ମିଳିତ ପ୍ରତିରକ୍ଷା ସହଯୋଗ କମିଟିର ୧୦ମ ପର୍ଯ୍ୟାୟ ଆଲୋଚନା ପାଇଁ ସେ ଗସ୍ତ କରିଥିଲେ । ଉକ୍ତ ବୈଠକ ତିନିବର୍ଷ ପରେ ହୋଇଥିଲା । ତେଣୁ ନୌସେନା ମୁଖ୍ୟ ମୁମ୍ବାଇର ନାଭାଲ ଡକୟାର୍ଡ ଗସ୍ତ କରିଥିଲେ । ଦୁଇଦେଶର ନୌସେନା ମଧ୍ୟରେ ୧୯୯୩ରୁ ନସୀମ ଅଲ ବାହର ନୌ ସମରାଭ୍ୟାସ ପ୍ରତି ଦୁଇବର୍ଷରେ ହୋଇଆସୁଛି । ଗତଥର ୨୦୨୦ରେ ତାହା ଗୋଆରେ ହୋଇଥିଲା । ଏବର୍ଷ ସେହି ଅଭ୍ୟାସ ହେବ । ଆଗାମୀ ଦିନରେ ଓମାନର ବାୟୁସେନା ମୁଖ୍ୟଙ୍କ ଭାରତଗସ୍ତ କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ୧୫୦ ଓମାନ ଅଧିକାରୀ ଗସ୍ତରେ ଆସିବେ ବୋଲି ଜଣାପଡିଛି । ଉତ୍ତର ଆରବ ସାଗରରେ ଦୁଇଦେଶର ନୌସେନା ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧରେ ମିଳିତ ଅଭିଯାନ ଚଳାଇବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ । ଓମାନର ସାଲାହଠାରେ ନୌସେନା ପକ୍ଷରୁ ପି ୮ ପୋସେଡନ ନିରୀକ୍ଷଣ ବିମାନକୁ କାର୍ଯ୍ୟରେ ଲଗାଯାଇଛି ଯାହା ନିଶା ଚୋରାଚାଲାଣକାରୀ ଏବଂ ଜଳଦସ୍ୟୁଙ୍କ ଉପରେ ନଜର ରଖିବ । ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ଅଧିକ ସହଯୋଗ, ମିଳିତ ପ୍ରତିରକ୍ଷା ଉତ୍ପାଦନ ନେଇ କାର୍ଯ୍ୟାରମ୍ଭ ହେବାର ସୂଚନା ମିଳିଛି । ମଧ୍ୟପ୍ରାଚ୍ୟର ଅଧିକ ସହଯୋଗ ବୃଦ୍ଧିପାଇଁ ଭାରତର ପ୍ରୟାସକୁ ମଧ୍ୟପ୍ରାଚ୍ୟର ରାଷ୍ଟ୍ରସମୂହ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ କରିବ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର -୭୫୧୦୦୩

## ବିଜେପିର ସଫଳତା ଓ ଧର୍ମେନ୍ଦ୍ରଙ୍କ ଗୋଟି ଚାଳନା



**ସୌର ଚନ୍ଦ୍ର ମହାପାତ୍ର**

ସ୍ୱାଧୀନତା ପରବର୍ତ୍ତୀ ନିର୍ବାଚନ ଗୁଡ଼ିକରେ ଯେଉଁ କଥା କେବେ ବି ହୋଇନଥିଲା ତାହା ଏଥର ହୋଇଛି ଉତ୍ତପ୍ରଦେଶ ବିଧାନସଭା ନିର୍ବାଚନରେ। ଭାଜପାର ଏହି ସାନଦାର ବିଜୟ ପଛରେ ଦଳର ସବୁଠାରୁ ପ୍ରମୁଖ ଚେହେରା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗଦାନ ଓ କରିସ୍ମା ନିହାତି କାର୍ଯ୍ୟ କରିଛି। ପ୍ରକାଶ୍ୟରେ ମୋଦି ଓ ଯୋଗୀ ଛାଇ ଥିଲାବେଳେ ପରଦା ପଛରେ ଦଳ ପାଇଁ ଜନାଦାର ମୁହାଁଇବାର କାମ କରୁଥିଲେ କିଛି ପ୍ରମୁଖ ନେତା। ସେମାନଙ୍କ ମଧ୍ୟରେ ଆଗୁଆ ଥିଲେ ମୋଦିଜୀ ଓ ଅମିତ ଶାହାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ତଥା ଓଡ଼ିଶା ବିଜେପିର ପୋଷ୍ଟର ବୟ ଧର୍ମେନ୍ଦ୍ର ପ୍ରଧାନ। ଉତ୍ତରପ୍ରଦେଶ ନିର୍ବାଚନ ପାଇଁ ସେ ଥିଲେ ନିର୍ବାଚନ ପ୍ରଭାରୀ। ପାଖାପାଖି ବର୍ଷକ ତଳେ ସେ ଏହି ଦାୟିତ୍ୱ ନେଇଥିଲେ। ତେବେ ତାଙ୍କ ଠାରେ ବଡ଼ ଚ୍ୟାଲେଞ୍ଜ ଥିଲା ଦଳରେ ଏକତା ଆଣିବା। ଉତ୍ତର ପ୍ରଦେଶର ସମସ୍ତ ୪୦୩ଟି ଯାକ ବିଧାନସଭା କ୍ଷେତ୍ର ଧର୍ମେନ୍ଦ୍ର ବାବୁ ବୁଲିବା ସହ ତୃଣମୂଳସ୍ତରର ସ୍ଥିତିକୁ ନିଜେ ତଉଲାଉଥିଲେ। ସେ ମାଇକ୍ରୋଲେଭଲ ରଣନୀତି ପ୍ରସ୍ତୁତ କରିବା ସହ ଦାୟିତ୍ୱ ବାଣ୍ଟିଥିଲେ ଓ ନିୟମିତ କରିଚାଲିଥିଲେ ସମୀକ୍ଷା। ଉତ୍ତରପ୍ରଦେଶର କେବଳ ଆଞ୍ଚଳିକ ସମ୍ବାଦପତ୍ର ନୁହେଁ ଜାତୀୟ ଗଣମାଧ୍ୟମରେ ଧର୍ମେନ୍ଦ୍ର ବାବୁଙ୍କ ରାଜନୈତିକ କୁଶଳତାର ଖୁବ ଚର୍ଚ୍ଚା ହେଉଛି ଓ ଦଳର ବଡ଼ ବିଜୟ ପଛରେ ତାଙ୍କୁ ମଧ୍ୟ ଦିଆଯାଉଛି ବିଶେଷ ଶ୍ରେୟ। ଭାଜପାର ତୃଣମୂଳ ସ୍ତରରେ ନିଷ୍ପତ୍ତି ନେବା ସକାଶେ ବିଶେଷ ବ୍ୟବସ୍ଥା କରି ଧର୍ମେନ୍ଦ୍ର ବାବୁ ମ୍ୟାଜିକ ୫ ନେତା କମିଟି ଗଠନ କରିଥିଲେ ବୋଲି କୁହାଯାଉଛି। ପ୍ରତି ବିଧାନସଭା କ୍ଷେତ୍ରରେ ନିର୍ବାଚନ ମ୍ୟାନେଜମେଣ୍ଟ ସକାଶେ ନେତାମାନଙ୍କୁ ଚିହ୍ନଟ କରି ଧର୍ମେନ୍ଦ୍ର ଦାୟିତ୍ୱ ଦେଇଥିବା କଥା ମଧ୍ୟ କୁହାଯାଉଛି।

ନିଜ କାର୍ଯ୍ୟ ଦକ୍ଷତା, ରଣକୌଶଳ କାରଣରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶରେ ଅଧିକାଂଶ ରାଜ୍ୟରେ ଦଳୀୟ ପ୍ରଭାରୀ କିଛି ରାଜ୍ୟରେ ନିର୍ବାଚନ ପ୍ରଭାରୀ ସହିତ ବିଜେପି ଶାସିତ ସରକାରର ସଂକଟ ସମୟରେ ଗୁରୁ ଦାୟିତ୍ୱ ତୁଲାଇଥାନ୍ତି। ଧର୍ମେନ୍ଦ୍ର ପ୍ରଧାନ ସବୁବେଳେ ସଂଗଠନାତ୍ମକ କାର୍ଯ୍ୟକୁ ଗୁରୁତ୍ୱ ଦେଇଛନ୍ତି। ତୃଣମୂଳ ସ୍ତରରୁ ଦଳକୁ ଶକ୍ତିଶାଳୀ ବନାଇ ରଖିବାରେ ତାଙ୍କର ସ୍ୱତନ୍ତ୍ର ରଣନୀତି କାର୍ଯ୍ୟ କରିଥାଏ। ଏହି କ୍ରମରେ ଉତ୍ତରପ୍ରଦେଶ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ନେବା ପରେ ଗଣମାଧ୍ୟମ ସାମ୍ନାକୁ ନ ଆସି ତୃଣମୂଳ ସ୍ତରରେ ଦଳର କାର୍ଯ୍ୟକୁ ସୁଦୃଢ଼ ଦିଗରେ ନିରନ୍ତର ପରିଶ୍ରମ ଜାରି ରଖିଥିଲେ। ବିଜେପିର ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚାର ସଭାପତି ଥିବା ସମୟରେ ଦେଶର ଯୁବକମାନଙ୍କୁ ସଂଗଠନ କରିବା କିମ୍ବା ରାଷ୍ଟ୍ରୀୟ ସମ୍ପାଦକ ଏବଂ ଦୁଇ ଦୁଇ ଥର ସାଧାରଣ ସମ୍ପାଦକ ଭାବେ ପାର୍ଟିର କାର୍ଯ୍ୟକୁ ସମ୍ପ୍ରସାରଣ ସହିତ ସଂଗଠନକୁ ମଜଭୁତ କରାଇଥିଲେ। ତତସହିତ କେନ୍ଦ୍ରମନ୍ତ୍ରୀ ତାଙ୍କର ଦାୟିତ୍ୱକୁ ସୁଚାରୁରୂପେ ପାଳନ କରି ଆସିଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଅନୁଭବ ଏବଂ ଅଭିଜ୍ଞତା ଥିବା ଭାବି ଶୀର୍ଷ ନେତୃତ୍ୱ ତାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପୂର୍ବରୁ ତ୍ରିପୁରା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଭଳି ବିଭିନ୍ନ ରାଜ୍ୟରେ ପ୍ରଭାରୀ ଓ ନିର୍ବାଚନ ପ୍ରଭାରୀ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ ଦ୍ୱାରା ନିଜ ପ୍ରଭାବୀ ନେତୃତ୍ୱର ପ୍ରମାଣ ଦେଇଛନ୍ତି।

ୟୁପି ଭଳି ଜାତିଭିତ୍ତିକ ରାଜନୈତିକ ଦୃଶ୍ୟପଟ୍ଟରେ ସବୁ ବର୍ଗକୁ ଏକାଠି କରିବା ସବୁଠୁ ବଡ଼ କାମ। ଧର୍ମେନ୍ଦ୍ର ସବୁ ବର୍ଗକୁ ଏକାଠି ଆଣିବାରେ କାର୍ଯ୍ୟ କରିଥିଲେ। ଉତ୍ତରପ୍ରଦେଶର ବ୍ରାହ୍ମଣ ସମାଜ ଭୋଟକୁ ବିଜେପି ସମର୍ଥନ କରିବା ଦିଗରେ କାମ କରିଥିଲେ ଏବଂ ବ୍ରାହ୍ମଣ ସମାଜର ବରିଷ୍ଠ ନେତାମାନଙ୍କ ସହ ଦିଲ୍ଲୀରେ ସାକ୍ଷାତ ଆଲୋଚନା କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥିଲେ। କିନ୍ତୁ ଉତ୍ତରପ୍ରଦେଶରେ ଦଳର ବିରାଟ ସଫଳତା ଧର୍ମେନ୍ଦ୍ରଙ୍କ କପାଳରେ ଏକ ବିଜୟ ଟିକା ଲଗାଇ ଦେଇଛି କହିଲେ ଭୁଲ ହେବନାହିଁ। ଉତ୍ତରପ୍ରଦେଶ ରାଜ୍ୟରେ ଜାତି, ଧର୍ମ ଏବଂ ଗୋଷ୍ଠୀ ଭିତରେ ସମନ୍ୱୟ ରଖି ପ୍ରାର୍ଥୀ ଚୟନ କରିବା ଏବଂ ସହଯୋଗୀ ଦଳକୁ ବିଶ୍ୱାସକୁ ନେବା ଏକ ବଡ଼ କାଠିକର ପାଠ। କିନ୍ତୁ ଧର୍ମେନ୍ଦ୍ର ସହଯୋଗୀ ଦଳକୁ ବିଶ୍ୱାସକୁ ନେବା ସହ ଆସନ ବଣ୍ଟନକୁ ସହଜ କରିଦେଇଥିଲେ। ପ୍ରାର୍ଥୀ ଚୟନରେ ତାଙ୍କ ଭୂମିକା ଥିଲା ସବୁଠୁ ବଡ଼। ଧର୍ମେନ୍ଦ୍ରଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା, ତାହାକୁ ସେ ସୁନ୍ଦର ଭାବେ ତୁଲାଇଛନ୍ତି। ହାଇକମାଣ୍ଡଙ୍କ ଆଖିରେ ଧର୍ମେନ୍ଦ୍ରଙ୍କ ଗୁରୁତ୍ୱ ଯେ ନିହାତି ବଢ଼ିବ ଏଥିରେ ସନ୍ଦେହ ନାହିଁ। ତତ୍କାଳ ପୌର ନର୍ବାଚନରେ ୟୁପି ବିଜୟର ଫଳ ରାଜ୍ୟ ଭାଜପାର ଦୁର୍ବଳ ମନୋବଳକୁ ଅନେକ ପରିମାଣରେ ଦୂର କରିବ। ଯଦି ୨୦୧୯ ପୂର୍ବର ଢ଼ାଞ୍ଚାକୁ ଫେରିପାରନ୍ତି ଧର୍ମେନ୍ଦ୍ର ଏବଂ ତାଙ୍କ ଉପରେ ସମ୍ପୂର୍ଣ୍ଣ ଦାୟିତ୍ୱ ହାଇକମାଣ୍ଡ ଦିଅନ୍ତି, ତେବେ ୟୁପି ପରି ଓଡ଼ିଶାରେ ମଧ୍ୟ ଭାଜପା ଲାଭବାନ ହୋଇପାରନ୍ତା। ତେବେ ଯାହା ହେଉନା କାହିଁକି ତାଙ୍କ ଅବର୍ତ୍ତମାନରେ ଜିଲ୍ଲା ପରିଷଦ ନିର୍ବାଚନରେ ଦଳର ବିପର୍ଯ୍ୟୟ ଦୃଷ୍ଟିରୁ ଉତ୍ତରପ୍ରଦେଶ ଫଳାଫଳ ଓଡ଼ିଶାରେ ବି ଧର୍ମେନ୍ଦ୍ରଙ୍କ ଉଚ୍ଚତା ଓ ପ୍ରଭାବରୁ ଯେ ବଢ଼ାଇବା, ଏଥିରେ ସନ୍ଦେହ ନାହିଁ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ: ୯୪୩୭୦୦୪୪୬୬'
ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ



### ତୁମେ
**ପ୍ରବୀର କୁମାର ଦାସ**



ଦିନେ
ତୁମେ ଥିଲ ପୂରା ଅଜଣା

ଆଜି
ଲାଗେ ଆମ ସଂପର୍କ
କେତେ ପୁରୁଣା

ବହୁଛ
ହୃଦୟରେ ହେଇକି
ପୀରତିର ଝରଣା

ଶବ୍ଦରେ ଭାବ ହେଇ
କବିତାକୁ
ଦେଉଛ ପ୍ରେରଣା

ଅନୁରାଗର ଧୂପ ହେଇ
ମହକାଉଛ
ମନର ଅଗଣା

ନିରାଭରଣ ଜୀବନ
ଏବେ ଲାଗୁଛି ସୁନ୍ଦର
ପିନ୍ଧି ସମ୍ପର୍କର ଗହଣା

ସବୁ
ଶୂନ୍ୟତାକୁ ସରାଗରେ
କରିଛ ଭରଣା

ଏଇ
ହୃଦୟହୀନ ସମୟରେ
ଆସିଛ ହେଇ
ବୃନ୍ଦାଏ କରୁଣା ।

❤ ୨୭୬, ଶୁକ ବିହାର,
ଭୁବନେଶ୍ୱର-୨୨
ମୋ : ୮୮୪୭୮୬୮୦୫୦

### ଯୁଦ୍ଧ
**ଶରତ କୁମାର ଦାସ**



ଅନବରତ ଲାଗିଛି ଯୁଦ୍ଧ
ମାଟିରେ, ଆକାଶରେ, ପତ୍ର ଗହଳରେ,
ପକ୍ଷୀ ସାବକର କୋମଳ ଅଣ୍ଟରେ,
ପୁଣି ସମୁଦ୍ରର ଅଥଳ ଗର୍ଭରେ,
କେତେବେଳେ ଢେଉ ସହ ତ
ଆଉ କେତେବେଳେ ପବନ ସହ
ପୁଣି କେତେବେଳେ ମରୁ ମରୀଚିକା ସହ।

ଆକାଶକୁ ଛୁଇଁବାର ଏକ
ଅଦ୍ଭୁତ ଖିଆଲି ନିଶାରେ
ବନ୍ଧା ପଡିଛି ଜୀବନର ସକଳ ମାର୍ଗ
କେତେବେଳେ ସଚେତନରେ
ପୁଣି କେତେବେଳେ ଅବଚେତନରେ
କେତେବେଳେ ଉର୍ଦ୍ଧ୍ୱମୁଖୀ ତ
ଆଉ କେତେବେଳେ ଅଧଃମୁଖୀ ।

ଏ ଯୁଦ୍ଧ ଏବର ନୁହେଁ,
ଏ ତ ଅସ୍ଥିମଜ୍ଜାଗତ, ଚିରାଚରିତ
ପୁଣି ନିହାତି ଗତାନୁଗତିକ,
ରକ୍ତର ପ୍ରତିଟି ବିନ୍ଦୁରେ ଅଙ୍କୁରୋଦଗମ
ଏ ଯୁଦ୍ଧର ବିଭୀଷିକା ।

ପୃଥିବୀର ଜନ୍ମ ବେଳରୁ ତ ଆଜି ଯାଏ
ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ
ଜନ୍ମରୁ ପୁଣି ମୃତ୍ୟୁ ପର୍ଯ୍ୟନ୍ତ
ଯୁଦ୍ଧ ....ଯୁଦ୍ଧ .....ଯୁଦ୍ଧ.....
କେବଳ ହିଁ ଯୁଦ୍ଧ
ପ୍ରତ୍ୟକ୍ଷ ଅବା ପରୋକ୍ଷରେ
ଛାୟା ପୁଣି ମାୟାରେ ।

ଅନେକ ଛକାପଞ୍ଝା ସହ
ଟଣା ଓଟରାର ଭିଡ ଭିତରେ
ଯୁଦ୍ଧର ମୃଦୁ କୋଳାହଳ,
ହାରିବା ଓ ଜିତିବାର ତୂର୍ଯ୍ୟନାଦ
କେତେବେଳେ ଗୁରୁ ଗମ୍ଭୀର ତ
ଆଉ କେତେବେଳେ ଦୋଳାୟମାନ
ମେଘଖଣ୍ଡକୁ ଟକ୍କର ଦେଉଥିବା
ଭୀଷଣ ଗର୍ଜନ ସହ ଯୁଦ୍ଧର ଆବାହନ ।

ଏ ଯୁଦ୍ଧ ହିଂସାର ପୁଣି ଧ୍ୱଂସର
ସ୍ୱାର୍ଥର, ଅହଙ୍କାରର ପୁଣି କପଟତାର,
ଘେରି ରହିଛି ବାୟୁମଣ୍ଡଳ
ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ,
ନା ଅଛି ଏଥିରୁ ମୁକ୍ତି
ନା ଅଛି କିଛି ନିଆରା ବିକଳ୍ପ,
ଚତର୍ଦ୍ଦିଗ ଲହ ଲହ ଜିଭ ତଳେ
ଅସହାୟତାର ଆର୍ତ୍ତ ଚିତ୍କାର ।

ମୁଠାଏ ମାଟିର ମୋହରେ
ଭୂପତିତ ଯେତ ଜୀବନ ଜୀଇଁବାର ଇଚ୍ଛା,
ରଙ୍ଗିନ୍ ସ୍ୱପ୍ନମାନଙ୍କ କବର ତଳେ
ହାଡ, ରକ୍ତ, ମାଂସର କରୁଣ ବିଳାପ ।
ଆଖୋଜା ଅଲୋଡା ଲାଗେ ଚାଖଣ୍ଡେ
ସାହାରା
ଖିଲି ଖିଲି ହସର ସାମ୍ରାଜ୍ୟ ।

ଆଉ କେତେ କାଳର ଅପେକ୍ଷା
ବାଟ ଖୋଜି ପାଇବାର
ବହଳ ଅନ୍ଧାର ଭିତରୁ ଜହ୍ନ ଆଲୁଅର ?
ଆଉ କେତେ ଅନ୍ୱେଷଣ ବା ଅଗ୍ନିପରୀକ୍ଷା
ବନ୍ଧନର ଶକ୍ତ ଖୋଳପାରୁ ମୁକ୍ତିର ସନ୍ଧାନ ?
ଆସିଛି ସମୟ ନିର୍ବାପିତ କରିବାକୁ
ଏ ଯୁଦ୍ଧର ଲେଲିହାନ ଶିଖା,
ନୀତି ସହ ସାଲିସ୍ କରି ବଂଚି ଶିଖିବାର ।

❤ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### କଟକରେ ଶୀତ
**ବନମାଳୀ ସେନାପତି**



ବାଉନ ବଜାର ତେପନ ଗଳି ସେ
କଟକ ସହରେ ଶୀତ
କାଠଯୋଡ଼ି ଭିଜେ ଶୀତର ପ୍ରେମରେ
ମହାନଦୀ ଗାଏ ଗୀତ ।

ଶୀତ ବଜାରର ଚାହିଦା ବଢ଼ଇ
ପୋଷାକ ଦୋକାନେ ଭିଡ଼
ପେଟ ପାଇଁ ସେଇ ଚେପଟା ନାକିଟା
ଛାଡ଼ି ଅଛି ତାର ନୀଡ଼
ରାତି ନ ପାହୁଣୁ ଚାହା ଦୋକାନରେ
ଭେଟ ହୁଏ କେତେ ମିତ
ବାଉନ ବଜାର ତେପନ ଗଳି ସେ
କଟକ ସହରେ ଶୀତ ।

ଜୀବନ ଶିଖାଏ ଜିତିବା ହାରିବା
କେହି ନୁହେଁ ଆପଣାର
ପରପାଇଁ ସିଏ କାନ୍ଦୁଥିଲା ଦିନେ
କଟକ ତାର ନିଜର
ନଦୀପଠା ତାର ଆହାକି ସୁନ୍ଦର
ଖୋଜଇ ସହୀ ସଂଗାତ
ବାଉନ ବଜାର ତେପନ ଗଳି ସେ
କଟକ ସହରେ ଶୀତ ।

❤ ସଂପାଦକ, 'ପରାଗ'
କେନ୍ଦ୍ରାପଡ଼ା



# ସାଧକ ଓ ଗବେଷକ କୃପାସିନ୍ଧୁ





ଦିଲ୍ଲୀପ କୁମାର ସାହୁ

ପ୍ରାୟ ଶହେ ପନ୍ଦର ବର୍ଷ ତଳର କଥା । ସେଦିନ ପୁରୀ ଜିଲ୍ଲା ସ୍କୁଲର ଜଣେ ଛାତ୍ରଙ୍କୁ ଦୁଷ୍ଟାମୀ ନିମନ୍ତେ ସାରାଦିନ ଶ୍ରେଣୀ ଗୃହ ବେଞ୍ଚ ଉପରେ ଛିଡାହେବା ପାଇଁ ଦଣ୍ଡ ଦିଆ ଯାଇଥିଲା । ପିଲାଟି କିନ୍ତୁ ଥିଲା ଜଣେ ମେଧାବୀ ଛାତ୍ର । କିଛି ଦୁଷ୍ଟ ସାଥୀଙ୍କ କଥାରେ ପଡି ସେ ସ୍କୁଲ କାନ୍ଥ ଘଣ୍ଟାକୁ ଅଧଘଣ୍ଟା ଆଗକୁ କରିଦେଇଥିଲେ । ଫଳରେ ସେଦିନ ସ୍କୁଲ କାର୍ଯ୍ୟ ବିଶୃଙ୍ଖଳିତ ହୋଇଯାଇଥିଲା । ପରେ ପିଲାଟି ପ୍ରଧାନ ଶିକ୍ଷକଙ୍କ ସମ୍ମୁଖରେ ଦୋଷ ସ୍ୱିକାର କରିଥିଲେ ମଧ ତାଙ୍କୁ ଏପରି ଦଣ୍ଡ ଦିଆଯାଇଥିଲା । ସେହି ଛାତ୍ର ପରବର୍ତ୍ତୀ ସମୟରେ ଉଚ୍ଚଶିକ୍ଷା ଗ୍ରହଣକରି ଉଚ୍ଚ ପଦପଦବୀ କୁ ପଛ କରିଦେଇଥିଲେ ଓ ପାଲଟି ଯାଇଥିଲେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ,ସାରସ୍ୱତ ସାଧକ ଓ ଇତିହାସ ଗବେଷକ। ଉତ୍କଳ ଜନନୀଙ୍କର ସେହି ସୁଯୋଗ୍ୟ ସନ୍ତାନ ହେଉଛନ୍ତି ସତ୍ୟବାଦୀ ଯୁଗର ପଞ୍ଚଶଖାଙ୍କ ମଧ୍ୟରୁ ଅନ୍ୟତମ କୃପାସିନ୍ଧୁ ମିଶ୍ର ।

୧୮୮୭ ମସିହା ଜୁନ୍ ୨୭ତାରିଖ ଆଷାଢ଼ କୃଷ୍ଣପକ୍ଷ ଗଜ ଅଷ୍ଟମୀ ଦିନ ପୁରୀ ସହର ନିକଟବର୍ତ୍ତୀ ବୀର ହରେକୃଷ୍ଣପୁରରେ ଜନ୍ମ ହୋଇଥିଲେ କୃପାସିନ୍ଧୁ। ବୀର ହରେକୃଷ୍ଣପୁର

ଓଡ଼ିଶାର ଏକ ପ୍ରକ୍ଷାତ ଗାଁ । ଯେଉଁ ଗାଁ ର ମହାନ ସଂଗ୍ରାମୀ ଜଇ ରାଜଗୁରୁ ଇଂରେଜ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣାକରି ୧୮୦୬ ମସିହା ଡିସେମ୍ବର ଛ ତାରିଖ ଦିନ ମିଦିନାପୁରଠାରେ ନିର୍ମମ ଭାବରେ ଫାସି ପାଇ ସହିଦ ହୋଇଯାଇଥିଲେ । ସେହି ବୀର ଭୂମିର ଜନାର୍ଦ୍ଦନ ରଥ ଓ ଚନ୍ଦ୍ରମଣି ଦେବୀଙ୍କର କୃପାସିନ୍ଧୁ ଥିଲ ଦ୍ୱିତୀୟ ସନ୍ତାନ ।

ଜନାର୍ଦ୍ଦନ ଙ୍କର ଅବସ୍ଥା ସ୍ୱଚ୍ଛଳ ନଥିଲା । ସେ ବୈଦିକ କର୍ମକର୍ମାଣୀ କରି ଯାହା ଆୟ କରୁଥିଲେ ସେଥିରେ ପରିବାର ଚଳାଇବା ଖୁବ୍ କଷ୍ଟକର ହେଉଥିଲା । ସେଥିପାଇଁ ତାଙ୍କ ଭଉଣୀ ବିମଳା କୃପାସିନ୍ଧୁଙ୍କୁ ପୋସ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ । ତେଣୁ ବିମଳାଙ୍କ ସ୍ୱାମୀ ଭିକାରୀ ମିଶ୍ରଙ୍କ ସାଙ୍ଗିଆ ଅନୁସାରେ କୃପାସିନ୍ଧୁଙ୍କ ସାଙ୍ଗିଆ ରଥରୁ ହୋଇଗଲା ମିଶ୍ର ।

କୃପାସିନ୍ଧୁ ପିଲାବେଳୁ ଥିଲେ ବୁଦ୍ଧିମାନ ଓ ମେଧାବୀ । ପାଠ ପ୍ରତି ତାଙ୍କର ଖୁବ୍ ଆଗ୍ରହ ଥିଲା । ସେ ସହଜରେ ପାଠ ମନେରଖିପାରୁଥିଲେ ଓ ପରୀକ୍ଷା ମାନଙ୍କରେ ଭଲ ନମ୍ବର ରଖୁଥିଲେ ।କିନ୍ତୁ ପିଇସା ଭିକାରୀ ମିଶ୍ରଙ୍କ ଅକାଳ ବିୟୋଗ ଯୋଗୁ କୃପାସିନ୍ଧୁ ଙ୍କ ପାଠ ପଢାରେ ଖୁବ୍ ବାଧା ସୃଷ୍ଟି ହେଲା । ଭଣଜାର ଅସହାୟ ଅବସ୍ଥା ଦେଖି ତାଙ୍କ ମମୁଁ ଆର୍ତ୍ତତ୍ରାଣ ଦାଶ କୃପାସିନ୍ଧୁଙ୍କୁ ନିଜ ଗାଁ ଶ୍ରୀରାମଚନ୍ଦ୍ରପୁରକୁ ନେଇ ଆସିଲେ ଓ ଗାଁ ର ମିଡିଲ ଭର୍ଣ୍ଣାକ୍ୟୁଲାର ପ୍ରାଥମିକ ବିଦ୍ୟାଳୟରେ ତାଙ୍କ ନାଁ ଲେଖାଇଦେଲେ । ସେତେବେଳେ ସେହି ବିଦ୍ୟାଳୟ ରେ ପଞ୍ଚଶଖାଙ୍କ ମଧ୍ୟରୁ ଅନ୍ୟ ଦୁଇଜଣ ପଣ୍ଡିତ ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହର ମଧ ଅଧ୍ୟୟନ କରୁଥିଲେ । କୃପାସିନ୍ଧୁ ସେଠାରେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣକଲେ । ୧୯୦୧ ମସିହାରେ ସେ ଭର୍ଣ୍ଣାକ୍ୟୁଲାର୍ ପରୀକ୍ଷା କୃତିତ୍ୱ ର ସହ ପାସ୍ କରି ମାସିକ ଚାରିଟଙ୍କା ଲେଖା ବୃତ୍ତି ଲାଭ କରିଥିଲେ ଓ ପୁରୀ ଜିଲ୍ଲା ସ୍କୁଲ ରେ ନାମ ଲେଖାଇଥିଲେ ।

ପୂର୍ବକାଳରେ ଅତିଭଲ ପଢୁଥିବା ଛାତ୍ର ମାନଙ୍କୁ ଡବଲ୍ ପ୍ରମୋସନ ମିଳୁଥିଲା । କୃପାସିନ୍ଧୁ ମଧ ଡବଲ ପ୍ରମୋସନ ପାଇ ପଞ୍ଚମ ଶ୍ରେଣୀରୁ ସପ୍ତମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଗୋପବନ୍ଧୁ ସେତେବେଳେ ତାଙ୍କ ଉପର ଶ୍ରେଣୀରେ ପଢୁଥାନ୍ତି ।

କୃପାସିନ୍ଧୁ ନବମ ଶ୍ରେଣୀରେ ପଢୁଥିବା ବେଳେ ଦୁଷ୍ଟାମୀ ପାଇଁ ଦଣ୍ଡ ପାଇଥିଲେ । ସେହି ଦଣ୍ଡ ତାଙ୍କ ପାଇଁ ଖବ୍ ଅତିଶୟ ହୋଇଯାଇଥିଲା। ସାରାଦିନ ବେଞ୍ଚ ଉପରେ ଛିଡାହୋଇ ରହିବାରୁ ରକ୍ତ ଗଡି ସେ ବାତଜ୍ୱରର ଶିକାର ହୋଇଥିଲେ ଓ ସାରା ଜୀବନ ପାଇଁ ସେହି ଗୋଡଟି ତାଙ୍କର ଡୋଦର ହୋଇଯାଇଥିଲା । ଏହା ତାଙ୍କୁ ଖୁବ୍ ମାନଶିକ ଆଘାତ ଦେଇଥିଲା । ତେଣୁ ସେ ପୁରୀ ଜିଲ୍ଲାସ୍କୁଲ ଛାଡି କଟକର ରେଭେନ୍ସା କଲିଜିଏଟ୍ ରେ ନାମ ଲେଖାଇଥିଲେ ଓ ସେଠାରେ ମଧ ତାଙ୍କ ପ୍ରତିଭାର ପରିଚୟ ଦେଇଥିଲେ ।୧୯୦୮ ମସିହାରେ କୃପାସିନ୍ଧୁ ରେଭେନ୍ସା କଲିଜିଏଟ୍ରୁ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରିକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ ଓ ମାସିକ ପନ୍ଦର ଟଙ୍କା ଲେଖା ଡିଭିଜନାଲ୍ ବୃତ୍ତି ପାଇ ରେଭେନ୍ସା କଲେଜରେ ଏଫ୍.ଏ. ଶ୍ରେଣୀରେ ନାମ ଲେଖାଇଥିଲେ ।

ରେଭେନ୍ସା କଲେଜରେ ପଢିବା ସମୟରେ କୃପାସିନ୍ଧୁ ଗୋପବନ୍ଧୁଙ୍କ ସହ ମିଶୁଥିଲେ । ତାଙ୍କର ଆଚରଣ ଗୋପବନ୍ଧୁଙ୍କୁ ଖୁବ୍ ଭଲ ଲାଗୁଥିଲା । ତେଣୁ ଗୋପବନ୍ଧୁ ତାଙ୍କୁ ସବୁବେଳେ ଜାତୀୟ ଚେତନାରେ ଉଦ୍ବୁଦ୍ଧ ପାଇଁ ପ୍ରେରଣା ଦେଉଥିଲେ। ଅବସର ସମୟରେ କୃପାସିନ୍ଧୁ କଟକର ଗଳିକନ୍ଦି, କାଠଯୋଡ଼ି ଓ ମହାନଦୀ କୂଳରେ ବୁଲୁଥିଲେ ଏବଂ ବେଳେବେଳେ ବାରବାଟୀ ଦୁର୍ଗର ଭଗ୍ନ ସ୍ତୁପ ଉପରକୁ ଯାଇ କିଛିକ୍ଷଣ ବସୁଥିଲେ । ତାହାହିଁ ତାଙ୍କ ମନରେ ଐତିହାସିକ ଗବେଷଣା ପାଇଁ ପ୍ରେରଣା ଯୋଗାଇଥିଲା।

ଫଳରେ ସେ ଗବେଷଣାତ୍ମକ ଐତିହାସିକ ପ୍ରବନ୍ଧମାନ ଲେଖିବା ଆରମ୍ଭ କରିଥିଲେ । ସେହି ପ୍ରବନ୍ଧ ଗୁଡିକ ସେତେବେଳେ ବ୍ରଜସୁନ୍ଦର ଦାସଙ୍କ ଦ୍ୱାରା ପ୍ରକାଶିତ ମୁକୁର ପତ୍ରିକାରେ ପ୍ରକାଶ ପାଉଥିଲା ।

କୃପାସିନ୍ଧୁଙ୍କର ଆର୍ଥିକ ଅବସ୍ଥା ସିନା ଭଲନଥିଲା , ହେଲେ ତାଙ୍କର ଗୁଣଗାରିମା ଓ ପ୍ରତିଭା ତାଙ୍କ ଗାଁ ପାଖ ବୀରବଳଭଦ୍ରପୁରର ସଦାଶିବ ମିଶ୍ର ନାମକ ଜଣେ ବୀତଶାଳୀ ସ୍ୱଭ୍ରାନ୍ତ ବ୍ୟକ୍ତି ଙ୍କୁ ଖୁବ୍ ଆକୃଷ୍ଟ କରିଥିଲା । ତେଣୁ ସେ କୃପାସିନ୍ଧୁଙ୍କୁ ନିଜର ଜ୍ୱାଇଁ କରିବା ନିମନ୍ତେ ସ୍ଥିର କରିଥିଲେ । କୃପାସିନ୍ଧୁ ଏଫ୍.ଏ. ଶ୍ରେଣୀରେ ପଢୁଥିବା ବେଳେ ସଦାଶିବ ଙ୍କ କନ୍ୟା ସାବିତ୍ରୀ ଙ୍କୁ ବିବାହ କରିଥିଲେ । ସଦାଶିବ ବିଭାଘରର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ସେତେବେଳେ କୃପାସିନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା । ତେଣୁ ବୀର ପ୍ରତାପପୁର ରେ ସେ ଛୋଟିଆ ଘରଖଣ୍ଡେ କରି ନିଜ ପତ୍ନୀଙ୍କ ସହ ରହୁଥିଲେ ।

୧୯୧୨ ମସିହାରେ କୃପାସିନ୍ଧୁ ରେଭେନ୍ସା ମହାବିଦ୍ୟାଳୟରୁ କୃତିତ୍ୱର ସହ ଦର୍ଶନ ସାସ୍ତ୍ର ସମ୍ମାନ ବା ଅନର୍ସରେ ସ୍ନାତକ ଶିକ୍ଷା ଶେଷ କରିଥିଲେ । ଫଳରେ ତାଙ୍କୁ ମାସିକ ତିରିଶ ଟଙ୍କା ଲେଖା ବୃତ୍ତି ମିଳିଥିଲା ଓ ସେ କଲିକତା ବିଶ୍ୱବିଦ୍ୟାଳୟ ରେ ଏକ ସଙ୍ଗରେ ଦର୍ଶନ ସାସ୍ତ୍ର ରେ ସ୍ନାତକୋତ୍ତର ଓ ଆଇନ ରେ ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରିଥିଲେ ।

୧୯୧୪ ମସିହାରେ କୃପାସିନ୍ଧୁ ଶିକ୍ଷା ଶେଷ କରି ଓଡିଶା ଫେରିଥିଲେ । ସେତେବେଳେ ତାଙ୍କୁ ରେଭେନ୍ସା ମହାବିଦ୍ୟାଳୟର ଦର୍ଶନ ବିଭାଗରେ ଅଧ୍ୟାପକ ତଥା ଅନ୍ୟାନ୍ୟ ବଡବଡ ପଦପଦବୀର ଚାକିରୀ ମଧ ମିଳୁଥିଲା । ହେଲେ ସେବା ଓ ତ୍ୟାଗ ର ପ୍ରତିକ କୃପାସିନ୍ଧୁ ସେଥିପ୍ରତି ଲାଳାୟିତ ନହୋଇ ଗୋପବନ୍ଧୁଙ୍କ ସତ୍ୟବାଦୀ ବନ ବିଦ୍ୟାଳୟ ରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ସେ ଥିଲେ ଜଣେ ଛାତ୍ର ବତ୍ସଳ ଶିକ୍ଷକ । ସ୍ନେହ ଓ ଆଦର ସହିତ ସେ ଛାତ୍ର ମାନଙ୍କୁ ପଢାଉଥିଲେ । ତେଣୁ ଛାତ୍ର ମାନଙ୍କର ସେ ଥିଲେ ଖୁବ୍ ପ୍ରିୟ। କୃପାସିନ୍ଧୁଙ୍କୁ ଜଣେ ଭାଷାବିତ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଆ , ସଂସ୍କୃତ ଓ ଇଂରାଜୀ ଭାଷାରେ ତାଙ୍କର ଖୁବ୍ ଦକ୍ଷତା ଥିଲା । ଏମିତି ସରଳ ତରଳ ଭାବରେ ସେ ସେହିସବୁ ବିଷୟ ଗୁଡିକୁ ପଢାଉଥିଲେ ଯେ ଛାତ୍ରମାନେ ଆଗ୍ରହର ସହ ଶୁଣୁଥିଲେ ଓ ସହଜରେ ମନେ ମଧ ରଖି ପାରୁଥିଲେ । କୃପାସିନ୍ଧୁ ଙ୍କ ଓଡ଼ିଆ ରଚନା ଶୈଳୀ ଖୁବ୍ ସୁନ୍ଦର ହେତୁ, ଗୋପବନ୍ଧୁ ଯେତେବେଳେ ବିହାର ଓଡିଶା ଆସେମ୍ଲିର ସଭ୍ୟ ହେଲେ କୃପାସିନ୍ଧୁ ତାଙ୍କ ବକ୍ତୃତା ସବୁ ଲେଖୁଥିଲେ ।

ସାରା ଭାରତରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଚାଲିଥିଲାବେଳେ କୃପାସିନ୍ଧୁ ବନବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କଲେ । ଜଣେ ପ୍ରଧାନ ଶିକ୍ଷକ ଭାବରେ ତାଙ୍କର ବୁଦ୍ଧି, ବିଚକ୍ଷଣତା ଓ କାର୍ଯ୍ୟ ଦକ୍ଷତା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ।

କୃପାସିନ୍ଧୁ ଙ୍କୁ ରାଜନୀତି କରିବାକୁ ସୁଯୋଗ ମିଳିଥିଲା । ସେ କିନ୍ତୁ ରାଜନୀତି ଠାରୁ ଶିକ୍ଷକତାକୁ ଶ୍ରେଷ୍ଠ ମନେକରୁଥିଲେ । ସେଥିପାଇଁ ପୁରୀ ଜିଲ୍ଲା ବୋର୍ଡର ଅଧକ୍ଷ ପଦବୀ ପ୍ରତି ଅନାଗ୍ରହ ପ୍ରକାଶ କରିଥିଲେ ଓ ଶିକ୍ଷକ ଭାବରେ ତାଙ୍କର କାର୍ଯ୍ୟ , ଶେଷ ପର୍ଯ୍ୟନ୍ତ ତୁଲାଇଥିଲେ ।

କୃପାସିନ୍ଧୁ ରାଜନୀତି ପ୍ରତି ସିନା ଆଗ୍ରହୀ ନଥିଲେ ହେଲେ ଗୋପବନ୍ଧୁଙ୍କ ସହ ବିଭିନ୍ନ ରାଜନୈତିକ ସଭାରେ ଯୋଗ ଦେଉଥିଲେ । ସେ ନିଜର ଛାତ୍ର ମାନଙ୍କୁ ଚରିତ୍ରବାନ୍ ଓ ଦେଶପ୍ରେମୀ ହେବାପାଇଁ ଉପଦେଶ ଦେଉଥିଲେ । ନିଜେ ମଧ ଛାତ୍ର ମାନଙ୍କ ସହ ଗାଁ ଗାଁ ବୁଲି ଗାନ୍ଧୀଜିଙ୍କ ବାର୍ତ୍ତା ପ୍ରଚାର କରୁଥିଲେ ଓ ଇଂରେଜ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ ପାଇଁ ଲୋକଙ୍କୁ ବୁଝାଉଥିଲେ ।

ଦର୍ଶନ ଶାସ୍ତ୍ରର ଛାତ୍ର ହେଲେ ମଧ କୃପାସିନ୍ଧୁଙ୍କ ଇତିହାସ ପ୍ରତି ରୁଚିଥିଲା ଅଧିକ। ଇତିହାସ କ୍ଷେତ୍ରରେ ଗବେଷଣା ଜାରି ରଖି ସେ ଲେଖିଥିଲେ ତିନିଗୋଟି ଗବେଷଣାତ୍ମକ ପୁସ୍ତକ। ସେଗୁଡ଼ିକ ହେଲା ବାରବାଟୀ ଦୁର୍ଗ, କୋଣାର୍କ ଓ ଉତ୍କଳ ଇତିହାସ ଯାହାକି ଓଡ଼ିଆ ସାରସ୍ୱତ ଭଣ୍ଡାର ର ଅମୂଲ୍ୟ ସମ୍ପଦ । ଦର୍ଶନ ତତ୍ତ୍ୱ ସମ୍ବଳିତ ତାଙ୍କର ଦୁଇଟି ପ୍ରବନ୍ଧ ଅଦୃଷ୍ଟବାଦ ଓ କା ବେଶ୍ ପାଠକୀୟ ଆଦୃତି ଲାଭକରିଥିଲା ।

କୃପାସିନ୍ଧୁଙ୍କ ଅନ୍ୟାନ୍ୟ ରଚନା ମଧ୍ୟରେ ନବ ଯୌବନର ବିପଦ, ଲୀଳା , ରାଜଭକ୍ତି, ପ୍ରାଚ୍ୟ ଭୂଖଣ୍ଡର ଅଭ୍ୟୁତଥାନ, ଭାରତରେ ଇଂରେଜ ସାମ୍ରାଜ୍ୟ ବିସ୍ତାର, ଭାରତ ଇତିହାସରେ ବୈଦେଶିକ ଆକ୍ରମଣ ଓ ହିନ୍ଦୁର ସମାଜ ବିଧାନ ଆଦି ଅନ୍ୟତମ ।

ସେହି ସରଳ ନିସ୍କପଟ, ତ୍ୟାଗ ଓ ସେବାର ପ୍ରତୀକ ଆଦର୍ଶ ଶିକ୍ଷକ କୃପାସିନ୍ଧୁ ୧୯୨୬ ମସିହା ଫେବୃଆରୀ ୧୨ ତାରିଖରେ ମାତ୍ର ୩୮ ବର୍ଷ ବୟସରେ ଇହଲୀଳା ଶେଷ କରିଥିଲେ । ତାଙ୍କ ପାଇଁଥରେ ବ୍ୟାସକବି ଫକୀରମୋହନ ତାଙ୍କ ଉତ୍କଳ ଭ୍ରମଣ ରେ ଲେଖିଥିଲେ

'କୃପାମୟ କୃପାସିନ୍ଧୁ ଜନହିତକର,
କାର୍ଯ୍ୟସାଧନରେ ଅବତୀର୍ଣ୍ଣ ଧରାଧାମେ,
ସମବେତ ସେମାନେ ତ
ସତ୍ୟବାଦୀ ଗ୍ରାମେ,
ଜ୍ଞାନରାଶି, ପବିତ୍ରତା, ଉଭୟ ତ ଠୁଳ
ଉଦ୍ଧରିବେ ଭଗୀରଥ ସମାନରେ କୂଳ ।"

ତାଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଗୋପବନ୍ଧୁ କହିଥିଲେ 'ଉତ୍କଳ ଶିକ୍ଷା ଆକାଶରୁ ଏକ ଉଜ୍ୱଳ ନକ୍ଷତ୍ର ଛିଡି ପଡିଲା'।

+ଶଙ୍କରପୁର, ଚାରବାଟିଆ, କଟକ
ମୋ-୯୮୬୧୧୨୬୧୯୭

# ସାମାନ୍ୟ ସମସ୍ୟା ହୋଇପାରେ ଗମ୍ଭୀର ରୋଗର ଲକ୍ଷଣ

**ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ଯାହାଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହନ୍ତି ନାହିଁ । ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ ସେଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା କଷ୍ଟକର ହୁଏ । ଅଧିକାଂଶ ମହିଳା ଗମ୍ଭୀର ଲକ୍ଷଣ ଅନୁଭବ କଲେ ଚିକିତ୍ସକଙ୍କ ପାଖକୁ ଯାଆନ୍ତି । କିନ୍ତୁ ଏହା ଠିକ୍ ଅଭ୍ୟାସ ନୁହେଁ । ଯଦି ଆପଣଙ୍କ ଶରୀରରେ କୌଣସି ପରିବର୍ତ୍ତନ ଦେଖୁଛନ୍ତି ତେବେ ଆପଣ ସଚେତନ ହେବା ଆବଶ୍ୟକ ।**

**ପେଟ ଫୁଲିବା:**
ଅନେକ ମହିଳାମାନଙ୍କର ପିରିୟଡସ ସମୟରେ ପେଟ ଫୁଲିବା ସମସ୍ୟା ସାଧାରଣ କଥା । ଯଦି ଏହି ସମସ୍ୟା ଏକ କିମ୍ବା ଦୁଇ ସପ୍ତାହ ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହେ, ତେବେ ଏହା ବିପଦର ସଙ୍କେତ ବୋଲି ଭାବନ୍ତୁ । ଏହାର ଅର୍ଥ ଆପଣଙ୍କର ସ୍ୱାସ୍ଥ୍ୟର ସନ୍ତୁଳନ ଠିକ୍ ନାହିଁ । ଏହା ଏଣ୍ଡ୍ରୋମେଟ୍ରିୟୋସିସ୍ ହୋଇପାରେ, ଏହା ଦ୍ୱାରା ପେଟ ଫୁଲିଯାଏ । ଏହାର ପ୍ରଭାବ ପ୍ରଜନନ କ୍ଷମତା ଉପରେ ମଧ ପଡ଼ିପାରେ ଓ ଗର୍ଭଧାରଣ କରିବାରେ ମଧ ସମସ୍ୟା ଦେଖାଦେଇପାରେ । ଯଦି ଏହା କ୍ରମାଗତ ଭାବରେ ରହେ ତେବେ ଟ୍ୟୁମର, ହାର୍ନିଆ, ଲିଭର ଇନ ଫେକସନ, ଓଭାରିଆଲ କ୍ୟାନସର ମଧ ହୋଇପାରେ ।

**ଥଣ୍ଡା, ଗରମ ଅଧିକ ଲାଗିବା:**



ଯଦି ଆପଣ ନିଜ ରୁମର ତାପମାତ୍ରାକୁ ସହଜ ଅନୁଭବ କରୁନାହାଁନ୍ତି, ତେବେ ଏହାର ଅର୍ଥ ଆପଣଙ୍କ ହର୍ମୋନ ଅସନ୍ତୁଳନ ଅବସ୍ଥାରେ ରହିଛି । ଏହାର ଏକ ମୁଖ୍ୟ କାରଣ ଏଷ୍ଟ୍ରୋଜନର ସ୍ତର ହୋଇପାରେ । ଏଷ୍ଟ୍ରୋଜନ ହର୍ମୋନ ମହିଳା ଓ ପୁରୁଷ ଦୁଇଜଣଙ୍କ ମଧ୍ୟରେ ଦେଖାଯାଏ । କିନ୍ତୁ ଏହା ମିହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଏ । କିନ୍ତୁ ଏହା ମହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଇଥାଏ । ଏହା ମିହିଳାମାନଙ୍କ ଶଶରିରୀକ ପରିବର୍ତ୍ତନ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି କାରଣ ପାଇଁ ଏହାକୁ ଫିମେଲ ଡେଭଲପମେଣ୍ଟ ହର୍ମୋନ ମଧ କୁହାଯାଏ । ଏଷ୍ଟ୍ରୋଜନ ହମୋନ ଆପଣଙ୍କ ଶରୀରର ତାପମାତ୍ରାକୁ ପ୍ରଭାବିତ କରେ ଏହାର ମାତ୍ରା ଯଦି କମ ହୁଏ ବା ଏହାର ସ୍ତରରେ ପରିବର୍ତ୍ତନ ହୁଏ ତେବେ ଆପଣ ଆପଣଙ୍କ ହାତ ଓ ଗୋଡ଼ ଥଣ୍ଡା ରହୁଥିବାର ଅନୁଭବ କରୁଥିବେ ।





**କେଶ ଝଡ଼ିବା:**
କେଶ ଝଡ଼ିବା ଟେଷ୍ଟୋଷ୍ଟେରାନ ହମୋନର ଲକ୍ଷଣ ମଧ୍ୟରୁ ଅନ୍ୟତମ । ଏହି ହର୍ମୋନ ସୁସ୍ଥ କେଶର ଉତ୍ପାଦନରେ ସାହାଯ୍ୟ କରେ । ଏହାର ଅସନ୍ତୁଳନ ଯୋଗୁଁ ଆପଣଙ୍କ କେଶ ଝଡ଼ିଯାଏ ଓ ପତଳା ହୋଇଯାଏ । ଏହି ହର୍ମୋନ ପୁରୁଷ ଓ ମହିଳା ଉଭୟଙ୍କ ମଧ୍ୟରେ ଥାଏ । ଟେଷ୍ଟୋଷ୍ଟେରାନ ମହିଳାମାନଙ୍କର ଓଭାରିରେ ବହୁତ କମ ମାତ୍ରାରେ ଥାଏ । ଏହା ଶରୀରରେ ଅଧିକ ମାତ୍ରାରେ ରହିବା ଦ୍ୱାରା ମହିଳାମାନଙ୍କର କେଶହାନି ହୁଏ ଓ କେଶ ପତଳା ହୋଇଯାଏ ଏହା ଦ୍ୱାରା ଓଜନ ବଢ଼ିଯାଏ, ଚେହେରା ଓ ଅନ୍ୟ ଅଙ୍ଗରେ କେଶ ମଧ ଦେଖାଯାଏ ।

# ଆଳୁ ପୁରି



***ଆବଶ୍ୟକ ସାମଗ୍ରୀ:*** ଅଟା, ଆଳୁ, କଟା କଞ୍ଚାଲଙ୍କା, ହଳଦି, ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣି, ଜିରା, ଧନିଆ ପତ୍ର ଓ ସୁଜି।

***ପ୍ରସ୍ତୁତ ପ୍ରଣାଳୀ:*** ପ୍ରଥମେ ଏକ ପାତ୍ରରେ ଅଟା ଆଣି ସେଥିରେ ସିଝା ଆଳୁକୁ ଗ୍ରେଟ୍ ? କରି ପକାନ୍ତୁ। ପରେ ସେଥିରେ ଲୁଣ, ଲଙ୍କା ପାଉଡର, ହଳଦି ପାଉଡର, ଗୋଟା ଜିରା, ଜୁଆଣି, ଧନିଆ ପତ୍ର, କଞ୍ଚା ଲଙ୍କା ଓ ଅଳ୍ପ ସୁଜି ପକାଇ ତାକୁ ଗୋଳାଇ ଦିଅନ୍ତୁ। ପରେ ପାଣି ଦେଇ ତାକୁ ଭଲ ଭାବରେ ଚକଟି ଦିଅନ୍ତୁ। ତା'ପରେ ତାକୁ ଓଦା କପଡ଼ା ଗୋଡ଼ାଇ ଅଧଘଣ୍ଟା ପର୍ଯ୍ୟନ୍ତ ଢ଼ାଙ୍କି ଦିଅନ୍ତୁ। ଏହା ପରେ ସେଥିରେ ଅଳ୍ପ ତେଲ ମିଶାଇ ଆଉ ଥରେ ଚକଟି ଦିଅନ୍ତୁ। ଏହାପରେ ପୁରି ପାଇଁ ଗୋଲା କରନ୍ତୁ, ଏଗୁଡିକୁ ପୁରି ପରି ବେଲନ୍ତୁ।
ପରେ କରେଇରେ ତେଲ ଗରମ କରି ବେଲି ରଖିଥିବା ପୁରିକୁ ଛାଣନ୍ତୁ। ପୁରି ଛାଣି ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଆଳୁ ପୁରି।

# ମନୁଷ୍ୟ ନାକର କ୍ଷମତା

ମନୁଷ୍ୟର ଜୀବନଶୈଳୀକୁ ନେଇ ଗବେଷକଗଣ ବର୍ଷ ବର୍ଷ ଧରି ପରୀକ୍ଷା କରିଆସୁଛନ୍ତି । ଏ ସଂକ୍ରାନ୍ତାରେ ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଗଣ ପରୀକ୍ଷା କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । କିଛି ସେକେଣ୍ଡରେ ଜଣେ ସାଧାରଣ ବ୍ୟକ୍ତି ଲକ୍ଷାଧିକ ପ୍ରକାରର ରଙ୍ଗକୁ ଚିହ୍ନଟ କରିପାରୁଥିବା ବେଳେ ବିଭିନ୍ନ ପ୍ରକାର ଶବ୍ଦକୁ ମଧ ଶୁଣିପାରେ । ଆଉ ରହିଲା ବାସ୍ନା ପ୍ରସଙ୍ଗ । ୯୧%ରୁ ଅଧିକ ଲୋକ ୫୦ହଜାର ପ୍ରକାରର ବାସ୍ନାକୁ ଯେ କୌଣସି ପରିସ୍ଥିତିରେ ଭୁଲିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଅନ୍ୟ କାହା ଘରକୁ ଗଲେ ସେଠାକାର ଭିନ୍ନ ପରିବେଶ ଓ ବାସ୍ନାକୁ ଆମେ ତୁରନ୍ତ ଘ୍ରାଣ କରିପାରୁ । ଏପରିକି ଅନେକ ବର୍ଷ ପରେ ସେହି ବାସ୍ନା ସହ ଜଡ଼ିତ ହେଲେ, ତାହାର ସ୍ମୃତିକୁ ମନେପକାଇ ପାରେ ମନୁଷ୍ୟ । ବାସ୍ନା ଯଦିଓ କ୍ଷଣସ୍ଥାୟୀ ହେଲେ ମନୁଷ୍ୟର ଚିନ୍ତାଧାରାରେ ଏହାର ସମୟ ସୀମା ସର୍ବାଧିକ ।

# ଇମ୍ଫାଲର 'ମଦର୍ସ ମାର୍କେଟ୍'



ଅନେକଙ୍କୁ ହୁଏତ ଜଣା ନ ଥାଇପାରେ ଯେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାର୍କେଟ୍ ବା ବଜାର ମଣିପୁର ରାଜଧାନୀ ଇମ୍ଫାଲରେ ରହିଛି । ଏହା ମଦର୍ସ ମାର୍କେଟ୍' ଭାବେ ପରିଚିତ ଏବଂ ଏସିଆର ସବୁଠାରୁ ବଡ଼ ମହିଳା ମାର୍କେଟ୍ । ମୋଟ ଦୋକାନ ସଂଖ୍ୟା ଚାରି ହଜାରରୁ ଅଧିକ । ମାର୍କେଟରେ ଜଣେ ବି ପୁରୁଷ ଦୋକାନୀ ନାହାନ୍ତି । ବିଶ୍ୱାସ କରାଯାଏ, ଏହି ମାର୍କେଟ୍ ପ୍ରାୟ ପାଞ୍ଚ ଶହ ବର୍ଷର ପୁରୁଣା । ମାର୍କେଟ ଆରମ୍ଭର କାରଣ ମଣିପୁର ଇତିହାସ ସହିତ ଜଡ଼ିତ । ରାଜାରାଜୁଡ଼ା ଶାସନ ଅମଳରେ ମଣିପୁରରେ 'ଲାଇପ୍' ନାମକ ଏକ ପାରମ୍ପାରିକ ପ୍ରଥାର ପ୍ରଚଳନ ଥିଲା । ପ୍ରଥା ଅନୁସାରେ, ମୈତି ସଂପ୍ରଦାୟର ପୁରୁଷମାନଙ୍କୁ ରାଜାଙ୍କ ଦରବାରରେ କାମ କରିବାକୁ ପଡୁଥିଲା । ଏଥିପାଇଁ ସେମାନେ ଦିନରାତି ରାଜା ଉଆସରେ ରହୁଥିଲେ । ଏହା ଦ୍ୱାରା ପୁରୁଷମାନେ ଘର କାମ ବୁଝିବାକୁ ସମୟ ପାଇଲେ ନାହିଁ ଏବଂ ପୁରୁଷଙ୍କ ଅନୁପସ୍ଥିତିରେ ମହିଳା ମାନେ ବାହାରକୁ ବାହାରିଲେ । ମହିଳାମାନେ ଘର କାମ ସହିତ ଚାଷ କଲେ, ରୋଜଗାର ପାଇଁ ଦୋକାନ କରି ବ୍ୟବସାୟ ଆରମ୍ଭ କଲେ । ସେହି ଧାରା କ୍ରମେ ଗଡ଼ି ଆସିଛି ଏବଂ ତାହା ପିଢ଼ି ପରେ ପିଢ଼ି ଏକ ପରଂପରାରେ ପରିଣତ ହୋଇଛି । ନିୟମ ଅନୁସାରେ, ଏହି ମାର୍କେଟରେ କେବଳ ବିବାହିତ ମହିଳାମାନେ ହିଁ ବ୍ୟବସାୟ କରନ୍ତି ।

# ପ୍ରସିଦ୍ଧ ଐତିହାସର ମଜାଦାର ନକଲ

ଇଂଲଣ୍ଡର ସାଲିସ ବରିରେ ଥିବା ଷ୍ଟୋନହେଞ୍ଜ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଐତିହ୍ୟ । ଏହାକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ଭାବେ ସ୍ୱୀକୃତି ମଧ ମିଳିଛି । ତେବେ ଷ୍ଟୋନହେଞ୍ଜକୁ ନକଲ କରି ତିଆରି ହୋଇଛି କାରହେଞ୍ଜ । ୧୯୮୭ ମସିହାରେ ଜିମ ରେଣ୍ଡର୍ସ ନାମକ ଜଣେ ବ୍ୟକ୍ତି ତାଙ୍କ ପିତାଙ୍କ ସ୍ମୃତିରେ ଏହି କାରହେଞ୍ଜ ତିଆରି କରିଥିଲେ । ଆମେରିକାର ଭର୍ଜିନିଆଠାରେ ଅବସ୍ଥିତ ଫୋମ ହେଞ୍ଜ । ଏହା ତିଆରି ହୋଇଛି ଏକପ୍ରକାର ପ୍ଲାଷ୍ଟିକରେ । ଆମେରିକାର ମିସୌରୀରେ ଅବସ୍ଥିତ ଷ୍ଟୋନହେୟ୍ଜର ଆଉ ଏକ ହାସ୍ୟସ୍ପଦ ନକଲ ହେଲା ବୋଟହେଞ୍ଜ । ଏହା ପୁରୁଣା ବୋଟରେ ତିଆରି ହୋଇଛି । କାରୋଲିନାର ମାର୍ଟିଲ ବେଲଭୂମି ପାର୍କରେ ଅବସ୍ଥିତ ଫୋନହେଞ୍ଜ ତିଆରି ହୋଇଛି ଟେଲିଫୋନ୍ ବୁଥରେ । ନ୍ୟୁ ମେକ୍ସିକୋରେ ତିଆରି ହୋଇଛି ଆଉ ଏକ ମଜାଦାର ନକଲ । ପୁରୁଣା, ଅଦରକାରୀ ଫ୍ରିଜ୍ ଫୋପାଡ଼ି ଦେଇଥାଆନ୍ତି ଅନେକ ଲୋକ । ସେହି ସବୁ ପୁରୁଣା ଫ୍ରିଜ୍ ମଧ୍ୟରୁ ବାଛି ବାଛି କିଛି ନେଇ ତିଆରି ହେଇଛି ଫ୍ରିଜହେଞ୍ଜ ।





# ବାଗଚୀ ଶ୍ରୀ ଶଙ୍କର କ୍ୟାନ୍ସର ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ର ନିର୍ମାଣ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ଓଡ଼ିଶାରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଅନ୍ୟଏକ ମାଇଲ୍ ଖୁଂଟ ଭାବେ ଗଢ଼ିଉଠୁଥିବା ବାଗଚୀ-ଶଙ୍କର କ୍ୟାନ୍ସର୍ ହସ୍ପିଟାଲ୍ ଓ ଗବେଷଣା କେନ୍ଦ୍ରର ନିର୍ମାଣ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ତଥା ହସ୍ପିଟାଲ ଓ କରୁଣାଶ୍ରୟର ପ୍ରମୁଖ କର୍ଣ୍ଣଧାର ଡଃ ସୁବ୍ରତୋ ବାଗଚୀଙ୍କ କ୍ଷେତ୍ରପରିଦର୍ଶନ ଏବଂ ସମୀକ୍ଷାରୁ ଏହା ଜଣାପଡ଼ିଛି । ଏହି ହସ୍ପିଟାଲ୍ ପାଇଁ ରାଜ୍ୟସରକାର ଇନଫୋଭ୍ୟାଲି-୨ ରେ ଯୋଗାଇ ଦେଇଥିବା ୨୦ ଏକର ପରିମିତ ଅଂଚଳ ପରିଦର୍ଶନ କରି ଶ୍ରୀ ମହାପାତ୍ର ନିର୍ମାଣ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ । ସମୀକ୍ଷାରୁ ଜଣାପଡ଼ିଥିଲାଯେ ଇତିମଧ୍ୟରେ ପୂର୍ବରୁ ଏହା ୫୦୦ ଶଯ୍ୟା ପାଇଁ ଯୋଜନା କରାଯାଇଥିଲା ବେଳେ ବର୍ତ୍ତମାନ ଏହି ହସ୍ପିଟାଲକୁ ୭୫୦ ଶଯ୍ୟା ବିଶିଷ୍ଟ କରିବା ପାଇଁ ନିର୍ମାଣ କାମ ଆରମ୍ଭ ହୋଇଛି। ଇତି ମଧ୍ୟରେ ବର୍ହିବିଭାଗ ଚିକିତ୍ସା କୋଠା ଏବଂ ଗ୍ରାଉଣ୍ଡ ଫ୍ଲୋର କାମରେ ଦୃତ ଅଗ୍ରଗତି ହୋଇଛି । ଚଳିତ ବର୍ଷ ମେ ମାସ ଶେଷ ସୁଦ୍ଧା ଗ୍ରାଉଣ୍ଡ ଫ୍ଲୋରର ଛାତ ପଡ଼ିବ। ଏହି ହସ୍ପିଟାଲ୍ ରେ ରୋଗୀ ଏବଂ ତାଙ୍କର ସହାୟକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ। କ୍ୟାଂଟିନ୍, ଶୌଚାଳୟ, ପାର୍କିଂ ସ୍ଥାନ, ଅତ୍ୟାବଶ୍ୟକୀୟ ପଦାର୍ଥ ସରଞ୍ଜାମ ଦୋକାନ ଆଦି ଉପଲବ୍ଧ ହେବ। ହସ୍ପିଟାଲ୍ ଚତୁପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ସବୁଜ ବଳୟ ସୃଷ୍ଟି ସହ ପରିସର ଭିତରେ ଥିବା ପ୍ରକୃତିକ ଖାଲୁଆ ଯାଗାକୁ ଏକ ସୁନ୍ଦର ପୁଷ୍କରିଣୀ ଭାବେ ବିକଶିତ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଦ୍ରବ୍ୟ, ଆଇନ୍ ଶୃଙ୍ଖଳା ସ୍ଥିତି, ନିର୍ମାଣ ନିମନ୍ତେ ମାନବ ସମ୍ବଳ, ଯନ୍ତ୍ରପାତି ଆଦିର ଉପଲବ୍ଧି ବିଷୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସମୀକ୍ଷା କରିଥିଲେ । ଏସବୁ ବିଷୟରେ କିଛି ଅସୁବିଧା ଅଛିକି ବୋଲି କ୍ଷେତ୍ରରେ କାର୍ଯ୍ୟରତ ଇଞ୍ଜିନିଅର ଏବଂ ସୁପରଭାଇଜରମାନଙ୍କୁ ପଚାରି ବୁଝିଥିଲେ । ନିର୍ମାଣପାଇଁ କୌଣସି ବିଶେଷ ଅସୁବିଧା ନଥିବା କଥା ଇଞ୍ଜିନିଅର ମାନେ ଜଣାଇଥିଲେ । ୨୦୨୩ ମସିହା ରଥଯାତ୍ରା ସୁଦ୍ଧା ହସ୍ପିଟାଲର ପ୍ରଥମ ପର୍ଯ୍ୟାୟ ନିର୍ମାଣ ଶେଷ କରି ରୋଗୀସେବା ଆରମ୍ଭ କରିବା ପାଇଁ ସମୀକ୍ଷା ସମୟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ହସ୍ପିଟାଲ୍ ନିର୍ମାଣରେ ପ୍ରାୟ ୨୨୦ କୋଟି ଟଙ୍କା ବିନିଯୋଗ ହେବାର ଆକଳନ କରାଯାଇଛି ।

ପରେ ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଏବଂ ଡଃ ବାଗଚୀ ଇନଫୋଭ୍ୟାଲି-୨ ରେ ବାଗଚୀ କରୁଣାଶ୍ରୟ ଉପଶମ ଚିକିତ୍ସା କେନ୍ଦ୍ର ପରିସର ଯାଇ ସେଠାରେ ମଧ୍ୟ ନିର୍ମାଣ ଓ ସେବା ଯୋଗାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ପ୍ରାୟ ୨୧୦ କୋଟି ଟଙ୍କା ଆକଳନରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ୨୦୨୩ ଜୁଲାଇ ମାସ ଶେଷସୁଦ୍ଧା ସରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାକୁ ୧୫୦ ଶଯ୍ୟା ବିଶିଷ୍ଟ ଉପଶମ ଚିକିତ୍ସା କେନ୍ଦ୍ର ଭାବେ ବିକଶିତ କରାଯିବ । ଶିକ୍ଷା ଓ ଗବେଷଣା ନିମନ୍ତେ ଏଥିରେ ୫୦୦ ସିଟ୍ ବିଶିଷ୍ଟ ଅଡିଟୋରିମ୍ର ବ୍ୟବସ୍ଥା କରାଯିବ ।

ଗଣ୍ଡମୁଣ୍ଡାଠାରେ ଆରମ୍ଭ କରାଯାଇଥିବା ଅସ୍ଥାୟୀ ଗୃହଭିତ୍ତିକ ସେବାଯୋଗାଣ କେନ୍ଦ୍ରରେ ମଧ୍ୟ ବର୍ହିବିଭାଗ ଚିକିତ୍ସା ଆରମ୍ଭ କରାଯାଇଛି ବୋଲି ଡକ୍ଟର ବାଗଚୀ ଜଣାଇଥିଲେ । ଏହି କେନ୍ଦ୍ରରେ ଗୃହଭିତିକ ସେବା ଯୋଗାଣ ଏବଂ ବର୍ହିବିଭାଗ ଚିକିତ୍ସା ପାଇଁ ଆବଶ୍ୟକୀୟ ଡାକ୍ତର, ନର୍ସ, ଫାମାସିଷ୍ଟ, ଗାଡ଼ି ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଆଦିରେ ପରିମାଣାତ୍ମକ ଓ ଗୁଣାତ୍ମକ ବିକାଶ କରାଯାଇଛି । ଚଳିତ ମାର୍ଚ୍ଚ ମାସରୁ ପ୍ରତି ସପ୍ତାହର ଶୁକ୍ରବାର ଦିନ ଏହି ଚିକିତ୍ସା ଓ ଔଷଧ ଯୋଗାଇ ଦିଆଯାଇଛି । ସୂଚନା ଯୋଗ୍ୟ, ଏହି ଅସ୍ଥାୟୀ ଗୃହସେବା ଚିକିତ୍ସା କେନ୍ଦ୍ରକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗତ ଡିସେମ୍ବର ମାସରେ ଉଦ୍ଘାଟନ କରିଥିଲେ । ଇତି ମଧ୍ୟରେ ୧୨୮ ଜଣ ରୋଗୀଙ୍କୁ କେନ୍ଦ୍ର ତରଫରୁ ଗୃହଭିତିକ ଉପଶମ ଚିକିତ୍ସା ଓ ଯତ୍ନ ଯୋଗାଇ ଦିଆଯାଇଛି । ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ୍, ଏମ୍ସ, କ୍ୟାପିଟାଲ୍ ହସ୍-ପିଟାଲ୍ ଆଦିରୁ ଶେଷ ପର୍ଯ୍ୟାୟ ଉପମଶମ ଚିକିତ୍ସା ଦରକାର କରୁଥିବା ରୋଗୀମାନଙ୍କୁ ଏଠାକୁ ପଠାଯାଉଛି। ବର୍ତ୍ତମାନ ସୁଦ୍ଧା ୩୬ ଜଣ ଏପରି ରୋଗୀଙ୍କୁ ବର୍ହିବିଭାଗ ରେଫେରାଲ୍ କେସ୍ ଭାବେ ଚିକିତ୍ସା ଯୋଗାଇ ଦିଆଯାଉଛି। ଏହାଛଡ଼ା କର୍କଟ ରୋଗରେ ମୃତ୍ୟୁବରଣ କରିଥିବା ୬ଟି ଗରିବ ପରିବାରଙ୍କୁ ମଧ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ମାଧ୍ୟମରେ ଖାଦ୍ୟ ସାମଗ୍ରୀ ଓ ପିଲାଙ୍କ ପାଠପଢ଼ା ସହାୟତା ଯୋଗାଇବାର ସମନ୍ୱୟ କରାଯାଇଛି।

ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ସମୟରେ ଡକ୍ଟର ସୁବ୍ରତୋ ବାଗଚୀଙ୍କ ସମେତ ହସ୍-ପିଟାଲର ମୁଖ୍ୟ ଅର୍କିଟେକ୍ ସୁନ୍ଦର ରମନ୍, କରୁଣାଶ୍ରୟର ମୁଖ୍ୟ ଆର୍କିଟେକ ଏନ୍. ମେଡାପ୍ପା, କରୁଣାଶ୍ରୟର ପରିଚାଳକ ଜ୍ଞାନ ରଂଜନ ମହାପାତ୍ର, ପ୍ରକଳ୍ପ ପରିଚାଳକ ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ କ୍ଷେତ୍ରସ୍ତରୀୟ ସ୍ଥିତି ସହ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ବିଜେଡିର ହିଂସା ପ୍ରତିବାଦରେ ବିଜେପିର ସତ୍ୟାଗ୍ରହ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ଶାସକ ବିଜେଡିର ହିଂସାତ୍ମକ ଆଚରଣ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଆଜି ବିଜେପି କାର୍ଯ୍ୟକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୁହଁରେ କଳାପଟି ବାନ୍ଧି ସତ୍ୟାଗ୍ରହ ଅନ୍ଦୋଳନ କରିଥିଲେ।
ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ, ଗତ ୧୨ ତାରିଖ ଦିନ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ମଦ ପିଇ ଗାଡି ଚଳାଇ ବାଣପୁରଠାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମାରିବାର ହୀନ ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ । ରାଜନୀତିରେ ହିଂସାର ସ୍ଥାନ ନାହିଁ ଏବଂ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ମଧ୍ୟ ଗ୍ରହଣୀୟ ନୁହେଁ । ବିଧାୟକ ଶ୍ରୀ ଜଗଦେବଙ୍କ ଅପରାଧୀକ ଭିତିଭୂମି ଓ କାର୍ଯ୍ୟକଳାପର ଇତିହାସ ଥିବା ସତ୍ୱେ ବିଜେଡି ତାଙ୍କୁ ଏଭଳି କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରି ଆସୁଥିଲା । ମିଛ ନିଲମ୍ବନର ନାଟକ କରି ଶାସକ ବିଜେଡି ରାଜ୍ୟବାସୀଙ୍କୁ ଭ୍ରମିତ କରିଛି । ଅନ୍ୟ ପଟେ ବ୍ଲକ ନିର୍ବାଚନରେ ନିଜର ପରାଜୟକୁ ସହ୍ୟ କରିନପାରି ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଭୟଭୀତ କରିବାର ପ୍ରୟାସ କରାଯାଇଛି । ଏହା ସଂପୂର୍ଣ୍ଣ ଭାବେ 'ମିଛ ନିଲମ୍ବନ, ସତ ଅକ୍ରମଣ' ଥିଲା ବୋଲି ବିଧାୟକ ଶ୍ରୀ ଜଗଦ୍ଦେବଙ୍କ ଅମାନବୀୟ ଆଚରଣରୁ ସ୍ପଷ୍ଟ ହୋଇଛି ।
ସେହିପରି ଭୁବନେଶ୍ୱର ଝାରପଡାରେ ବିଜେପି କର୍ପୋରେଟର ପ୍ରାର୍ଥୀଙ୍କ ପରିବାର ସଦସ୍ୟଙ୍କୁ ବିଜେଡି ନେତା ଓ ଗୁଣ୍ଡାଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ କରାଯିବା ଅତ୍ୟନ୍ତ ଘୃଣ୍ୟ । ମୁଖ୍ୟମନ୍ତ୍ରୀ ନିଜର ଛତ୍ରଛାୟା ତଳେ ବିଜେଡି ନେତାଙ୍କୁ ରଖି ହିଂସାକୁ ଅଧିକ ପ୍ରବର୍ତ୍ତାଉଛନ୍ତି । ବିଧାୟକ ଜଗଦେବଙ୍କ ହିଂସା ଗଣତନ୍ତ୍ର ପ୍ରତି କୁଠାରଘାତ ଏବଂ ଏଭଳି ହିଂସାକୁ ଆଦୌ ସମର୍ଥନ କରିବା ଅନୁଚିତ୍ । ତାଙ୍କୁ ତୁରନ୍ତ ବହିଷ୍କାର କରାଯାଇ ଫାଷ୍ଟଟ୍ରାକ କୋର୍ଟ ଜରିଆରେ ବିଧାୟକ ଶ୍ରୀ ଜଗଦ୍ଦେବଙ୍କୁ କଠୋର ଦଣ୍ଡ ପ୍ରଦାନ କରନ୍ତୁ ମୁଖ୍ୟମନ୍ତ୍ରୀ ବୋଲି ଶ୍ରୀ ସିଂ କହିଛନ୍ତି । ଆଜିର ଏହି ପ୍ରତିବାଦ ସଭାରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧା, ଜୟନ୍ତ ଜେନା, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ, ଜିଲ୍ଲା ସାଧାରଣ ସଂପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ଉପେନ୍ଦ୍ର ଭଞ୍ଜଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବାର୍ ମାନଙ୍କରେ ବାଉନ୍‌ସର ନିଯୁକ୍ତିକୁ କମିଶନରେଟ୍ ପୋଲିସର ବାରଣ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ଦ୍ୱୈତନଗରୀ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ୍ ଅଂଚଳରେ ଥିବା ମଦବାର୍ ଗୁଡ଼ିକ ସୁରକ୍ଷା କାର୍ଯ୍ୟ ପାଇଁ ପ୍ରାଇଭେଟ୍ ସୁରକ୍ଷାକର୍ମୀ/ବାଉନ୍ ସରମାନଙ୍କୁ ନିୟୋଜିତ କରୁଥିବା ସରକାରଙ୍କ ଦୃଷ୍ଟିରୁ ଆସିଛି। ଏହି ପ୍ରକାର ସୁରକ୍ଷାକର୍ମୀମାନଙ୍କ ନାମରେ ବହୁ ଅପରାଧ ମାମଲା ମଧ୍ୟ ନିକଟ ଅତୀତରେ ରୁଜୁ ହୋଇଛି। ବାଉନ୍‌ସରମାନଙ୍କଠାରୁ ସାଧାରଣ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ତଥା ସାମାଜିକ ଶାନ୍ତି ବ୍ୟାହତ ହେବାର ମଧ୍ୟ ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଉଭୟ ଭୁବନେଶ୍ୱର ଏବଂ କଟକ ଅଂଚଳର ବାର୍ ମାଲିକମାନଙ୍କ ପାଇଁ ପୋଲିସ କମିଶନର ଆସନ୍ତା ଦୁଇମାସ ପର୍ଯ୍ୟନ୍ତ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।
ବାରମାଲିକମାନେ ନିଜ ଅଂଚଳର ଡିସିପିଙ୍କଠାରୁ ସୁରକ୍ଷା କର୍ମଚାରୀଙ୍କ ସଂପର୍କରେ ଅପରାଧ ପୃଷ୍ଠଭୂମିର ପୂର୍ବ ରେକର୍ଡ ଯାଂଚ କରିବା ବାଧ୍ୟତାମୂଳକ କରାଯାଇଛି। ପ୍ରାଇଭେଟ ସିକ୍ୟୁରିଟି ଏଜେନ୍ସିମାନଙ୍କଠାରୁ ବାର ମାଲିକମାନେ ସୁରକ୍ଷା କର୍ମଚାରୀ ନିୟୋଜିତ କରିପାରିବେ। ନିୟୋଜିତ କରିଥିବା ସୁରକ୍ଷା କର୍ମଚାରୀଙ୍କ ବିଷୟରେ ବାର୍ ମାଲିକମାନେ ସ୍ଥାନୀୟ ପୋଲିସକୁ ଲିଖିତ ଭାବେ ଜଣାଇବେ। ଏହି ନିୟୋଜିତ ସୁରକ୍ଷା କର୍ମଚାରୀଙ୍କ ସାଧାରଣ ଆଇନ ପରିସରଭୁକ୍ତ ରହିବେ। ଆବଶ୍ୟକସ୍ଥଳେ ୧୧୨ ନମ୍ବରକୁ କଲକରି ଏହି ସୁରକ୍ଷା କର୍ମଚାରୀମାନଙ୍କ ସୂଚନା ଦେଇପାରିବେ। କୌଣସି ପରିସ୍ଥିତିରେ ମଧ୍ୟ ଏହି ସୁରକ୍ଷାକର୍ମୀମାନେ ଗ୍ରାହକମାନଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରିପାରିବେ ନାହିଁ। ତା.୧୧/୦୩.୨୦୨୨ରିଖଠାରୁ ତା.୦୯.୦୫.୨୦୨୨ରିଖ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତର ରହିବ ବୋଲି ଦ୍ୱୈତନଗରୀ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି ।

# ପୌର ନିର୍ବାଚନ ପାଇଁ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ବୈଠକ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟି, ବାଲୁଗାଁ ଓ ବାଣପୁର ଏନ୍.ଏ.ସି ର ଅଧ୍ୟକ୍ଷ ଏବଂ କାଉନସିଲର ନିର୍ବାଚନ ନିମନ୍ତେ ସମସ୍ତ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଏକ ବୈଠକ ଆଜି ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଉପରୋକ୍ତ ପୌରାଂଚଳ ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଆଗାମୀ ପୌର ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବରେ ପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବୈଠକରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି ଯୋଗଦେଇ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗରୁମ୍ ର ସୁରକ୍ଷା ସହ ସମସ୍ତ ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦରେ ବ୍ୟବହାର ହେବାକୁ ଥିବା ଇଲେକ୍ଟ୍ରୋନିକଭୋଟିଙ୍ଗ ମେସିନ୍ ଷ୍ଟଙ୍ଗ ରୁମ୍ କୁ ସିସିଟିଭି ନଜରରେ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ଶ୍ରୀ ମହାପାତ୍ର ଇଭିଏମ୍ କମିଶନିଂ ସମୟରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହିପାରିବା ଓ ପୋଲିଂ ପୂର୍ବରୁ ମକ୍ ପୋଲିଂ ସମୟରେ ପୋଲିଂ ଏଜେଣ୍ଟ ଉପସ୍ଥିତ ରହିବା ସଂପର୍କରେ ଅବଗତ କରାଇଥିଲେ । ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରତି ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ପୌରାଧକ୍ଷ ଓ କାଉନସିଲର ମତଦାନ ପାଇଁ ୨ ଟି ଲେଖାଏଁ ଅଲଗା ଅଲଗା ଇଭିଏମ୍ ବ୍ୟବହାର ହେବ । ଖୋର୍ଦ୍ଧା ପୌରପାଳିକା ପାଇଁ ୨୨ଟି ୱାର୍ଡର ୪୪ଟି ମତଦାନ କେନ୍ଦ୍ରରେ ୧୧୦ଟି ଇଭିଏମ୍ ବ୍ୟବହାର ହେବ । ପ୍ରତିପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦ ପାଇଁ ଅତିରିକ୍ତ ୨୫ ପ୍ରତିଶତ ଲେଖାଏଁ ଇଭିଏମ୍ ଜରୁରୀ ସେବା ପାଇଁ ସଂରକ୍ଷିତ ରଖାଯାଇଛି । ସେହିପରି ଜଟଣୀ ମ୍ୟୁନିସିପାଲିଟି ନିମନ୍ତେ ୨୩ଟି ୱାର୍ଡରେ ୫୪ଟି ବୁଥ ନିମନ୍ତେ ୧୩୫ ଟି ଇଭିଏମ୍, ବାଲୁଗାଁ ଏନ୍.ଏ.ସିର ୧୧ଟି ୱାର୍ଡର ୧୬ଟି ବୁଥ ପାଇଁ ୪୦ଟି ଇଭିଏମ୍ ଓ ବାଣପୁର ଏନ୍.ଏ.ସିର ୧୫ଟି ୱାର୍ଡର ୧୭ଟି ବୁଥ ପାଇଁ ୪୩ଟି ଇଭିଏମ୍ ବ୍ୟବହାର କରାଯିବ । ପ୍ରତ୍ୟକ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଅନୁପାଳନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆସନ୍ତା କାଲି ୧୫ ଓ ୧୬ ତାରିଖରେ ବିଭିନ୍ନ ଦିବସରେ ଉପରୋକ୍ତ ପୌରପାଳିକା ଓ ବିଜ୍ଞପିତ ଅଂଚଳ ପରିଷଦରେ ନିର୍ବାଚନ ପାଇଁ ନିଯୁକ୍ତ ପ୍ରିଜାଇଡିଂ ଓ ପୋଲି ଅଧିକାରୀମାନଙ୍କର ପ୍ରଶିକ୍ଷଣ ଅନୁଷ୍ଠିତହେବ । ଉପରୋକ୍ତ ୪ ଟି ପୌରାଂଚଳରେ ନିର୍ବାଚନ ପାଇଁ ୧୬୫ଟି ଯାନ ବ୍ୟବହାର କରାଯିବାକୁ ଥିବା ବେଳେ ୧୫୫ ଜଣ ପ୍ରିଜାଇଡିଂ ଅଫିସର ନିୟୋଜିତ ହେବେ । ପ୍ରକାଶ ଥାଉକି ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ସହିତ ଅନ୍ୟ ଏକ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଭୁବନେଶ୍ୱର ମହାନଗର ନିଗମର ୭୦୫ଟି ବୁଥ ନିମନ୍ତେ ୧୭୬୩ ଟି ଇଭିଏମ୍, ୩୦୬ଟି ଯାନ ଏବଂ ୭୭୪ ଜଣ ପ୍ରିଜାଇଡିଂ ଅଫିସର ନିୟୋଜିତ ହେବେ । ଏଥି ସହିତ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ବିଭିନ୍ନ ବିଷୟରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା ।

# ୧୦ମ ଶ୍ରେଣୀ ଟର୍ମ-୧ ପରୀକ୍ଷାରେ ତ୍ରୁଟି ସୁଧାରୁ ସିବିଏସ୍ଇ : ଏବିଭିପି

ଭୁବନେଶ୍ୱର,୧୫/୦୩ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡିଶା ତରଫରୁ ସିବିଏସ୍ଇ ୧୦ମ ଶ୍ରେଣୀ ଟର୍ମ-୧ ଓଡ଼ିଆ ପରୀକ୍ଷାରେ ଗୁରୁତର ତ୍ରୁଟିକୁ ସୁଧାରିବା ସହ ଛାତ୍ର ଛାତ୍ରୀଙ୍କୁ ଗ୍ରେସ ମାର୍କ ଦେଇ ପୁନଃ ପରୀକ୍ଷା ଫଳ ପ୍ରକାଶ ପାଇଁ ଆଜି ଏବିଭିପିର ୬ଜଣିଆ ଟିମ ସିବିଏସ୍ଇ ଭୁବନେଶ୍ୱର କାର୍ଯ୍ୟାଳୟରେ ଆଞ୍ଚଳିକ ଅଧିକାରୀ କେଏନ ଶ୍ରୀନିବାସଙ୍କୁ ଦାବିପତ୍ର ପ୍ରଦାନ କରିଛି ଏବିଭିପି।
୧୦ମ ଶ୍ରେଣୀ ଟର୍ମ-୧ ପରୀକ୍ଷାରେ ତ୍ରୁଟି ସାମ୍ନାକୁ ଆସିଛି ଓଡ଼ିଆ ବିଷୟରେ ୪ ନମ୍ବର ପ୍ରଶ୍ନ ରହିଛି ଗାନ୍ଧିଜୀ ଏବଂ ନେତାଜୀ ସୁବାଷଚନ୍ଦ୍ରଙ୍କ ସ୍ୱାଧୀନତା ସଂଗ୍ରାମ ଭିତରେ କି ପାର୍ଥକ୍ୟ ଏହାର ଉତ୍ତର ହେଉଛି ବି, ଅର୍ଥାତ୍ ନିରସ୍ତ ସତ୍ୟାଗ୍ରହ ସଂଗ୍ରାମ ଏବଂ ସଶସ୍ତ୍ର ସଂଗ୍ରାମ । କିନ୍ତୁ ସିବିଏସ୍ଇ ଦେଇଥିବା ଉତ୍ତର ପତ୍ରରେ ରହିଛି ଡି, ଅର୍ଥାତ୍ ପାରମ୍ପରିକ ସଂଗ୍ରାମ ଓ ଅତ୍ୟାଧୁନିକ ସଂଗ୍ରାମ । ଯାହା ସଂପୂର୍ଣ୍ଣ ଭୁଲ୍ । କେବଳ ୪ ନମ୍ବର ନୁହେଁ ୨୮, ୨୯, ୩୦, ୩୧ ଭଳି ମୋଟ ୧୭ଟି ପ୍ରଶ୍ନର ଉତ୍ତର ପତ୍ର ଭୁଲ୍ ଦେଇଛି ସିବିଏସ୍ଇ ଫଳରେ ସଠିକ୍ ଉତ୍ତର ଲେଖୁ ମଧ୍ୟ ନମ୍ବର ପାଇନାହାଁନ୍ତି ଛାତ୍ରଛାତ୍ରୀ । ଉତ୍ତର ପତ୍ର ଭୁଲ ପାଇଁ ଛାତ୍ରଛାତ୍ରୀମାନେ ଏବେ ମାନସିକ ଭାବରେ ଘୋର ଆଘାତ ପାଇଛନ୍ତି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବି କରୁଛି ଯେଉଁମାନେ ପରୀକ୍ଷା ପରିଚାଳନା ଦାଇତ୍ୱରେ ଥିଲେ ନିଜର ଦାଇତ୍ୱ ହୀନତା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀଙ୍କ ଜୀବନ ସହିତ ଖେଳୁଥିବା ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଦାବିକରିଛି ଏବିଭିପି ।
ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ,ଓଡିଶାର ରାଜ୍ୟସମ୍ପାଦକ ସୌଭାଗ୍ୟ ମହାନ୍ତି କହିଛନ୍ତି ମୂଲ୍ୟାଙ୍କନରେ ହୋଇଥିବା ତ୍ରୁଟିକୁ ତୁରନ୍ତ ସଂଶୋଧନ କରି ସିବିଏସି ପୁଣି ପରୀକ୍ଷା ଫଳ ପ୍ରକାଶ କରୁ ନଚେତ୍ ଗ୍ରେସ୍ ମାର୍କ ଦେଇ ସବୁ ପିଲାଙ୍କର ପରୀକ୍ଷା ଫଳ ଆଉ ଥରେ ପ୍ରକାଶ କରିବା ପାଇଁ ଶ୍ରୀ ମହାନ୍ତି କହିଛନ୍ତି।

# ଅବକାରୀ କାର୍ଯ୍ୟାନୁଷ୍ଠାନର ସମୀକ୍ଷା କଲେ କମିଶନର ଆଶିଷ ସିଂହ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ପୌର ର୍ନିବାଚନ ସମୟରେ ବେଆଇନ ନିଶା କାରବାର ବିରୁଦ୍ଧରେ ଚାଲିଥିବା ଅଭିଯାନର ସମୀକ୍ଷା ଆଜି ଅବକାରୀ କମିଶନର ଆଶିଷ କୁମାର ସିଂହ କରିଛନ୍ତି। ଶ୍ରୀ ସିଂହଙ୍କ ଅଧକ୍ଷତାରେ ଭର୍ଚୁଆଲ ମୋଡରେ ବସିଥିବା ସମୀକ୍ଷା ବୈଠକରେ ଅବାକରୀ ବିଭାଗର ଉପ କମିଶନର, ସୁପରିଟେଣ୍ଡେଣ୍ଟ, ଏନ×ଫୋର୍ସମେଣ୍ଟ ସେଲର ଅଧିକାରୀମାନେ ଯୋଗ ଦେଇଥିଲେ । ସମଗ୍ର ରାଜ୍ୟରେ ଚାଲିଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଅବକାରୀ କମିଶନରଙ୍କୁ ଅବଗତ କରାଯାଇଥିଲା । ସମୀକ୍ଷାରୁ ଜଣାପଡିଛି ଯେ ଚଳିତମାସର ଗତ ୧୩ଦିନ ମଧ୍ୟରେ ଅବକାରୀ ବିଭାଗର ପକ୍ଷରୁ ୧୧୯୮ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୧୪୩୦ଟି ମାମଲା ରୁଜୁ ହୋଇଛି। ଏଥି ସହିତ ଏହି ୧୩ଦିନ ମଧ୍ୟରେ ୪୨,୮୫୩ଲିଟର କାରଖାନା ତିଆରି ଦେଶୀ ମଦ, ୩,୧୫,୬୬୫ କିଲୋ ଦେଶୀମଦ ପ୍ରସ୍ତୁତ ସାମଗ୍ରୀ, ୧୨୦ ଲିଟର ସ୍ପିରିଟ, ୯୨୭୮ଲିଟର ଟିକସଫାଙ୍କି ବିଦେଶୀ ମଦ, ୧୯୫ ଲିଟର ନକଲି ବିଦେଶୀ ମଦ, ୧୫୦୩ କିଲୋ ଗଞ୍ଜେଇ, ୩୧୨ ଗ୍ରାମ ବ୍ରାଉନସୁଗାର, ୬୬୧ ଲିଟର ବିୟର, ୩୭୭ ଲିଟର ବିଦେଶୀ ମଦ, ୧୩୬ ଲିଟର ଜିଞ୍ଜର ସହିତ ୭୨ଟି ଗାଡିମୋଟର ଜବତ ହୋଇଛି । ଜବତ ହୋଇଥିବା ସମସ୍ତ ସାମଗ୍ରୀର ମୂଲ୍ୟ ୫.୬ କୋଟି ଟଙ୍କା ଆକଳନ କରାଯାଇଛି । ସମୀକ୍ଷା ବୈଠକରେ କମିଶନର ସିଂହ କ୍ଷେତ୍ର ସ୍ତରର ଅଧିକାରୀମାନଙ୍କୁ ନିର୍ବାଚନ ସମୟରେ ୨୪ଘଣ୍ଟା ପାଟ୍ରୋଲିଂ ସହିତ ଚଢଉ ଜାରି ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏନଫୋର୍ସମେଣ୍ଟ ଶାଖା ନିମୟିତ ଭାବେ ସନ୍ଦିଗ୍ଧ ଅଞ୍ଚଳ ଉପରେ ଚଢଉ କରିବା ସହିତ ବେଆଇନ ମଦ ପ୍ରସ୍ତୁତି, ବିକ୍ରି ଏବଂ ଟିକସ ଫାଙ୍କି ମଦ କାରବାର ଉପରେ ଚଢଉକୁ ବ୍ୟାପକ କରିବାକୁ କୁହାଯାଇଛି । ତେବେ ଆଜି କଟକ ଅବାକରୀ ଫ୍ଲାଇଙ୍ଗସ୍କ୍ୱାଡ ଢେଙ୍କାନାଳର ଭୂବନ ଅଂଚଳରେ ଚଢଉ କରି ମଦ ପ୍ରସ୍ତୁତି ପାଇଁ କୋଲକତାରୁ ୬ଟି ଡ୍ରମରେ ଆସିଥିବା ୩୬୦ଲିଟର ସ୍ପିରିଟ, ୬୦ଲିଟର ନକଲି ହ୍ୟୁସ୍କି, ୨୮୫୦ ନକଲି ହୋଲୋଗ୍ରାମ, ବିଭିନ୍ନ କମ୍ପାନୀର ୨୬୦ଟି ଲେବୁଲ, ୨୪୦୦ ଠିପି ସହିତ ଗୋଟିଏ ଟ୍ରକ ଜବତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗର ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ଅଧିକ ସର୍ତକତା ଅବଲମ୍ବନ ପାଇଁ କମିଶନର ଶ୍ରୀ ସିଂହ ବୈଠକରେ ପରାମର୍ଶ ଦେଇଛନ୍ତି । କୌଣସି ସ୍ଥିତିରେ ଯେଭଳି ନିର୍ବାଚନ ସମୟରେ ବେଆଇନ ନିଶା କାରବାର ଜନିତ ଅଘଟଣ ନଘଟେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି ।

# ମହିଳାଙ୍କୁ ମିଳିଛି ୭୦% ଜିଲ୍ଲା ପରିଷଦ ସଭାପତି ଆସନ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ୨୦୨୨ ଜିଲ୍ଲା ପରିଷଦ ନିର୍ବାଚନରେ ବିଜୁ ଜନତା ଦଳକୁ ଆଶୀର୍ବାଦ ଦେଇଥିବାରୁ ଓଡିଶାବାସୀଙ୍କୁ ଧନ୍ୟବାଦ । ଏହି ବିଜୟ ଐତିହାସିକ ଅଟେ କାରଣ ପ୍ରଥମ ଥର ପାଇଁ ଓଡିଶାରେ କୌଣସି ଦଳ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜିଲ୍ଲାପରିଷଦ ଗଠନ କରିଛି । ବିଜୁ ଜନତା ଦଳ ପାଇଁ ଏହି ବୃହତ୍ ବିଜୟ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱକୁ ପ୍ରତିପାଦିତ କରିଛି ଏବଂ ବିକାଶର କୌଣସି ବିକଳ୍ପ ନାହିଁ ବୋଲି ପ୍ରମାଣ କରି ଦେଖାଇଛି । ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ତିନି ମୁଖପାତ୍ର ସୁଲତା ଦେଓ, ଲୋରା ମହାପାତ୍ର ଓ ସୋଫିଆ ଆଲାମ ଏହା କହିଛନ୍ତି ।
ମହିଳା ନେତୃତ୍ୱ ଏବଂ ମହିଳାଙ୍କ ସଶକ୍ତିକରଣ ଉପରେ ତାଙ୍କର ବିଶ୍ୱାସକୁ ଅତୁଟ ରଖି ନବୀନ ପଟ୍ଟନାୟକ ୨୧ଜଣ ମହିଳାଙ୍କୁ ଜିଲାପରିଷଦର ସଭାପତି ଭାବରେ ବାଛିଛନ୍ତି, ଯାହାକି ମୋଟ ଆସନଗୁଡିକର ୭୦% ଅଟେ, ଯଦିଓ ବ୍ୟବସ୍ଥା ଅନୁଯାୟୀ ଏହି ସୀମା ମାତ୍ର ୫୦ ପ୍ରତିଶତ । ଇତିହାସରେ ଏହା ପ୍ରଥମ ଥର ଯେ ଏତେ ସଂଖ୍ୟକ ମହିଳା ଓଡିଶାର ଜିଲ୍ଲାରେ ନେତୃତ୍ୱ ନେବାକୁ ଯାଉଛନ୍ତି ଯାହାକି ବୋଧହୁଏ ଦେଶର ଅନ୍ୟ କୌଣସି ସ୍ଥାନରେ ହୋଇ ନାହିଁ ବୋଲି ବିଜେଡି ପ୍ରବକ୍ତାମାନେ କହିଛନ୍ତି ।ବୃହତ ଜିଲ୍ଲା ଯଥା ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ସୁନ୍ଦରଗଡ, ବଲାଙ୍ଗୀର, ସମ୍ବଲପୁର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲା (ନବରଙ୍ଗପୁର ବ୍ୟତୀତ) ମହିଳା ଜିଲ୍ଲାପରିଷଦ ସଭାପତିଙ୍କ ହାତକୁ ଯାଇଛି । ୭୦% ଜିଲ୍ଲା ପରିଷଦ ସଭାପତି ହେଉଛନ୍ତି ମହିଳା ଏବଂ ସେମାନଙ୍କର ହାରାହାରି ବୟସ ୪୧ ବର୍ଷ ।
୧୮ଟି ଅଣସଂରକ୍ଷିତ ଆସନ ମଧ୍ୟରୁ (ମହିଳାଙ୍କୁ ଅନ୍ତର୍ଭୁକ୍ତ କରି) ୧୨ ଜଣ ଓବିସି ପ୍ରାର୍ଥୀ (୬୭%) କୁ ଜିଲ୍ଲା ପରିଷଦ ସଭାପତି କରାଯାଇଛି । ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିବଦ୍ଧତା ଅନୁଯାୟୀ ଏହା ହୋଇଛି । ତାଙ୍କ ନିଜ ଜିଲ୍ଲା ଗଞ୍ଜାମରେ ମୁଖ୍ୟମନ୍ତ୍ରୀ ଜଣେ ଓବିସି ମହିଳା ପ୍ରାର୍ଥୀ ଅଞ୍ଜଳି ସ୍ୱାଇଁଙ୍କୁ ଜିଲ୍ଲାପରିଷଦର ସଭାପତି ଭାବରେ ଚୟନ କରିଛନ୍ତି । ଏହା ହେଉଛି ପ୍ରକୃତ ମହିଳା ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ । ମହିଳା ସଶକ୍ତିକରଣର ଅନ୍ୟ ଏକ ଉଦାହରଣ ହେଉଛି ସରସ୍ୱତୀ ମାଝି । କାଶୀପୁର ଅଞ୍ଚଳର । ମାତ୍ର ୨୩ ବର୍ଷ ବୟସ୍କ ଆଦିବାସୀ ନେତ୍ରୀ ସର୍ବକନିଷ୍ଠ ଜିଲ୍ଲା ପରିଷଦ ସଭାପତି ଭାବରେ ମନୋନୀତ ହୋଇଛନ୍ତି । ବିଜ୍ଞାନରେ ସ୍ନାତକ ଏହି ନେତ୍ରୀ ଏବେ ରାୟଗଡା ଜିଲ୍ଲାର ବିକାଶମୂଳକ କାର୍ଯ୍ୟକଳାପର ନେତୃତ୍ୱ ନେବେ ।
ମୁଖ୍ୟମନ୍ତ୍ରୀ ମାଲକାନଗିରିର ଜିଲ୍ଲାପରିଷଦର ସଭାପତି ଭାବରେ ସମାରୀ ଟାଙ୍ଗୁଲଙ୍କୁ ଚୟନ କରିଛନ୍ତି । ସେ ୨୬ ବର୍ଷ ବୟସର ଏବଂ +୨ କଳା ପର୍ଯ୍ୟନ୍ତ ଅଧ୍ୟୟନ କରିଛନ୍ତି । ସେହିପରି ସୁନ୍ଦରଗଡର କୁନ୍ତୀ ପ୍ରଧାନ , ସମ୍ବଲପୁର ପାଇଁ ନୂତନ ଭାବେ ନିର୍ବାଚିତ ଜିଲ୍ଲା ପରିଷଦ ସଭାପତି କୁମୁଦିନି ନାୟକ ମହିଳା ସଶକ୍ତିକରଣର ଉଦାହରଣ।
ଜିଲ୍ଲା ପରିଷଦ ସଭାପତି ଭାବେ ମୁଖ୍ୟମନ୍ତ୍ରୀ ମଧ୍ୟ ତିରିଶଟି ଜିଲ୍ଲା ପାଇଁ ଯୁବ ତଥା ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିଛନ୍ତି । ତିରିଶଟି ଜିଲ୍ଲା ମଧ୍ୟରୁ ପନ୍ଦର ଜଣ ନୂତନ ଜିଲ୍ଲା ପରିଷଦ ସଭାପତି ପାଇଛନ୍ତି ଯେଉଁମାନେ କି ୪୦ ବର୍ଷରୁ କମ୍ ବୟସର ଅଟନ୍ତି । ସେହିଭଳି, ୩୦ ଟି ଜିଲ୍ଲା ମଧ୍ୟରୁ ୨୩ ଟି (୭୬%) ରେ ୫୦ ବର୍ଷରୁ କମ୍ ବୟସର ଜିଲ୍ଲା ପରିଷଦ ସଭାପତି ଅଛନ୍ତି । ଏହା ସ୍ପଷ୍ଟ ଭାବରେ ଯୁବ ସଶକ୍ତିକରଣ । ଏହା ଦର୍ଶାଉଛି ଯେ ବିଜେଡିରେ ଯୁବ ନେତୃତ୍ୱର କୌଣସି ଅଭାବ ନାହିଁ ଏବଂ ଦଳ ଆଗାମୀ ପୀଢିର ନେତାମାନଙ୍କୁ ଜିଲ୍ଲା ଓ କ୍ଷେତ୍ର ସ୍ତରପାଇଁ ପ୍ରସ୍ତୁତ କରୁଛି । ଏହି ନିର୍ବାଚନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ମନୋନୀତ ପ୍ରାର୍ଥୀଙ୍କ ଉଚ୍ଚଶିକ୍ଷା ଯୋଗ୍ୟତା । ୧୮ଟି ଜିଲ୍ଲା ପରିଷଦ ସଭାପତିଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ରହିଛି । ତିରିଶ ଜଣ ଜିଲ୍ଲା ପରିଷଦ ସଭାପତିଙ୍କ ମଧ୍ୟରୁ ଛବିଶ ଜଣ ଅତି କମରେ +୨ ସ୍ତରୀୟ ଶିକ୍ଷା ସମାପ୍ତ କରିଛନ୍ତି । ଜିଲ୍ଲାମାନଙ୍କରେ ଭଲ ଲୋକସମ୍ପର୍କ, ନେତୃତ୍ୱ ତଥା ଉତ୍ତମ ଶାସନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷିତ ପ୍ରାର୍ଥୀଙ୍କୁ ବାଛିଛନ୍ତି । ଆମେ ଓଡିଶାର ଲୋକଙ୍କୁ ଧନ୍ୟବାଦ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛୁ । ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ପ୍ରତିବଦ୍ଧତା ସହିତ ବିଜେଡି ଅଧିକରୁ ଅଧିକ ପରିଶ୍ରମ କରିବ ଏବଂ ଅନୁରୂପ ଭାବେ ଓଡିଶାବାସୀଙ୍କର ଆଶୀର୍ବାଦ ଲାଭ କରି ଚାଲିଥିବ ବୋଲି ବିଜେଡିର ତିନି ପ୍ରବକ୍ତା କହିଛନ୍ତି ।

# ଗତ ୨୪ ଘଣ୍ଟା ମଧ୍ୟରେ ୭୮ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୫/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୭୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲାରୁ ସର୍ବାଧିକ ୧୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୬୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୧ ଜଣ, ଦେବଗଡ଼ ଜିଲ୍ଲାରୁ ୧ ଜଣ, ଗଜପତିରୁ ୮ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୪ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ଜଣ, ଖୋର୍ଦ୍ଧାରୁ ୧୦ ଜଣ, କୋରାପୁଟରୁ ୭ ଜଣ, ମୟୂରଭଞ୍ଜରୁ ୨ ଜଣ, ନବରଙ୍ଗପୁରରୁ ୧ ଜଣ, ନୂଆପଡ଼ା ଜିଲ୍ଲାରୁ ୧ ଜଣ, ପୁରୀରୁ ୧ ଜଣ, ସମ୍ବଲପୁରରୁ ୯ ଜଣ, ସୁନ୍ଦରଗଡ଼ରୁ ୮ ଜଣ , ସୋନପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟ ପୁଲରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଜଳେଶ୍ୱର ମ୍ୟୁନିସିପାଲଟି ନିର୍ବାଚନର ପ୍ରାର୍ଥୀମାନଙ୍କୁ ପ୍ରଶାସନ ପକ୍ଷରୁ ସଚେତନତା

ଜଳେଶ୍ୱର, ୧୫/୩ (ନି.ପ୍ର) : ଆଜି ଜଳେଶ୍ୱର ପୌରପାଳିକା ପରିସରରେ ନିର୍ବାଚନ ଅବ୍‌ଜରଭର ଜ୍ୟୋତି କୁମାର ଲାଖରା, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଏପିଡି ଉପସ୍ଥିତ ରହି ପ୍ରାର୍ଥୀମାନଙ୍କୁ ନିର୍ବାଚନ ସମ୍ପର୍କୀୟ ସଚେତନତା କରିଥିଲେ । ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୪ଜଣ ପୌରାଧ୍ୟକ୍ଷ ପଦବିଲାଗି ଏବଂ ୫୫ଜଣ ୱାର୍ଡ କାଉନ୍‌ସିଲର ପଦବି ଲାଗି ଲଢୁଥିବା ପ୍ରାର୍ଥିମାନଙ୍କୁ ନିର୍ବାଚନ ସଂକ୍ରାନ୍ତିୟ ବହୁ ଟିପ୍‌ସ୍ ଓ ଆଇନ୍ ସମ୍ପର୍କରେ ସଚେତନ କରାଇଥିଲେ । ବିଶେଷ କରି ପ୍ରାର୍ଥିମାନଙ୍କର ଖର୍ଚ୍ଚ, ମାଇକ୍ ପ୍ରଚାର, ବେନର, ଶୋଭାଯାତ୍ରା, ସଭା ସମିତି ଇତ୍ୟାଦି ସମ୍ପର୍କରେ କଣ ହେବା ଉଚିତ୍ ଓ ଅନୁଚିତ ସଂପର୍କରେ କହିଥିଲେ । ସକାଳ ୬ଟାରୁ ଅପରାହ୍ନ ଯାଏ ନିର୍ବାଚନ ପ୍ରକ୍ରିୟା ଚାଲୁଥିବାରୁ ଜଣେ ଲେଖାଏଁ ପୁଲିଂ ଅଫିସର ଯଥେଷ୍ଟ ନୁହନ୍ତି ବୋଲି ପ୍ରାର୍ଥୀମାନେ ଅଭିଯୋଗ କରିଥିଲେ । ଇଭିଏମ୍ ମେସିନ୍‌ରେ ଭୋଟ ଦେବାର ବ୍ୟବସ୍ଥା ଥିବା ବେଳେ ଭି-ପାର୍ଟ ମେସିନ୍ ନ ଥିବାରୁ ପ୍ରାର୍ଥିମାନେ ଅଭିଯୋଗ କରିଥିଲେ ।

## ମହିଳା ବିଜେଡିର ଅଭିନବ ପ୍ରଚାର ଓ ଶୋଭାଯାତ୍ରା

ଜଳେଶ୍ୱର, ୧୫/୩ (ନି.ପ୍ର) : ଜଳେଶ୍ୱର ପୌର ପାଳିକାର ନିର୍ବାଚନ ଯେତିକି ପାଖେଇ ଆସୁଛି, ଅଭିନବ ଉପାୟରେ ପ୍ରଚାର ଓ ଶୋଭାଯାତ୍ରା ସେତିକି ସରଗରମ ହେଉଛି । ପ୍ରାର୍ଥି ଓ ପ୍ରାର୍ଥିନୀମାନେ ଘରକୁ ଘର ବୁଲି ସମ୍ପର୍କ ଯୋଡି ଭୋଟ ଭିକ୍ଷା କରୁଛନ୍ତି । ଭୋଟର ମାନଙ୍କୁ ମନମତାଣିଆ ପ୍ରତିଶୃତି ଓ ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ସଚେତନ କରୁଛନ୍ତି । ବିଜେଡି ଅଧକ୍ଷ୍ୟ ପ୍ରାର୍ଥି ପ୍ରତୀପ କୁମାର ପ୍ରଧାନ ଏବଂ ୧୨ନଂ ୱାର୍ଡ(ନୂଆବଜାର)ର ଭରତ ଦତ୍ତଙ୍କୁ ନିର୍ବାଚିତ କରିବାଲାଗି ନିହାରିକା ପ୍ରଧାନ, ଜ୍ୟୋସ୍ନିତା ଜେନା, ସୁମିତା ଭୂୟାଁଙ୍କ ନେତୃତ୍ୱରେ ବହୁ ବିଜେଡି ମହିଳା ପ୍ରଚାର ମୌଦାନକୁ ଓହ୍ଲାଇଥିବା ଦେଖିବାକୁ ମିଳିଛି । ସେମାନଙ୍କୁ ସନ୍ଦିପ ପ୍ରଧାନ, ଚନ୍ଦନ ସେଠୀ, ଲକ୍ଷ୍ମୀନାରାୟଣ ଜେନା ପ୍ରମୁଖ ସହାୟତା କରିଛନ୍ତି ।

## ଆଗକୁ ଏନ.ଏ.ସି. ନିର୍ବାଚନ : ୱାର୍ଡ ସଭାପତି ପଦରୁ ଇସ୍ତଫା ଦେଲେ ବିଜେଡି ନେତା ଚିନ୍ମୟ ସାହୁ

ନୀଳଗିରି, ୧୫/୦୩ (ନି.ପ୍ର): ଆସନ୍ତା ୨୪ତାରିଖଷର ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ନୀଳଗିରି ଏନ.ଏ.ସି.ର ୮ନଂ. ୱାର୍ଡରେ ବିଜେଡି ସଭାପତି ଚିନ୍ମୟ ସାହୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।ନିଜର ପାରିବାରିକ ସମସ୍ୟାକୁ ନେଇ ଇସ୍ତଫା ଦେଇଥିବା ସେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି । ଏ ନେଇ ଚିନ୍ମୟ ସାହୁ ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର କୁମାର ଜେନା, ଏନ.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା, ନୀଳଗିରିର ବିଜୁ ଜନତା ଦଳର ନେତା ସନ୍ତୋଷ ଖଟୁଆଙ୍କୁ ନିଜର ଇସ୍ତଫା ପତ୍ର ପଠାଇଥିବାର ସୂଚନା ଦେଇଛନ୍ତି । ୨୪ରେ ହେବାକୁ ଯାଉଥିବା ପୌର ନିର୍ବାଚନରେ ଏହାର ପ୍ରଭାବ କେତେଦୂର ପକାଇବ ନିର୍ବାଚନ ଫଳାଫଳ ହିଁ କହିବ ।

# ସର୍ବ ଭାରତୀୟ ବିଏସଏନଏଲ ଅଧିକାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ ଚେନ୍ନାଇଠାରେ ଅନୁଷ୍ଠିତ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ତିନିଦିନ ବ୍ୟାପୀ ସର୍ବ ଭାରତୀୟ ବିଏସଏନଏଲ ଅଧିକାରୀ ସଂଘର ସପ୍ତମ ବାର୍ଷିକ ସମ୍ମିଳନୀ ଚେନ୍ନାଇ ସ୍ଥିତ ରାଜୀବଗାନ୍ଧୀ ସ୍ମାରକୀ ଦୂରସଂଚାର ପ୍ରଶିକ୍ଷଣ କେନ୍ଦ୍ରଠାରେ ସଂଗଠନର ପୂର୍ବତନ ସଭାପତି ଶ୍ରୀ ସୁଭାଷିଶ ମିତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବିଏସଏନଏଲର ପୁନରୁଦ୍ଧାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପଭୋକ୍ତାମାନଙ୍କୁ ତୁରନ୍ତ ୪ଜି ସେବା ପ୍ରଦାନ ବ୍ୟବସ୍ଥା, କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ମାନଙ୍କର ବକେୟା ଓ ନାଯ୍ୟ ପ୍ରାପ୍ୟ ପାଇବା ଦିଗରେ ତ୍ୱରାନ୍ୱିତ କାର୍ଯ୍ୟାନୁଷ୍ଠାନ, ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ପେନସନ ତଥା ବିଏସଏନଏଲ କର୍ମଚାରୀଙ୍କୁ ତା. ଜାନୁଆରୀ ୧,୨୦୦୭ ରୁ ୩ୟ ବେତନ ସଂଶୋଧନ ସଂପର୍କିତ ପ୍ରସ୍ତାବ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଉକ୍ତ ସମ୍ମିଳନୀରେ ପରବର୍ତ୍ତି ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ



ହୋଇଥିଲେ । ସର୍ବଭାରତୀୟ ସଭାପତି ଭାବେହରିୟାଣାରଶ୍ରୀ ରାଜପାଲ ଶର୍ମା, ସାଧାରଣ ସଂପାଦକ ଶ୍ରୀ ଭି. ସାଜି (କେରଳ), ସହକାରୀ ସାଧାରଣ ସଂପାଦକ ଶ୍ରୀ ଅମୀୟ କୁମାର ଖିଲାର(ଓଡିଶା), ବିତ୍ତ ସଂପାଦକ ଭାବେ ଶ୍ରୀ ଦିନେଶ କୁମାର (ହରିୟାଣା) ଆଦି ଅନ୍ୟାନ୍ୟ ନିର୍ବାଚିତ କର୍ମକର୍ତ୍ତାଗଣ ଆସନ୍ତା ୩ ବର୍ଷ ଅବଧି ପାଇଁ ବିଏସଏନଏଲର ଉନ୍ନତି ପାଇଁ କାର୍ଯ୍ୟ କରିବେ । ଅନୁଷ୍ଠାନର ପୂର୍ବତନ ସଂପାଦକ ଶ୍ରୀ ଶିବକୁମାରଙ୍କ ଧନ୍ୟବାଦ ପ୍ରସ୍ତାବ ସହ ସମ୍ମିଳନୀ ଶେଷ ହୋଇଥିଲା ।

## ରାହୁଲଖୁଂଟାରେ ରାଜନୈତିକ ହିଂସା, ଜଣେ ଗୁରୁତର

ନୀଳଗିରି, ୧୫/୩ (ନି.ପ୍ର) : ନୀଳଗିରି ଥାନା ଅଧିନସ୍ଥ ଶ୍ୟାମସୁନ୍ଦର ପଂଚାୟତର ରାହୁଲଖୁଂଟା ଗ୍ରାମରେ ରାଜନୈତିକ ଆକ୍ରୋଶରେ ଶିକାର ହୋଇ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ରାହୁଲଖୁଂଟା ଗ୍ରାମରେ ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଯାତ୍ରା ପରିବେଷଣ ହେଉଥିଲା । ଉକ୍ତ ଗାଁର ସନ୍ତୋଷ କୁମାର ବିଶ୍ୱାଳ ନିଜ ପରିବାର ସହ ଯାତ୍ରା ଦେଖୁଥିଲେ । ଏହି ସମୟରେ ଉକ୍ତ ଗ୍ରାମର ଚିରଂଜନ ମହାନ୍ତି, ଅନୀଲ ମହାନ୍ତି, ସୁଜୟ ମହାନ୍ତି, ସୃଷ୍ଟିଧର ମହାନ୍ତି, ଅନିରୁଦ୍ଧ ମହାନ୍ତି, ସନ୍ତୋଷ ମହାନ୍ତି, ସଂଜୟ ଦାସ ପ୍ରମୁଖ ପହଂଚି କ'ଣ ପାଇଁ ତୁ ସି.ପି.ଆଇ. କୁ ଭୋଟ ଦେଲୁ ନାହିଁ କହି ତୁ ଏଠାରେ ଯାତ୍ରା ଦେଖିପାରିବୁ ନାହିଁ ପଛକୁ ଯାଅ କହି ଗାଳିଗୁଲୋଜ କରିଥିଲେ । ସନ୍ତୋଷ ପ୍ରତିବାଦ କରିବାରୁ ତାଙ୍କୁ ସମସ୍ତେ ମିଶି ଆକ୍ରମଣ କରିଥିଲେ । ଏପରିକି ତାଙ୍କ ସ୍ତ୍ରୀ ବାସନ୍ତୀ ଓ ଝିଅ ସ୍ୱାତିପ୍ରଭା ଛାଡ଼ିବାକୁ ଯାଇଥିବା ବେଳେ ସେମାନଙ୍କୁ ମଧ ମାଡ଼ ମାରିଥିଲେ । ସନ୍ତୋଷକୁ ଗୁରୁତର ଭାବେ ପ୍ରଥମେ ନୀଳଗିରି ମେଡିକାଲ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏ ନେଇ ସନ୍ତୋଷର ଝିଅ ସ୍ୱାତିପ୍ରଭା ନୀଳଗିରି ଥାନାରେ ଅଭିଯୋଗ କରିଛି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

## ପ୍ରାଧାପକଙ୍କ ଦେହାନ୍ତ : ଅଂଚଳରେ ଶୋକର ଛାୟା

ନୀଳଗିରି, ୧୫/୩ (ନି.ପ୍ର) : ନୀଳଗିରି ଅଂଚଳରେ ବେଶ ଜଣାଶୁଣା ଅବସରପ୍ରାପ୍ତ ପ୍ରାଧାପକ ଡ. ଅନଙ୍ଗ କୁମାର ମହାପାତ୍ରଙ୍କର ୭୦ବର୍ଷ ବୟସରେ କଟକର ଏକ ଘରୋଇ ହାସପାତାଳରେ ମୃତ୍ୟୁ ଘଟିଅଛି । ଶ୍ରୀଯୁକ୍ତ ମହାପାତ୍ର ନିଜର ଚାକିରି ଜୀବନ ରେଭେନ୍‌ସା କଲେଜର ପ୍ରଫେସର ଭାବେ ଆରମ୍ଭ କରିଥିବା ବେଳେ ଚାକିରୀମୟ ଜୀବନ କାଳ ମଧରେ ବିଜେବି କଲେଜରେ ପ୍ରଫେସର କୋରାପୁଟ ଜୟପୁରସ୍ଥିତ ବିକ୍ରମାଦିତ୍ୟ ସ୍ୱୟଂଶାସିତ କଲେଜର ପ୍ରଫେସର ଭାବେ ବେଶ ଜଣାଶୁଣା ଥିବା ବେଳେ ନିଜର ଚାକିରୀର ଶେଷ ସମୟ ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ କଲେଜର ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ । ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡର ଅଯୋଧା ଗ୍ରାମରେ ଶ୍ରୀଯୁକ୍ତ ମହାପାତ୍ର ଜନ୍ମଗ୍ରହଣ କରିଥିଲେ । ମଧୁମେହ ଓ ନିମୋନିଆ ରୋଗରେ ଆକ୍ରାନ୍ତ ଥିବା ବେଳେ ପରିବାର ଲୋକେ ଗତ ଗୁରୁବାର ଦିନ କଟକର ଏକ ଘରୋଇ ହାସପାତାଳରେ ଚିକିତ୍ସିତ କରାଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟୁ ଖବର ଶୁଣି ଅଯୋଧା ଗ୍ରାମର ଶୋକର ଛାୟା ଖେଳିଯାଇଛି । ମୃତ ଶରୀର ନିକଟର ପରିବାରବର୍ଗ, ବନ୍ଧୁବର୍ଗ, ପରିଜନମାନେ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ଶୁଣି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ବିଜେଡି ନେତା ସନ୍ତୋଷ ଖଟୁଆ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା କାମନା କରିଛନ୍ତି ।

## ବାମପନ୍ଥୀ ଉଗ୍ରବାଦ ଘଟଣାରେ ହ୍ରାସ ଘଟିଛି : ଗୃହ ମନ୍ତ୍ରାଳୟ

ନୂଆଦିଲ୍ଲୀ, ୧୫/୦୩ : ମଙ୍ଗଳବାର ଦିନ କେନ୍ଦ୍ର ସରକାର କହିଛନ୍ତି ଯେ, ବାମପନ୍ଥୀ ଉଗ୍ରବାଦ (ଏଲଡବ୍ଲୁଇ) ସମ୍ବନ୍ଧୀୟ ହିଂସା ଘଟଣାରେ ୭୭ ପ୍ରତିଶତ ହ୍ରାସ ଘଟିଛି । ୨୦୦୯ ମସିହାରେ ସର୍ବାଧିକ ଘଟଣା ୨୨୫୮ ଥିଲା ଏବଂ ଏହା ୨୦୨୧ ମସିହାରେ ୫୦୯କୁ ଖସି ଆସିଛି । ଲୋକସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତରରେ ଏହି ସୂଚନା ଦେଇ କେନ୍ଦ୍ର ଗୃହମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ଯେ, ସାଧାରଣ ନାଗରିକ ତଥା ସୁରକ୍ଷା ବାହିନୀର ମୃତ୍ୟୁରେ ୮୫ ପ୍ରତିଶତ ହ୍ରାସ ଘଟିଛି । ୨୦୧୦ ମସିହାରେ ସର୍ବାଧିକ ୧୦୦୫ ମୃତ୍ୟୁ ସଂଖ୍ୟା ଥିଲା ଏବଂ ୨୦୨୧ ମସିହାରେ ସେମାନଙ୍କର ସଂଖ୍ୟା ୪୭କୁ ହ୍ରାସ ପାଇଥିଲା । ରାୟ ଆହୁରି କହିଛନ୍ତି ଯେ, ଏଲଡ଼ବ୍ଲୁଇ ପ୍ରଭାବିତ ବିବେଚିତ ହୋଇଥିବା ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ (ଏସଆରଇ) ଜିଲ୍ଲା ଗୁଡ଼ିକ ଗତ ଚାରି ବର୍ଷ ମଧ୍ୟରେ ଦୁଇଥର ସମୀକ୍ଷା କରାଯାଇଛି । ସେମାନଙ୍କ ସଂଖ୍ୟା ୨୦୧୮ ମସିହାରେ ୧୨୬ ରୁ ୯୦ ଏବଂ ଜୁଲାଇ ୨୦୨୧ରେ ୭୦କୁ ହ୍ରାସ ପାଇଛି । ଏଲଡବ୍ଲୁଇ ହିଂସା ଘଟଣା ସହିତ ଜିଲ୍ଲା ସଂଖ୍ୟା ମଧ୍ୟ ୨୦୧୦ରେ ୯୬ରୁ ୨୦୨୧ ରେ ୪୬କୁ ହ୍ରାସ ପାଇଛି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ କାହାରି ମୃତ୍ୟୁ ହୋଇ ନାହିଁ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟାରେ କରୋନା ରେ ଜଣଙ୍କର ହେଲେ ମୃତ୍ୟୁ ଘଟି ନାହିଁ । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୧୫ରେ ସ୍ଥିର ରହିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।

## ଉତ୍କଳକୁ ହରାଇ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଚମ୍ପିୟାନ

ବାରିପଦା, ୧୫/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ରେଭେନ୍ସା ଉତ୍କଳ ବିଶ୍ୱବିଦ୍ୟାଳୟକୁ ୪ ଉଇକେଟରେ ପରାସ୍ତ କରି




ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଉତ୍କଳ ବିଶ୍ୱବିଦ୍ୟାଳୟ ୨୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ କରିଥିଲେ । ଦଳ ପକ୍ଷରୁ ସମ୍ବିତ ସାହୁ ସର୍ବାଧିକ ୪୬ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସ୍ପନ୍ଦନ ସାବତ ୩ ଓ ଅଂଶୁମାନ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ୧୮.୪ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରି ବିଜୟ ଲକ୍ଷ୍ୟ ହାସଲ କରିବା ସହ ପ୍ରଥମ ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା -୨୦୨୨ ର କ୍ରିକେଟ ବିଭାଗରେ ଚମ୍ପିୟାନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଦଳ ପକ୍ଷରୁ ସୁରଜ କୁମାର ବେହେରା ୫୭ ଓ ସିଦ୍ଧାର୍ଥ ନାୟକ ୩୦ରନ କରିଥିବାବେଳେ ବିପକ୍ଷ ଦଳର ସୁମନ ଦାସ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଦେବବ୍ରତ ଦାସ ଓ ଦିଲ୍ଲିପ ଦାସ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ସୋମନାଥ ସିଂହ, ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରା ବିବରଣୀ ଦେଇଥିଲେ ଓ ଆଜିର ଖେଳ ପୂର୍ବରୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ଼ କିଶୋର କୁମାର ବସା, କୁଳସଚିବ ସହଦେବ ସମାଧିଆ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ବିତ ନିୟନ୍ତ୍ରକ ଶୁକଦେବ ତରାଇ, କ୍ରୀଡା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, ବରିଷ୍ଠ ଷ୍ଟେନୋ ପ୍ରଦୀପ ବରାଳ, କ୍ରୀଡା ଶିକ୍ଷକ ଯୋଗେଶ ମହାକୁଡ଼, ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି ତଥା ଉମେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ବଳାଙ୍ଗୀ ଜାଗରଣ ଯାତ୍ରା ଉଦ୍‌ଯାପିତ

## ୩ଦିନରେ ସମଗ୍ର ଜିଲ୍ଲା ପରିକ୍ରମା କଲା ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତି ରଥ

ବାରିପଦା, ୧୫/୦୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ଅବଲୁପ୍ତ ପ୍ରାୟ ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟର ସୁରକ୍ଷା ତଥା ବିକାଶ ପାଇଁ ଭଂଜମାଟିର ଗାରିମାମୟ ଐତିହ୍ୟ ବିଷୟରେ ଉତରପିଢିଙ୍କୁ ସଚେତନ କରି ଜିଲ୍ଲାର ୪ଟି ଯାକ ସବଡିଭିଜନର ଅଧିବାସୀଙ୍କ ମଧ୍ୟରେ ଭାଇଚାରାର ପଂପରାକୁ ସୁଦୃଢ କରିବା ନିମନ୍ତେ ଗତ ମାର୍ଚ୍ଚ ୧୧ ତାରିଖରେ ୨ୟ ଶ୍ରୀକ୍ଷେତ୍ର ବାରିପଦାରୁ ବାହାରିଥିବା ୬ଷ୍ଠ ବାର୍ଷିକ ବଳାଙ୍ଗୀ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଏକ ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ୧୩ ତାରିଖ ରାତିରେ ବଳାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଫାୟାର ଷ୍ଟେସନ ଛକ ଠାରେ ଉଦଯାପିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ବଳାଙ୍ଗୀ ମହୋତ୍ସବ ପରିଚାଳନା କମିଟିର ଯୁବଶାଖା ବଳାଙ୍ଗୀ ସେନା ଆନୁକୁଲ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ୩ଦିନ ଧରି ଜିଲ୍ଲା ପରିକ୍ରମା କରିଥିବା ଏହି ଜାଗରଣ ଯାତ୍ରା କୁଳିଅଣା, ଝାରପୋଖୋରୀଅ, ସାରସକଣା, ବାଙ୍ଗିରିପୋଷୀ, ଦ୍ୱାରଶୁଣି, ବିଶୋଇ, ବିଜାତୋଳା, ରାଇରଙ୍ଗପୁର, ବହଳଦା, ଜାମଦା, ଗଡ, ଭାଲୁବସା, ଯଶିପୁର, ରରୁଆଁ, ଶୁକୃଳି, ଖିଚିଂ, କରଂଜିଆ, ଠାକୁରମୁଣ୍ଡା, ଶରତ, କପ୍ତିପଦା, ଉଦଳା, ଖୁଂଟା, ହରିପୁର ଗଡ, ବଡସାହି, ମାଣତ୍ରି, ପାଟୁଳିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମରୋଡା, କୋଷ୍ଟା, ବାଘଡା, ଶୁଳିଆପଦା, ଦେଉଳି ହୋଇ ବାରିପଦା ପାଲବଣି ବାଇପାସରେ ପହଂଚିବା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବଳାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଫାୟାର ଷ୍ଟେସନ ଠାରେ ଉଦଯାପିତ ହୋଇ ଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସଂସ୍କୃତି ସୈନିକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଜାଗରଣ ଯାତ୍ରାରେ ବଳାଙ୍ଗୀ ସେନାର କର୍ମକର୍ତା ଦୀପକ କୁମାର ନାୟକ, କୁମାରେଶ ନାୟକଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ସାମିଲ ହୋଇ ସମଗ୍ର ଜିଲ୍ଲା ପରିକ୍ରମା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଜିଠୁ ୧୨-୧୪ ବର୍ଷ ପିଲାଙ୍କୁ ....

ପରେ ସେହି ଟିକାର ବୁଷ୍ଟର ଡୋଜ୍ ଟିକା ନେବେ । ଏଥିପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ଏବଂ ପରିଚାଳନା ମାର୍ଗଦର୍ଶିକା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ପଠାଇ ଦିଆଯାଇଛି । ଟିକାକରଣ ତାରିଖ ଦିନ କେବଳ ଯେଉଁ ହିତାଧିକାରୀମାନେ ୧୨ ବର୍ଷରୁ ଅଧିକ ବୟସ ଅତିକ୍ରମ କରିସାରିଥିବେ ସେହିମାନଙ୍କୁ କୋଭିଡ ଟିକା ଦିଆଯିବ । ଯେଉଁ ହିତାଧିକାରୀମାନେ କୋୱିନ୍ ପୋର୍ଟାଲରେ ପଞ୍ଜୀକରଣ କରିଥିବେ କିନ୍ତୁ ୧୨ ବୟସ ଅତିକ୍ରମ କରିନଥିବେ ସେମାନଙ୍କୁ ଟିକା ଦିଆଯିବ ନାହିଁ । ଏ ସମ୍ପର୍କରେ ରାଜ୍ୟମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ୧୨-୧୪ ବର୍ଷ ବୟସର ହିତାଧିକାରୀଙ୍କ କ୍ଷେତ୍ରରେ ଯେପରି ଟିକାର ମିଶ୍ରଣ ହେବ ନାହିଁ ସେଥିପ୍ରତି ଧ୍ୟାନ ରଖିବା ଲାଗି କୁହାଯାଇଛି । ଏଥିପାଇଁ ଟିକାପ୍ରଦାନକାରୀ ଏବଂ ଟିକାକରଣ ଦଳକୁ ପ୍ରଶିକ୍ଷଣ ଦିଆଯିବାର ଆବଶ୍ୟକତା ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅନ୍ୟ ଟିକା ସହ ମିଶ୍ରଣକୁ ଏଡ଼ାଇବା ଲାଗି ଟିକାକରଣ କେନ୍ଦ୍ର ଗୁଡ଼ିକରେ ୧୨ରୁ ୧୪ ବର୍ଷ ବୟସ୍କ ପିଲାମାନଙ୍କ ପାଇଁ ପୃଥକ ସମର୍ପିତ ଟିକାକରଣ ଅଧିବେଶନ ଆୟୋଜନ କରିବା ଲାଗି ରାଜ୍ୟମାନଙ୍କୁ ପରାମର୍ଶ ଦିଆଯାଇଛି । ୧୨-୧୪ ବର୍ଷ (୨୦୦୮,୨୦୦୯,୨୦୧୦ରେ ଜନ୍ମିତ ସମସ୍ତ ହିତାଧିକାରୀ)ଙ୍କୁ କୋର୍ବେଭାକ୍ସ (ସରକାରୀ କୋଭିଡ ଟିକାକରଣ କେନ୍ଦ୍ର ଠାରେ) ୨ ଡୋଜ ୨୮ ଦିନର ବ୍ୟବଧାନରେ ଟିକା ଦିଆଯିବ । ସେହିପରି ୧୪ରୁ ୧୮ ବର୍ଷ ବୟସ୍କଙ୍କୁ କୋଭାକ୍ସିନ (ସରକାରୀ କୋଭିଡ ଟିକାକରଣ କେନ୍ଦ୍ର ଏବଂ ଘରୋଇ ଟିକାକରଣ କେନ୍ଦ୍ର ଠାରେ) ଟିକା ଦିଆଯିବ । ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ସୂଚିତ କରାଯାଇଛି ଯେ କୋୱିନ୍ ପୋର୍ଟାଲରେ ହିତାଧିକାରୀଙ୍କ ଜନ୍ମ ବୟସ ଉଲ୍ଲେଖ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି । ତେଣୁ ପ୍ରାରମ୍ଭିକ କିଛିଦିନ ପର୍ଯ୍ୟନ୍ତ ୧୨ ବର୍ଷରୁ ଅଧିକ ବୟସ ବର୍ଗର ହିତାଧିକାରୀଙ୍କର ପ୍ରକୃତ ଜନ୍ମ ତାରିଖ ଯାଞ୍ଚ କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଟିକାପ୍ରଦାନକାରୀ ଏବଂ ଯାଞ୍ଚ କର୍ତ୍ତୃପକ୍ଷଙ୍କ ଉପରେ ରହିବ । କୋୱିନ ପୋର୍ଟାଲରେ ସଠିକ ଜନ୍ମ ତାରିଖ ରେକର୍ଡ କରିବାର ପ୍ରକ୍ରିୟା ବର୍ତମାନ ଜାରି ରହିଛି । ଥରେ ଏହା କାର୍ଯ୍ୟକାରୀ ହୋଇଗଲେ, ଯେଉଁମାନେ ସୁପାରିସ କରାଯାଇଥିବା ବୟସରେ ପହଞ୍ଚି ନଥିବେ ସେମାନଙ୍କର ପଞ୍ଜୀକରଣ ସିଷ୍ଟମରେ ଗ୍ରହଣୀୟ ହେବ ନାହିଁ । ଟିକାକରଣ ଧିମେଇ ଯାଇଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ୬୦ ବର୍ଷରୁ ଅଧିକ ବୟସ୍କ ସବୁ ହିତାଧିକାରୀଙ୍କୁ ତୁରନ୍ତ କୋଭିଡ ୧୯ ଟିକାର ଦୁଇଟି ଡୋଜ୍ ଦେବାକୁ ରାଜ୍ୟମାନେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି । ଯୋଗ୍ୟ ହିତାଧିକାରୀମାନଙ୍କୁ ତୁରନ୍ତ ଟିକା ଦେବା ପାଇଁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ସମୀକ୍ଷା କରିବା ଲାଗି ପରାମର୍ଶ ଦିଆଯାଇଛି । ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ସ୍ୱାସ୍ଥ୍ୟ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଏହି ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ (ସ୍ୱାସ୍ଥ୍ୟ) ଡକ୍ଟର ମନମୋହନ ଅଗ୍ନାନୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଫିଲ୍ମ 'ଦି କଶ୍ମୀର ଫାଇଲ୍ସ'କୁ ନେଇ....

ଦେଖିବାକୁ ମଧ ପରାମର୍ଶ ଦିଆଯାଉଛି । ଏସବୁ ଭିତରେ ଦି କଶ୍ମୀର ଫାଇଲ୍ସକୁ ନେଇ ପ୍ରଥମଥର ପାଇଁ ନିଜର ପ୍ରତିକ୍ରିୟା ରଖିଛନ୍ତି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏପରି ସତ୍ୟ ଘଟଣା ଉପରେ ଆହୁରି ଅନେକ ଫିଲ୍ମ ତିଆରି କରାଯିବା ଦରକାର । ଏହାଦ୍ୱାରା ଅତୀତରେ ଘଟିଥିବା ଘଟଣାଗୁଡ଼ିକର ସତ୍ୟତା ସମ୍ପର୍କରେ ଲୋକମାନେ ଜାଣିପାରିବେ । ଦୀର୍ଘ ବର୍ଷ ହେଲା କଶ୍ମୀରକୁ ନେଇ ଯେଉଁ ସତ୍ୟକୁ ଚାପି ଦିଆଯାଇଥିଲା, ଏବେ ତା'ହା ସାମ୍ନାକୁ ଆସିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ଆଜି ବିଜେପିର ସାଂସଦମାନଙ୍କ ବୈଠକରେ ମୋଦି କଶ୍ମୀର ଫାଇଲ୍ସକୁ ନେଇ ଚାଲିଥିବା ବାଦବିବାଦ ସମ୍ପର୍କରେ ମତ ରଖିଛନ୍ତି । ସେ କହିଛନ୍ତି, "ବେଶ କିଛି ଦିନ ହେଲା ଲୋକମାନେ ଏହି ପ୍ରସଙ୍ଗରେ କଥାବାର୍ତ୍ତା ହେଉଛନ୍ତି । ସବୁବେଳେ ବାକ୍ ସ୍ୱାଧୀନତାର ଓକିଲାତି କରୁଥିବା ଲୋକମାନେ ଏବେ ହଠାତ୍ ଉତ୍ତେଜିତ ହୋଇ ପଡ଼ିଛନ୍ତି । ସେମାନେ ସିନେମାକୁ ଗୋଟିଏ କଳାର ଅଂଶ ବିଶେଷ ଭାବେ ଗ୍ରହଣ କରିପାରୁ ନାହାନ୍ତି । ପୂରା ଫିଲ୍ମକୁ ତୁଚ୍ଛ ଓ ଖରାପ ବୋଲି କହିବାକୁ ସେମାନେ ଲାଗି ପଡ଼ିଛନ୍ତି । ସିନେମା ଜରିଆରେ ଏହାର ନିର୍ଦ୍ଦେଶ ସତ୍ୟ ଦେଖାଇବାକୁ ସାହାସ କରିଛନ୍ତି । ସେମାନେ ଯାହା ସତ ଭାବିଲେ, ତା'କୁ ସିନେମାରେ ସ୍ଥାନ ଦେଇଛନ୍ତି । କିନ୍ତୁ କିଛି ଲୋକ ସତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି । ପୂରା ବିଶ୍ୱ ଏହି ଫିଲ୍ମ ଦେଖୁ ବୋଲି ସେମାନେ ଚାହୁଁନାହାନ୍ତି । କେବଳ ଏହି ଗୋଟିଏ ଘଟଣା ନୁହେଁ, ସବୁ ପ୍ରସଙ୍ଗରେ ସତ୍ୟ ସାମ୍ନାକୁ ଆସିବା ଦେଶ ପାଇଁ ଭଲ । ଯେଉଁମାନେ ଭାବୁଛନ୍ତି ଏହି ଫିଲ୍ମଟି ଭଲ ନୁହେଁ, ସେମାନେ ନିଜସ୍ୱ ସିନେମା ତିଆରି କରିପାରିବେ । ସେମାନଙ୍କୁ କିଏ ଅଟକାଇଛି ? ଦୀର୍ଘ ବର୍ଷ ହେଲା ଚାପି ହୋଇ ରହିଥିବା ସତ୍ୟ ଏବେ ସାମ୍ନାକୁ ଆସିଯିବାରୁ କିଛି ଲୋକ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ମୋର ଆଶା ସମସ୍ତେ ସତ୍ୟ ପାଇଁ ଛିଡ଼ା ହେବାର ଦାୟିତ୍ୱ ନେବେ ।" ବୈଠକରେ ମୋଦି ସମସ୍ତ ବିଜେପି ସାଂସଦମାନଙ୍କୁ ବଲିଉଡ ଫିଲ୍ମ କଶ୍ମୀର ଫାଇଲ୍ସକୁ ଦେଖିବାକୁ କହିଛନ୍ତି । ସେ କହିଛନ୍ତି, "ଦି କଶ୍ମୀର ଫାଇଲ୍ସ ଗୋଟିଏ ଚମତ୍କାର ଫିଲ୍ମ । ଏହାକୁ ଆପଣମାନେ ସମସ୍ତେ ଦେଖିବା ଦରକାର । ଏପରି ଫିଲ୍ମ ଅଧିକ ମାତ୍ରାରେ ହେବା ଉଚିତ ।" ସୂଚନାଯୋଗ୍ୟ, ମାର୍ଚ୍ଚ ୧୨ ତାରିଖରେ ଏହି ଫିଲ୍ମର ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ, ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ପଲ୍ଲବୀ ଯୋଶୀ ଓ ଫିଲ୍ମର ପ୍ରଯୋଜକ ଅଭିଷେକ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ । ଏହି ସମୟରେ ମୋଦି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଫିଲ୍ମ ପାଇଁ ପ୍ରଶଂସା କରିଥିଲେ ।

## ମାର୍ଚ୍ଚ ୨୨ ରୁ ୨୬ ମଦ ବିକ୍ରି ....

ମାର୍ଚ୍ଚ ୨୭ରୁ ସ୍ୱାଭାବିକ ଭାବେ ଖୋଲିବ । ଲୋକ ପ୍ରତିନିଧି ଆଇନ-୧୯୫୧ର ଧାରା ୧୩୫(ଗ) ଅନ୍ତର୍ଗତ କୌଣସି ସାର୍ବଜନୀନ ଓ ଘରୋଇ ସ୍ଥାନରେ ମଦ ବିକ୍ରି ଉପରେ କଟକଣା ଜାରି ହୋଇଛି । କୌଣସି ମଦ ଦୋକାନ, ହୋଟେଲ, ରେଷ୍ଟୁରାଂଟ, କ୍ଲବ ଓ ଅନ୍ୟ ସ୍ଥାନଗୁଡ଼ିକରେ କାହାରିକୁ ଏହି ଅବଧି ମଧ୍ୟରେ ମଦ ବିକ୍ରି କରାଯାଇପାରିବ ନାହିଁ । ତାରକା ହୋଟେଲ, ରେଷ୍ଟୁରାଂଟ, କ୍ଲବ ଓ ଅନ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଟେଲ ଯଦିଓ ସେମାନଙ୍କୁ ବିଭିନ୍ନ ବର୍ଗର ଲାଇସେନ୍ସ ପ୍ରଦାନ କରାଯାଇଥିବ,ତଥାପି ଏହି ଦିନଗୁଡ଼ିକରେ ମଦ ବିକ୍ରି ଉପରେ କଟକଣା ରହିବ । ସେହିପରି ବ୍ୟକ୍ତିଗତ ଭାବେ ଉକ୍ତ ଅବଧିରେ ବିନା ଲାଇସେନ୍ସରେ ଅଧିକ ପରିମାଣର ମଦ ରଖିଥିଲେ ଅବକାରୀ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏସବୁକୁ ଦୃଷ୍ଟିରେ ରଖି ପୌର ନିର୍ବାଚନ ହେବାକୁ ଥିବା ଅଂଚଳଗୁଡ଼ିକରେ ମଦ ବିକ୍ରି ଆଦି ଉପରେ ତୀକ୍ଷ୍ଣ ନଜର ରଖିବା ସହ ଅବକାରୀ, ପୋଲିସ ଓ ଜଙ୍ଗଲ କର୍ମଚାରୀଙ୍କ ଦ୍ୱାରା ମିଳିତ ଭାବେ ଚଢ଼ଉ ଜୋରଦାର କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି ।

## ହାଇକୋର୍ଟଙ୍କ ରାୟ ବିରୋଧରେ....

କରୁଥିବା ଲୋକଙ୍କ ବିବେକର ସ୍ୱାଧୀନତା ନାହିଁ ବୋଲି କୋର୍ଟ ହୃଦୟଙ୍ଗମ କରିଛନ୍ତି । ତେଣୁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଆବେଦନକାରୀମାନେ ଅନୁରୋଧ କରିଛନ୍ତି । ହିଜାବ ବିବାଦ ମାମଲରେ ହୋଇଥିବା ସମସ୍ତ ଆବେଦକୁ ଆଜି କର୍ଣ୍ଣାଟକା ହାଇକୋର୍ଟ ଖାରଜ କରିଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ ରିତୁ ରାଜ ଅବସ୍ତି, ଜଷ୍ଟିସ କୃଷ୍ଣ ଏସ ଦୀକ୍ଷିତ ଓ ଜଷ୍ଟିସ ଜେଏମ ଖାଜିଙ୍କ ବେଞ୍ଚ ଆବେଦନକୁ ଖାରଜ କରି କହିଛନ୍ତି ଯେ ହିଜାବ ଇସଲାମ ଧର୍ମର ଅଂଶ ବିଶେଷ ନୁହେଁ । ଧର୍ମୀୟ ପ୍ରଥାରେ ହିଜାବ ବାଧ୍ୟତାମୂଳକ ନୁହେଁ । ସ୍କୁଲରେ ପ୍ରଚଳିତ ୟୁନିଫର୍ମକୁ ପିନ୍ଧିବାକୁ କେହି ବି ମନା କରିପାରିବେ ନାହିଁ । ନିୟମ ପ୍ରଣୟନ କରିବାର ଅଧିକାର କର୍ଣ୍ଣାଟକା ସରକାରଙ୍କ ରହିଛି । ତେଣୁ ହିଜାବ ଉପରେ ସରକାର ଲଗାଇଥିବା ବ୍ୟାନକୁ ବଦଳାଇବାର କୌଣସି ଆବଶ୍ୟକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ବସଭରାଜ ବୋମାଇ କହିଥିଲେ ଯେ "ପିଲାମାନଙ୍କ ପାଇଁ ପାଠପଢ଼ା ଗୁରୁତ୍ୱପୂର୍ଣ୍ଣ ବ୍ୟାପାର । ସମସ୍ତେ ହାଇକୋର୍ଟଙ୍କ ରାୟକୁ ମାନିବା ଓ ଶାନ୍ତିଶୃଙ୍ଖଳା କାଏମ ରଖିବା । ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରୀ ମାସରେ ରାଜ୍ୟରେ ଉଠିଥିବା ଏହି ପ୍ରସଙ୍ଗକୁ ନେଇ ବହୁ ବିବାଦ ଦେଖିବାକୁ ମିଳିଥିଲା ।

## ଆଜିଠୁ ୩ ଦିନ ଯାଏଁ ....

୩ଟା ମଧ୍ୟରେ ବାହାରକୁ ଯାଉଥିଲେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଅପରପକ୍ଷରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ଲହରୀ ହେବାକୁ ଥିବାରୁ ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଇଲେ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା । ଅନଗୁଳ, ବାଲେଶ୍ୱର, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡ଼ା, ଖୋର୍ଦ୍ଧା, ମୟୂରଭଂଜ, ନୟାଗଡ଼, ସମ୍ବଲପୁର ଓ ସୋନପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଏସ୍ ଆରସି । ଏହା ସହିତ ଏ ସଂକ୍ରାନ୍ତରେ ଲୋକମାନଙ୍କୁ ଅବଗତ କରାଇବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ଶିଶୁ, ବୟସ୍କ ଓ ଅସୁସ୍ଥ ଲୋକ ଘରୁ ନ ବାହାରିବାକୁ ପରାମର୍ଶ । ଦ୍ୱିପ୍ରହରେ ଘରୁ ବାହାରିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ । ପରିସ୍ଥିତି ଉପରେ ନଜର ରଖି ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ଏସଆରସି ।

# ଶ୍ରୀମନ୍ଦିର ଛରିଦ୍ୱାର ଦର୍ଶନାର୍ଥୀଙ୍କ ପାଇଁ ଖୋଲାଯାଉ : ଡଃ ଜ୍ଞାନେନ୍ଦ୍ର

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଗତକାଲି ଶ୍ରୀ ଜଗନ୍ନାଥଙ୍କ ଦର୍ଶନାର୍ଥୀମାନଙ୍କ ପ୍ରଚଣ୍ଡ ଖରାରେ ଦୟନୀୟ ଅବସ୍ଥା ବିଷୟରେ ଗଣମାଧମରୁ ଜାଣିବା ପରେ ପ୍ରଦେଶ କଂଗ୍ରେସ ସେବା ଦଳର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗଭୀର ଚିନ୍ତାପ୍ରକଟ କରିଛନ୍ତି । ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଶୃଙ୍ଖଳିତ ଦର୍ଶନ ନାମରେ ସରାକରୀ ବାବୁମାନଙ୍କ ଅତ୍ୟାଚର ପୁରୀ ଶ୍ରୀମନ୍ଦିରରେ ତୁରନ୍ତ ବନ୍ଦ ହେଉ ଓ ଶ୍ରୀମନ୍ଦିରର ଛରିଦ୍ୱାରକୁ ଦର୍ଶନାଥୀଙ୍କ ପାଇଁ ତୁରନ୍ତ ଖୋଲାଯାଉ । ହଜାର ହଜାର ବର୍ଷ ତଳେ ଯେଉଁ ମହାମାନବ ମାନେ ଛରିଦ୍ୱାରର ପରିକଳ୍ପନା କରିଥିଲେ, ସେମାନଙ୍କର କଣ ଦୂରଦୃଷ୍ଟି ନଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି ? ପୁରୀ ଜିଲ୍ଲାପାଳ ନିଜେ ସଦର ମହକୁମାରେ ଉପସ୍ଥିତ ଥାଇ ମଧ ଏଭଳି ଅବସ୍ଥା ସୃଷ୍ଟି ହେଲା । କେହି ଜଣେ ସରକାରୀ ବାବୁ ଆହା କହିବାକୁ ଆସିଲେ ନାହିଁ, ପାଣି ଟିକେ ଦେବା ଦୂରର କଥା । ଶ୍ରୀଜଗନ୍ନାଥଙ୍କ ଅଶେଷ କୃପା ଯୋଗୁଁ କୌଣସି ପ୍ରକାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇନାହିଁ । ଜଗନ୍ନାଥଙ୍କ ଭକ୍ତ ବୋଲି ଦେଖାଇ ହେଉଥିବା ମୁଖ୍ୟମନ୍ତ୍ରୀଙ୍କୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଶ୍ରୀ ଜ୍ଞାନେନ୍ଦ୍ର ଦୃଢ ଦାବି କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ଭଦ୍ରକ - ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ

ଭଦ୍ରକ, ୧୫/୦୩ (ନି.ପ୍ର): ଆଜି ନବ ନିର୍ବାଚିତ ପୂର୍ବତନ ବିଧାୟକ ତଥା ବ ର୍ମାନର ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା ବିଧିବଦ୍ଧ ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ଉପଲକ୍ଷେ ସଂସ୍ଥାର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏଥିରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅଧ୍ୟକ୍ଷତା କରିଥିବାବେଳେ ଭଣ୍ଡାରିପୋଖରୀ ବିଧାୟକ, ସାଂସଦଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି ସଂପାଦକ ଇଂ ପ୍ରୟାସକାନ୍ତି ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରହଲ୍ଲାଦ ରଣା, ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ଘଡେଇ, ବନ୍ତ ବ୍ଲକ୍ ବିଜେଡି ସଭାପତି କମଳାକାନ୍ତ ସାହୁ ଏବଂ ଯୁବ ସଭାପତି ସତ୍ୟସାଧନ ବେଜ ଏବଂ ୧୫ନଂ ଜୋନ୍‌ର ସମସ୍ତ ସରପ, ସମିତିସଭ୍ୟ ଅଂଶଗ୍ରହଣ କରି ନବ ନିର୍ବାଚିତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଯେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦାୟିତ୍ୱ ଗ୍ରହଣର ପ୍ରଥମ ଦିନରେ ଶ୍ରୀ ଯେନା ପ୍ରଥମେ ସେ ଏହି ପଦବୀ ପାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ଥାନୀୟ ସାଂସଦ, ସମସ୍ତ ବିଧାୟକ, ଭଦ୍ରକ ଜିଲାର ୨୮ ଗୋଟି ଜୋନ୍‌ର ସମସ୍ତ ସଭ୍ୟ/ସଭ୍ୟାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏବଂ ସେ ସଦାସର୍ବଦା ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ସହ ବିଶେଷକରି ଗରିବ ଲୋକଙ୍କ ମୌଳିକ ସୁବିଧା ଯୋଗାଇବା କ୍ଷେତ୍ରରେ ଅଗ୍ରାଧିକାର ଦେବେ ବୋଲି କହିଥିଲେ। ଏଥିରେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ସମେତ ଭଦ୍ରକ ଜିଲାପାଳ ଓ ସମସ୍ତ ବିଭାଗୀୟ ଅଧିକାରୀ ଓ ସାଧାରଣ ଜନତା ସହଯୋଗ କରିବାକୁ ବିନମ୍ର ନିବେଦନ କରିଥିଲେ। ଏବଂ ଆଗାମୀ ଦିନରେ ସେ ଭଦ୍ରକ ଜିଲା ପରିଷଦକୁ ରାଜ୍ୟରେ ୧ନଂ କରିବାର ସଂକଳ୍ପ ନେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରମୋଦ ରାୟ, ଉମାକଲ୍ୟାଣ ମହାପାତ୍ର ଓ ସଂଜୀବ ନାୟକ ଶ୍ରୀ ଯେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଉଦ୍‌ଯାପିତ

ବାରିପଦା, ୧୫/୦୩ (ନି.ପ୍ର): ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତଥା ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ପ୍ରଥମ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଦିନ ବାରିପଦା ଷ୍ଟାଡିୟମ ଓ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଚିତାକର୍ଷକ ସମାବେଶରେ ଉଦଯାପିତ ହୋଇଯାଇଛି । ଗତ ୧୧ ତାରିଖରୁ ଚାରିଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପାଖାପାଖି ୧୧୦୦ ପ୍ରତିଯୋଗୀ ଓ ୧୦୦ ଜଣ ମ୍ୟାନେଜର ଓ ୧୦୦ ଜଣ ମ୍ୟାଚ ଅଧିକାରୀ ଯୋଗ ଦେଇଥିଲେ । ବାରିପଦା ଷ୍ଟାଡ଼ିୟମରେ ଆୟୋଜିତ ଉଦଯାପନୀ ସମାରୋହରେ ୧୫ଟି ବିଶ୍ୱବିଦ୍ୟାଳୟର କ୍ରୀଡ଼ା



ପ୍ରତିଯୋଗୀଙ୍କର ପ୍ୟାରେଡ୍ ପୋଲିସ ବ୍ୟାଣ୍ଡ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର କିଶୋର କୁମାର ବସା ସେମାନଙ୍କ ବିଦାୟ ଅଭିବାଦନ ଗ୍ରହଣ କରିବା ସହିତ କ୍ରୀଡ଼ା ପ୍ରତିଯୋଗିତାର ମଶାଲ ନିର୍ବାପିତ କରିଥିଲେ ଓ ଏହାର ଧ୍ୱଜା ଅବତରଣ ପୂର୍ବକ କ୍ରୀଡ଼ା ପ୍ରତିଯୋଗିତାର ପରିସମାପ୍ତି ଘୋଷଣା କରିଥିଲେ । ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ପ୍ରାଙ୍ଗଣରେ ଆଡ଼ମ୍ବର ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଳପତି ପ୍ରଫେସର ବସା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଜେତାମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଅନ୍ୟତମ ଅତିଥିଭାବେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି, କୁଳସଚିବ ଶ୍ରୀ ସହଦେବ ସମାଧିଆ, ବିତ ନିୟନ୍ତ୍ରକ ଶୁକଦେବ ତରେଇ , ସ୍ପୋର୍ଟସ୍ କାଉନସିଲର ସଂପାଦକ ଡ. ଇନ୍ଦ୍ରଜିତ ନାୟକ, ବରିଷ୍ଠ ପ୍ରଫେସର ଅନୀଲ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ କ୍ରୀଡା ଶରୀରକୁ ସୁସ୍ଥ ରଖିବା ସହିତ ସମାଜରେ ଭାଇଚାରାର ପରଂପରାକୁ ଅଧିକ କ୍ରିୟାଶୀଳ କରିଥାଏ ବୋଲି କହିଥିଲେ । ଶେଷରେ କୁଳସଚିବ ଶ୍ରୀ ସହଦେବ ସମାଧିଆ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସୁରକ୍ଷିତ ୱେବସାଇଟ୍ ବ୍ୟବହାର କରିବାକୁ ଓଡିଶା ପୋଲିସ୍‌ର ପରାମର୍ଶ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ସାଇବର କ୍ରାଇମ୍ ରୋକିବା ପାଇଁ ନାଗରିକ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି ରାଜ୍ୟ ପୋଲିସ୍। ଇଂଟରନେଟ୍ ବ୍ୟବହାରକାରୀମାନେ ଏଚଟିଟିପି (http)ୟୁଆରଏଲ ବଦଳରେ ଏଚଟିଟିପିଏସ୍ (https) ବ୍ୟବହାର କରିବାକୁ ଓଡିଶା ପୋଲିସ୍ ପରାମର୍ଶ ଦେଇଛି। ୟୁଆରଏଲ ରେ ଏଚଟିଟିପିଲେଖା ଥିଲେ ୱେବ୍‌ସାଇଟ୍ ଅସୁରକ୍ଷିତ। ୟୁଆରଏଲ ରେ ଏଚଟିଟିପିଏସ୍ ଲେଖାଥିଲେ ହିଁ ୱେବ୍‌ସାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛି ଓଡିଶା ପୋଲିସ୍ । ଛୋଟ ସାବଧାନତା ସାଇବର ଠକେଇରୁ ରକ୍ଷା କରିପାରିବ।

# ଟ୍ରେଡ଼ିଂ ଏଣ୍ଡ ଗେମିଂ ନେଲା ଯୁବ ଇଞ୍ଜିନିୟରଙ୍କ ଜୀବନ

ଜଳେଶ୍ୱର, ୧୫/୩ (ନି.ପ୍ର) : ଡିଜିଟାଲ ଯୁଗରେ ଏବେ ଟ୍ରେଡିଂ ଏଣ୍ଡ ଗେମିଂର ଗୁରୁତ୍ୱ ବଢିଛି । ବହୁ ଯୁବକଙ୍କ ହାତରେ ସ୍ମାର୍ଟ ଫୋନ୍ ତ କେତେବେଳେ ଲାପ୍‌ଟପ୍ । ଦୀର୍ଘ ସମୟଧରି ବିଭିନ୍ନ ଗେମ୍ ଖେଳିବା ସହିତ ସେଥିରୁ ଅର୍ଥ ରୋଜଗାରର ଲାଳସା ସେମାନଙ୍କୁ ପାଗଳ କରେ । କିନ୍ତୁ ତାଙ୍କ ଅଜାଣତର ଲକ୍ଷ ଲକ୍ଷ ଟଙ୍କା ଠକିମୀର ଶୀକାର ହେବା ଅନ୍ୟ ଏକ କାରଣ ହୁଏ । ଫଳରେ କମଳମତି ଯୁବକ ଯୁବତୀ ନିଜର ଆୟତ୍ତ ହରାନ୍ତି କିମ୍ବା ମୃତ୍ୟୁର ସାମ୍ନା କରନ୍ତି । ଏପରି ଏକ ଘଟଣା ଜଳେଶ୍ୱର ଥାନା ଅନ୍ତର୍ଗତ ଆମ୍ୱଲିଅଠା ଗାଁରେ ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଆମ୍ୱଲିଅଠା ଗାଁର ପୂର୍ବତନ ୱାର୍ଡ ସଦସ୍ୟ ସ୍ୱରୂପ ନନ୍ଦୀ ଓ ଅଂଗନୱାଡି କର୍ମୀ କଳ୍ପନା ନନ୍ଦୀଙ୍କର ଏକମାତ୍ର ପୁତ୍ର ସୌମିତ୍ର ନନ୍ଦି (ଚିକୁ), ବୟସ ୨୭ ଇଞ୍ଜିନିୟରଂ ପାସ୍ କରି ବାଙ୍ଗାଲୋରରେ ଆଇଟି କ୍ଷେତ୍ରରେ ନିଯୁକ୍ତି ପାଇଥିଲେ । କିନ୍ତୁ ଲକ୍‌ଡାଉନ୍‌ପରେ ଗାଁକୁ ଆସି ଅନ୍ ଲାଇନ୍‌ରେ କମ୍ପାନୀ କାର୍ଯ୍ୟ ତୁଲାଇବା ସହିତ ବଳକା ସମୟରେ ଟ୍ରେଡିଂ ଏଣ୍ଡ ଗେମିଂରେ ଅଭ୍ୟସ୍ତ ହୋଇଥିଲେ । କେତେକ ଅପରାଧି ତାଙ୍କ ନାମରେ କେତେକ ଫେକ୍ ଏକାଉଣ୍ଟ ଖୋଲି ଅର୍ଥରୋଜଗାର କରି ଆସୁଥିଲେ । ଫଳରେ ଇତି ମଧ୍ୟରେ ସେ ଲକ୍ଷ ଲକ୍ଷ ଟଙ୍କା ଏଥିରେ ହରାଇ ଚାଲିଥିଲେ । କିଛିଦିନ ତଳେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହେବାରୁ ପୁଲିସ୍ ଲାପ୍‌ଟପ୍ ଓ ମୋବାଇଲ୍ ଜବତ୍ କରିଥିଲା । କିନ୍ତୁ ଭଗବାନଙ୍କ ବିଚାର ଥିଲା ଅନ୍ୟ ପ୍ରକାର । ଗତ କିଛିଦିନ ତଳେ ତାଙ୍କ ବାପା ସ୍ୱରୂପ ନନ୍ଦୀ ଜମି ବିକ୍ରି କରି ଠକାମୀର ଶୀକାର ହୋଇଥିବା ୧୨ଲକ୍ଷ ପରିଶୋଧ କରିଥିଲେ । ଅପରାଧିମାନେ ତାଙ୍କୁ ବାରମ୍ବାର ଅର୍ଥ ମାଗିବାରୁ ବହୁ ସମୟରେ ବିଚଳିତ ଅବସ୍ଥାରେ ରହୁଥିଲେ । ଶେଷରେ ପରିସ୍ଥିତି ଜଟିଳ ହେବାରୁ ସୌମିତ୍ର ନିଜର ଭାରସାମ୍ୟ ହରାଇ ଏକ ସୁଇସାଇଡାଲ ନୋଟରେ ବାପା ମାଙ୍କ ଠାରୁ କ୍ଷମା ମାଗିବା ଓ ପରିସ୍ଥିତି ସମ୍ପର୍କରେ ଯତ୍ କିଞ୍ଚିତ୍ ଲେଖିଥିଲେ । ଘାସମରା ବିଷ ପିଇଥିବାର ଜାଣି ପରିବାର ବର୍ଗ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ, ସେଠାରୁ ବାଲେଶ୍ୱର ଫକୀରମୋହନ ହସ୍‌ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଆଜି ତାଙ୍କର ମୃତ୍ୟୁ ଘଟିଛି । ଶବ ଫେରୁଥିବା ବେଳେ କେତେକ ଅସାମାଜିକ ବ୍ୟକ୍ତି ସେମାନଙ୍କ ଅର୍ଥ ଫେରି ପାଇବାଲାଗି ଶବ ଅଟକାଇ ଟଙ୍କା ଦାବି କରିଥିଲେ । ଖବର ଲେଖା ହେବା ବେଳେକୁ ତାଙ୍କର ଶବ ଗାଁରେ ପହଞ୍ଚି ନଥିବା ବେଳେ ଶୋକାକୂଳ ପରିବେଶ ଲାଗି ରହିଥିଲା ।

## ବଢିଲାଣି ଖରା, ଅନୁଗୁଳ ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ଶୁଷ୍କବାୟୁ ପ୍ରଭାବରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ରାଜ୍ୟର ୪ ଟି ଜିଲ୍ଲାର ତାପମାତ୍ରା ୩୯ ଡିଗ୍ରୀ ଉପରେ ରହିଛି। ୧୨ସହରରେ ଦିନ ତାପମାତ୍ରା ୩୮ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଛି। ୩୯.୭ ଡିଗ୍ରୀ ତାପମାତ୍ରା ସହ ଅନୁଗୁଳ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ରହିଥିବା ବେଳେ ସୋନପୁର ୩୯.୫ ଡିଗ୍ରୀ, ବାରିପଦାରେ ୩୯.୨ ଡିଗ୍ରୀ, ଟିଟିଲାଗଡ ଏବଂ ବୌଦ୍ଧରେ ୩୯ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱରରେ ୩୮.୧ ଡିଗ୍ରୀ ଏବଂ କଟକରେ ତାପମାତ୍ରା ୩୮ଡିଗ୍ରୀ ତାପମାତ୍ରା ରେକର୍ଡ ହୋଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସମ୍ବଲପୁରରେ ୩୮.୬ ଡିଗ୍ରୀ , ଭଦ୍ରକ ତାପମାତ୍ରା ୩୮.୨ଡିଗ୍ରୀ, ଯାଜପୁର, ନୟାଗଡ଼, ତାଳଚେର ତାପମାତ୍ରା ୩୮ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

# ପଶ୍ଚିମବଂଗ ସୀମାନ୍ତ ମହୋତ୍ସବ ମଂଚର ୭ମ ସଂଧ୍ୟା

ଜଳେଶ୍ୱର ୧୫/୩ (ନି.ପ୍ର) : ପଶ୍ଚିମବଂଗ ଓ ଓଡିଶାର ଭାଷା ମାଆ ଓ ମାଉସୀ ସଦୃଶ୍ୟ । କିନ୍ତୁ ଦୁଇ ରାଜ୍ୟରଉପାନ୍ତ ଅଂଚଳର ସଂସ୍କୃତି, ଐତିହ୍ୟ ଓ ପରମ୍ପରା, ଭାଷା, ସାହିତ୍ୟ ଓ ଲୋକକଥା ମଧ୍ୟରେ ବହୁ ସାଦୃଶ୍ୟ ପରିଲକ୍ଷିତ ହୁଏ । ବନ୍ଧୁତ୍ୱ ନିକଟରେ ହିଂସା, ଅଭିମାନ, ହାର ମାନେବୋଲି ଦୁଇରାଜ୍ୟର ଉପାନ୍ତ ଅଂଚଳବାସୀ ଉପଲବ୍ଧି କରି ଆସୁଛନ୍ତି ବୋଲି ପଶ୍ଚିମବଂଗ ସୀମାନ୍ତ ମହୋତ୍ସବର ୭ମ ସଂଧ୍ୟାରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଏଥିରେ ସୁଶାନ୍ତ କୁମାର ସେଣ ସଭାପତିତ୍ୱ କରି ଦୁଇ ରାଜ୍ୟର ମିଳନସ୍ଥଳୀର ଉତ୍କର୍ଷତା ସଂପର୍କରେ କହିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ କଥାକାର କାର୍ତ୍ତିକ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ପଶ୍ଚିମ ମେଦିନୀପୁର ଓ ପୂର୍ବ ମେଦିନୀପୁର ଜିଲାର ଦକ୍ଷିଣାଞ୍ଚଳ ଅତୀତରେ ଓଡିଶା ଅଂଶ ବିଶେଷ ଥିବାରୁ ଏଠାରେ ଓଡିଆ ଭାଷାଭାଷି ଓ ଓଡିଶା ସଂସ୍କୃତିର ଲୋକ ଦେଖିବାକୁ ମିଳେ । ମୁଖ୍ୟ ବକ୍ତାଭାବେ ଉତ୍କଳ ସମ୍ମିଳନୀର ସଦସ୍ୟ ଡ. ରମାକାନ୍ତ ଭଂଜ ଯୋଗ ଦେଇ ଉପାନ୍ତ ଅଂଚଳର ଇତିହାସ, ଲୋକ କଥା ଏବେବି ବଂଚି ରହିଛି ଏବଂ ଭାଇଚାରା ଦୁଇ ଅଂଚଳବାସୀଙ୍କୁ ଅଧିକ ଆକର୍ଷଣ କରୁଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ନରୋତ୍ତମ ପ୍ରଧାନ, ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଜିତାରାମ ଦେ, ସୁନିଲ ନାୟକ, ଡ.ଅଜିତ୍ କୁମାର ମହାନ୍ତି, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ, ଖଡଗପୁର ସମାଜ ପ୍ରତିନିଧି ଦ୍ୱାରକା ପଟ୍ଟନାୟକ, ମୃଣାଳ କାନ୍ତି ଦେ, ନବକୁମାର ମହାପାତ୍ର, ପଦ୍ମଲୋଚନ ମହାନ୍ତି, ହରିଶ୍ଚନ୍ଦ୍ର ପାତ୍ର, ମାନସ ଘୋଷ, ଶ୍ରୀକାନ୍ତ ମିର୍ଦ୍ଧା, ବାସୁଦେବ ନାଥ, ଦୁର୍ଗାଶଂକର ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ତ୍ତିକ ଚନ୍ଦ୍ର ଆଚାର୍ଯ୍ୟ ଓ ନରୋତ୍ତମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଂଗାରଂଗ କାର୍ଯ୍ୟକ୍ରମରେ ଶିଳ୍ପିକା ଭୁବନେଶ୍ୱରର କଳାକାର, ସ୍ଥାନୀୟ କଳାକାର ପ୍ରିତି ଦଳାଇ ନୃତ୍ୟୁ ପରିବେଶ କରିଥିଲେ ।

# ମୟୁରଭଞ୍ଜକୁ କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବାକୁ ଦାବି

ଉଦଳା, ୧୫/୦୩ (ନି.ପ୍ର): ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନର ବାର୍ତ୍ତାବହ ସାଜିଥିବା ମୟୂରଭଞ୍ଜର ସ୍ୱେଚ୍ଛାସେବୀ ସଂଗଠନ 'ଭଞ୍ଜସେନା' ତରଫରୁ ମୟୂରଭଞ୍ଜକୁ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ଦେବାକୁ ଦାବୀ ଜଣାଇଛନ୍ତି । ଏ ବାବଦରେ ଆଜି ମାର୍ଚ୍ଚ ୧୫ ତାରିଖ ମଙ୍ଗଳବାରଦିନ ଉଦଳା ବ୍ଲକର ବିଡ଼ିଓଙ୍କ ଜରିଆରେ ଭାରତର ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଉଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରାଯାଇଛି । ମିଶ୍ରଣ ଚୁକ୍ତି ଅନୁସାରେ ମୟୂରଭଞ୍ଜକୁ ଓଡ଼ିଶାର



ଏକ ଜିଲ୍ଲା ଭାବରେ ପରିଗଣିତ କରାଯାଇଥିଲେ ମଧ ବିକାଶ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମୟୂରଭଞ୍ଜକୁ ଅଣଦେଖା କରୁଥିବାର ଅଭିଯୋଗ ଦାବୀ ପତ୍ରରେ ଉଲ୍ଲେଖ ରହିଛି । ତେଣୁ ମୟୂରଭଞ୍ଜକୁ କେନ୍ଦ୍ରଶାସିତ ଅଞ୍ଚଳ ବୋଲି ଘୋଷଣା କରିବାକୁ ଭଞ୍ଜସେନା ତରଫରୁ ଦାବୀ କରାଯାଇଛି ।

## କରୋନାରୁ ସୁସ୍ଥ ହେଲେ ୧୫୨

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ମଙ୍ଗଳବାର ଆଉ ୧୫୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୯୩୪ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ବୌଦ୍ଧ ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଓ ନବରଂଗପୁର ଜିଲ୍ଲାରୁ ୧୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଝାରସୁଗୁଡ଼ା, ସୁନ୍ଦରଗଡ଼ରୁ ୧୨-୧୨, ମୟୂରଭଂଜରୁ ୧୧, ଗଜପତି, ଖୋର୍ଦ୍ଧାରୁ ୧୦-୧୦, ଯାଜପୁର, ସମ୍ବଲପୁରରୁ ୯-୯, ଗଂଜାମରୁ ୫, ଅନୁଗୁଳ, ବାଲେଶ୍ୱର, କଟକ, ରାୟଗଡ଼ାରୁ ୪ ଜଣ ଲେଖାଏଁ, ଭଦ୍ରକ, ବଲାଙ୍ଗୀର ଢେଙ୍କାନାଳ, କୋରାପୁଟ, ମାଲକାନଗିରିରୁ ୩ ଜଣ ଲେଖାଏଁ, ଦେବଗଡ଼ରୁ ୨ ଜଣ, ଜଗତସିଂହପୁର, କଳାହାଣ୍ଡି, ନୟାଗଡ଼, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍‌ରୁ ୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ସ୍ତ୍ରୀ ନିଖୋଜ ନେଇ ସ୍ୱାମୀ ଅଭିଯୋଗ କଲେ ଥାନାରେ

ନୀଳଗିରି, ୧୧୫/୦୩ (ନି.ପ୍ର): ନୀଳଗିରି ଥାନା ଅଧୀନସ୍ଥ ଦକ୍ଷିଣ ନରସିଂହପୁର ଗ୍ରା.ପ.ର ବାଇଗଣିଆ ଗ୍ରାମରେ ମିଥୁନ ସିଂ ର ସ୍ତ୍ରୀ ରୂପାଲି ସିଂ ନିଖୋଜ ହୋଇଥିବା ନେଇ ସ୍ୱାମୀ ମିଥୁନ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ଉକ୍ତ ସ୍ୱାମୀ ସ୍ତ୍ରୀ ବହୁତ ଖୁସିରେ ଦାମ୍ପତ୍ୟ ଜୀବନ ଅତିବାହିତ କରୁଥିଲେ । ହଠାତ୍ ୧୦ତାରିଖ ଦିନ ପ୍ରାୟ ୧୧ଟା ସମୟରେ ରୂପାଲି ସିଂ ଘର ନିକଟରେ ଥିବା ପୋଖରୀକୁ ଲୁଗା ସଫା କରିବା ପାଇଁ ଯିବ ବୋଲି କହି ବାଲଟିରେ ଲୁଗା ରଖି ସାଇକେଲ ଧରି ଘରୁ ବାହାରିଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ସ୍ୱାମୀ ମିଥୁନ ଓ ତାଙ୍କ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ । ରୂପାଲିର କିଛି ଖୋଜଖବର ନ ମିଳିବାରୁ ମିଥୁନ ଶ୍ୱଶୁର ଘର , ବନ୍ଧୁବାନ୍ଧବ କୁ ଯୋଗାଯୋଗ କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ ନିରାଶ ହୋଇ ଘରକୁ ଫେରିଥିଲେ । ରୂପାଲି ଘରୁ ସୁନା ଗହଣା, ୧୫ହଜାର ଟଙ୍କା ସାଥିରେ ନେଇ ଯାଇଥିବା ନେଇ ଥାନାରେ ସ୍ୱାମୀ ମିଥୁନ ଅଭିଯୋଗ କରିଛନ୍ତି।

# ପଦ୍ମପୁର ଏବିଡିଓଙ୍କୁ ତୁରନ୍ତ ବଦଳି କରାଯାଉ : ବିଜେପି

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ସରକାରୀ କଳ ଏବଂ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଅଧିକାରୀଙ୍କ ସହାୟତାରେ ଶାସକ ବିଜେଡି ନିର୍ବାଚନ ଲଢୁଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ବରଗଡ ଜିଲ୍ଲା ପଦ୍ମପୁର ଏନଏସି ନିର୍ବାଚନରେ ଦେଖିବାକୁ ମିଳିଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ବରଗଡ ଜିଲ୍ଲା ପଦ୍ମପୁର ଏନଏସିରେ ବିଜେଡି ତରଫରୁ ଶ୍ରୀମତୀ ସାବିତ୍ରୀ ବାଗ୍ ଚେୟାରମ୍ୟାନ୍ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ତାଙ୍କ ସ୍ୱାମୀ ଶ୍ରୀ ସୋନୁ ବାଗ୍ ମଧ ସେହି ପଦ୍ମପୁର ବ୍ଲକରେ ଗତ ୩ ବର୍ଷ ହେଲାଣି ଅତିରିକ୍ତ ବ୍ଲକ ଉପଖଣ୍ଡ ଅଧିକାରୀ (ଏବିଡିଓ) ଭାବେ କାର୍ଯ୍ୟ କରୁଛନ୍ତି । ଶ୍ରୀ ବାଗ୍ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ବରଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଅଛନ୍ତି । ଶ୍ରୀ ବାଗ୍ ଜଣେ ସରକାରୀ ଅଧିକାରୀ ହେବା ସହ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ରହିବା ଏବଂ ତାଙ୍କ ପତ୍ନୀ ଶ୍ରୀମତୀ ସାବିତ୍ରୀ ବାଗ୍ ଶାସକ ବିଜେଡି ତରଫରୁ ପଦ୍ମପୁର ଏନଏସି ଚେୟାରମ୍ୟାନ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ଶ୍ରୀ ବାଗ୍‌ଙ୍କୁ ତୁରନ୍ତ ସେଠାରୁ ବଦଳି କରିବା ନିହାତି ଆବଶ୍ୟକ ଦାବୀରେ ଆଜି ଶ୍ରୀ ପୁରୋହିତଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିବା ଶ୍ରୀ ପୁରୋହିତ କହିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଲିଗାଲ ସେଲ ସଂଯୋଜକ ରବି ଶଂକର ପଟ୍ଟନାୟକ, ହିତେଶ୍ ମହାପାତ୍ର, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୭୭୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୬୭୭୨ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୨୨ ରହିଛି । ଆଜି ଚିହ୍ନଟ ହୋଇଥିବା ୭୮ ଜଣଙ୍କ ମଧ୍ୟରୁ ୪୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରୁ ସବୁଠାରୁ ଅଧିକ ୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଓ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୮ ଜଣ ସଂକ୍ରମିତ ହୋଇଛନ୍ତି। ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ରାୟଗଡ଼ା ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସୁନ୍ଦରଗଡ଼ରୁ ୮, ଷ୍ଟେଟ୍ ପୁଲରୁ ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ବନାଗ୍ନି ନିରାକରଣ ପାଇଁ ଭଂଜସେନାର ଆର.ସି.ସି.ଏଫଙ୍କ ସହ ଆଲୋଚନା

ବାରିପଦା, ୧୫/୦୩ (ନି.ପ୍ର): ଗତବର୍ଷ ଶିମିଳିପାଳ ରେ ଲାଗିଥିବା ନିଆଁ ବ୍ୟାପକ ରୂପ ନେଇଥିଲା । ତେଣୁ ଚଳିତ ବର୍ଷ ଗ୍ରୀଷ୍ମ ଋତୁର ଆଗମନରେ ଦିନେ ଦୁଇଦିନ ତଳୁ ଶିମିଳିପାଳ ଅଭୟାରଣ୍ୟର କିଛି ଜାଗାରେ ଅଗ୍ନିକାଣ୍ଡ ଆରମ୍ଭ ହୋଇ ଯାଇଛି । ଏ ସଂକ୍ରାନ୍ତରେ ଖବର ପାଇ ଆଜି ଭଞ୍ଜସେନାର ଏକ ପ୍ରତିନିଧି ଦଳ ବାରିପଦା ଭଂଜପୁର ସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଫିସ କୁ ଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏବଂ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଏମ.ଯୋଗାଜୟାନନ୍ଦ ଙ୍କୁ ଭେଟି ପୂର୍ବବର୍ଷ ଭଳି ଶିମିଳିପାଳରେ ହୋଇଥିବା ଭୟାବହ ଅଗ୍ନିକାଣ୍ଡ ଯେପରି ଏଥର ନଘଟିବା ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି । ଗତ ବର୍ଷ ଶିମିଳିପାଳ ଯେଭଳି ହୁତୁହୁତୁ ହୋଇ ଜଳିଥିଲା, ସେଥିପ୍ରତି ପ୍ରଥମେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ନିଦ୍ରା ଭଙ୍ଗ ହୋଇ




ନଥିଲା । ଯାହା ଦ୍ୱାରା ଜିଲ୍ଲାର ବିଭିନ୍ନ ସଂଗଠନର କର୍ମକର୍ତା ଓ ସ୍ୱେଚ୍ଛାସେବୀ ନିଆଁ କୁ ଆୟତ କରିବା ପାଇଁ ଆଗଭର ହୋଇ ଥିଲେ । ଏପରିକି ଭଞ୍ଜସେନା ସରକାରଙ୍କୁ ନିଦରୁ ଉଠାଇବା ପାଇଁ ମୟୂରଭଞ୍ଜ ବନ୍ଦ କରିବାକୁ ବାଧ ହୋଇଥିଲା । ଶେଷରେ ସରକାର ନିଆଁକୁ ଆୟତ କରିବାରେ ଫେଲ ମାରିବା ପରେ ପ୍ରାକୃତିକ ବର୍ଷା ହେବାରୁ ପ୍ରକୃତି ରାଣୀ ଶିମିଳିପାଳ ରେ ଲାଗିଥିବା ନିଆଁ ଆୟତ ହୋଇଥିଲା । ଆଜିର ଏହି ଆଲୋଚନାରେ ବନାଗ୍ନି ନିୟନ୍ତ୍ରଣ ଦିଗରେ ପୂର୍ବପ୍ରସ୍ତୁତି ନେବା ସହ ସଜାଗ ହେବା ପାଇଁ ଭଞ୍ଜସେନା ପ୍ରତିନିଧୀ ମଣ୍ଡଳୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଆଜିର ଏହି ଆଲୋଚନା ସଭାରେ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତିଙ୍କ ସମେତ ଓବିସି ସେଲ୍ ସଭାପତି ରାକେଶ୍ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର୍ ପାଲ୍, ଉପ ସଭାପତି ଜିତୁ ଶିବାନନ୍ଦ, ଯୁବ ସଭାପତି ମାନସ୍ ବେହେରା, ବାରିପଦା ଉପଖଣ୍ଡ ସଭାପତି ତଥା ମୁଖପାତ୍ର ଜ୍ୟୋତିରଞ୍ଜନ୍ ପୃଷ୍ଟି, ଛାତ୍ର ସଭାପତି ସୌମ୍ୟରଞ୍ଜନ ମିଶ୍ର, ଯୁବ ଛାତ୍ର ସଂଯୋଜକ ଏସ୍.କେ ରାଜା ଖାନ୍, ସହର ସଭାପତି ପ୍ରିତମ୍ ପଣ୍ଡା, ବାରିପଦା ଉପଖଣ୍ଡ ଉପସଭାପତି ବୀରେନ୍ଦ୍ର ନାଥ, ସାଂଗଠାନିକ ସମ୍ପାଦକ ଧନଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏବଂ ଏ ସମ୍ବନ୍ଧରେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଟ୍ୱିଟର ମାଧ୍ୟମରେ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ, ମୟୂରଭଞ୍ଜ ଜିଲ୍ଲାପାଳ, ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ,ବିଜୁ ଜନତା ଦଳ ପର୍ଯ୍ୟବେଖ୍ୟକ ପ୍ରମୁଖଙ୍କୁ ଟ୍ୱିଟ କରି ଜଣାଇଛନ୍ତି ।

# ଶବ୍ଦ ପ୍ରଦୂଷଣ କରୁଥିବା ୫୧ଟି ଗାଡି ସାଇଲେନ୍ସର ଜବତ

ଭୁବନେଶ୍ୱର, ୧୫/୦୩ (ନି.ପ୍ର): ସହରରେ ବିକଟାଳ ଶବ୍ଦ କରୁଥିବା ବୁଲେଟ ସାଇଲେନସର ଜବତ ପାଇଁ କମିଶନରେଟ୍ ପୋଲିସ୍ ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ଗାଡି ପାର୍ଟସ୍ ସୋ ରୁମ୍ ରେ ଚଢାଉ କରାଯାଇଛି। ଚଢାଉ ବେଳେ ପୋଲିସ୍ ୫୧ଟି ସାଇଲେନ୍ସର ଜବତ କରିଛି। କମିଶନରେଟ୍ ପୋଲିସ୍ ର ଏକ ସ୍ୱତନ୍ତ୍ର ଟିମ୍ ପଟିଆ ଛକରେ ଥିବା ବନଦୁର୍ଗା କାଇନେଟିକ ୱାଲର୍ଡ , ଅରମାନ ବାଇକ ୱାଲର୍ଡ ସ୍ପେଆର୍ ପାର୍ଟସ ସୋରୁମରେ ଚଢ଼ାଉ କରିଛି। ପଟିଆ ବନଦୁର୍ଗା କାଇନେଟିକ ୱାଲର୍ଡରୁ ୨୧ଟି ଓ ଡମଣା ଅରମାନ ବାଇକ ୱାଲର୍ଡରୁ ୩୦ଟି ବିକଟାଳ ଶବ୍ଦ କରୁଥିବା ସାଇଲେନସର ଜବତ କରିଛି କମିଶନରେଟ୍ ପୋଲିସ୍ । ସୂଚନାଯୋଗ୍ୟ, ଏଭଳି ବିକଟାଳ ଶବ୍ଦ କରୁଥିବା ବାଇକ ଓ ବୁଲେଟ ଚଲାଇବା ଉପରେ କମିଶନରେଟ୍ ପୋଲିସ୍ ରୋକ ଲଗାଇ ଥିଲା । ଏହି ପରିପ୍ରେକ୍ଷୀରେ କିଛି ଦିନ ହେବ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ରାଜଧାନୀରେ କିଛି ଗାଡ଼ି ଜବତ ବି ହୋଇଥିଲା। ଏବେ ବିକଟାଳ ଶବ୍ଦ କରୁଥିବା ସାଇଲେନସର ବିକ୍ରି ଉପରେ ରୋକ ଲଗାଇବାକୁ କମିଶନରେଟ୍ ପୋଲିସ୍ ଉଦ୍ୟମ ଆରମ୍ଭ କରିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo